R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୭ ୯

ତିଥି : ତୃତୀୟା

୨୩ ଡିସେମ୍ବର ୨୦୨୫, ମଙ୍ଗଳବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 79
23 Dec 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

DSPL-433



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ୧୧୧ କୋଟି ଟଙ୍କା ବିନିଯୋଗରେ ନୂତନ ୪୨୮ଟି ୧୦୮ - ଆମ୍ବୁଲାନ୍ସ ଯାନର ପ୍ରାବଧାନ

ମୁଖ୍ୟମନ୍ତ୍ରୀ

## ଶ୍ରୀ ମୋହନ ଚରଣ ମାଝୀଙ୍କ

କରକମଳରେ

## ପ୍ରଥମ ପର୍ଯ୍ୟାୟରେ ୧୫୦ ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ

**ଗରିମାମୟ ଉପସ୍ଥିତି**

**ଡ. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର -ଭୁବନେଶ୍ୱର

୨୩ ଡିସେମ୍ବର ୨୦୨୫ | ପୂର୍ବାହ୍ନ ୧୧.୩୦ ଘଟିକା | କଳିଙ୍ଗ ଷ୍ଟାଡିୟମ୍

OIPR: 10084/13/0050/2526

### ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ନମ୍ବର - ୧୦୮

ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ଗର୍ଭବତୀ ଏବଂ ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ବିନା ଖର୍ଚ୍ଚରେ ଜରୁରୀକାଳୀନ ଚିକିତ୍ସା ଓ ସରକାରୀ ଡାକ୍ତରଖାନାକୁ ଯିବା ପାଇଁ ଟୋଲ ଫ୍ରୀ ନମ୍ବର - ୧୦୮କୁ ଫୋନ୍ କରି ଆମ୍ବୁଲାନ୍ସ ସେବାର ସୁଯୋଗ ନିଅନ୍ତୁ।




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ଆଜି ଜନ୍ମଦିନ



# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ

ଜଣେ ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ଓଡ଼ିଶୀ ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କବିଚନ୍ଦ୍ର କାଳୀଚକଣ ପଟ୍ଟନାୟକଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ । ଏହାସହ ସେ ଆଧୁନିକ ମଞ୍ଚ ନାଟକ ମଧ୍ୟ ଲେଖୁଥିଲେ । ୧୯୨୯ ମସିହାରେ ସାକ୍ଷୀଗୋପାଳ ନାଟକ ସଂଘ ଓ ୧୯୩୯ରେ ଓଡ଼ିଶା ଥିଏଟର୍ସ ନାମରେ ଏକ ରଙ୍ଗମଞ୍ଚ ଗଠନ କରି ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନାଟକ ଗାର୍ଲ ସ୍କୁଲ (୧୯୩୯) ଓଡ଼ିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲା । ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା । ଏହି ମହାନ ବ୍ୟକ୍ତିତ୍ୱଙ୍କର ଜନ୍ମ ୧୮୯୭ ଡିସେମ୍ବର ୨୩ ତାରିଖରେ ବାଙ୍କୀ ସହର ଉପକଣ୍ଠ ଖମାରଙ୍ଗ ଗ୍ରାମରେ ହୋଇଥିଲା । ତାଙ୍କର ପ୍ରାଥମିକ ଶିକ୍ଷା ସେ ଟର୍ଚ୍ଚିକା ପ୍ରାଥମିକ ବିଦ୍ୟାଳରେ ଶେଷକରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା ମହାବିଦ୍ୟାଳୟରୁ ସେ ନିଜର ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ତାଙ୍କର ଆଗ୍ରହ ଜନ୍ମିଥିଲା । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ 'କଳଙ୍କ ଭଞ୍ଜନମାଳା' ନାଟକ ରଚନା କରିଥିଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ସେ ପ୍ରଥମ କବିତା ଲେଖିଥିଲେ । ଆଇ.ଏ. ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା 'ପ୍ରତିଶୋଧ' । ସେ ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ଅନେକ ନୃତ୍ୟ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ ଓ କବିତା ଆଦି ରଚନା କରିଛନ୍ତି । ଏହି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କର ଦେହାନ୍ତ ୨୪ ଜୁଲାଇ ୧୯୭୮ରେ ହୋଇଥିଲା ।

## ଇତିହାସ

୧୮୯୪ – ରବିନ୍ଦ୍ରନାଥ ଟାଗୋର ପଶ୍ଚିମବଙ୍ଗର ଶାନ୍ତିନିକେତନରେ ପୁଷ ମେଳାର ଉଦ୍‌ଘାଟନ କଲେ ।
୧୯୧୨ – ନୂଆଦିଲ୍ଲୀକୁ ରାଜଧାନୀ ଘୋଷଣା କରିବା ସମୟରେ ଭାଇସରାୟ ଲର୍ଡ ହାର୍ଡିଂ ଦ୍ୱିତୀୟ ହାତୀ ଉପରେ ବସି ସହରରେ ପ୍ରବେଶ କଲେ । ଏହି ସମୟରେ ଏକ ବୋମା ବିସ୍ଫୋରଣ କାରଣରୁ ସେ ଆହତ ହେଲେ ।
୧୯୧୪ – ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ସେନା ଇଜିପ୍ଟର ରାଜଧାନୀ କାହିରାରେ ପହଞ୍ଚିଲେ ।
୧୯୨୧ – ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ ।
୧୯୨୨ – ବିବିସି ରେଡିଓ ଦୈନିକ ସମାଚାର ପ୍ରସାରଣ ଆରମ୍ଭ କଲା ।
୧୯୫୪ – ବୋଷ୍ଟନରେ ଦୁଇଜଣ ଜୀବିତ ଲୋକଙ୍କଠାରେ ପ୍ରଥମକରି ସଫଳ କିଡନୀ ପ୍ରତ୍ୟାରୋପଣ ହେଲା ।
୧୯୬୮ – ପାଣିପାଗ ସମ୍ବନ୍ଧିତ ଦେଶର ପ୍ରଥମ ରକେଟ୍ ମେନକାର ସଫଳ ପ୍ରକ୍ଷେପଣ ।
୧୯୬୯ – ଚନ୍ଦ୍ରପୃଷ୍ଠରୁ ଅଣାଯାଇଥିବା ପଥରକୁ ଦିଲ୍ଲୀରେ ଆୟୋଜିତ ଏକ ପ୍ରଦର୍ଶନୀରେ ରଖାଗଲା ।
୨୦୦୩ – ଗାଜା ଘାଟି ଉପରେ ଇସ୍ରାଏଲର ଆକ୍ରମଣ ।

## ହ୍ୱିଲ ଚେୟାରରେ ଅନ୍ତରୀକ୍ଷ

ଜର୍ମାନୀର ଜଣେ ମହାକାଶ ଚାରୀ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ଇଞ୍ଜିନିୟର ମିକେଲା ବେଣ୍ଟୋସ ହ୍ୱିଲଚେୟାରରେ ବସି ଅନ୍ତରୀକ୍ଷରେ ପହଞ୍ଚିଛନ୍ତି । ତେବେ ସୂଚନା ଅନୁସାରେ ମିକେଲା ହେଉଛନ୍ତି ଦୁନିଆର ପ୍ରଥମ ମହାକାଶଚାରୀ ଯିଏ ଏଭଳି ଅନ୍ତରୀକ୍ଷ ଯାତ୍ରା କରିଛନ୍ତି । ତେବେ ତାଙ୍କର ସାତବର୍ଷ ପୂର୍ବେ ଏକ ବାଇକ ଦୁର୍ଘଟଣାରେ ମେରୁଦଣ୍ଡ ହାଡ ଭାଙ୍ଗି ଯାଇଥିଲା । ଏହି କାରଣରୁ ତାଙ୍କୁ ହ୍ୱିଲ ଚେୟାରରେ ବସିବାକୁ ପଡୁଛି । ତେବେ ନିଜର ଅନ୍ତରୀକ୍ଷ ଯିବାର ଇଚ୍ଛାକୁ ସେ ଏହି ଦୁର୍ଘଟଣା କାରଣରୁ ଦବିବାକୁ ଦେଇନଥିଲେ । ଅନେକ ପ୍ରଚେଷ୍ଟା ପରେ ସେ ଜାଣିବାକୁ ପାଇଥିଲେ କି ଦିବ୍ୟାଙ୍ଗମାନେ ମଧ୍ୟ ମହାକାଶ ଯାଇପାରୁଛନ୍ତି । ସେ ଏଥିପାଇଁ କମ୍ପାନୀ ବ୍ଲୁ ଅରିଜିନକୁ ଯୋଗାଯୋଗ କରିଥିଲେ । ଏହାପରେ ସେ ଅନ୍ତରୀକ୍ଷକୁ ନିଜ ଅନ୍ୟ ୬ଜଣ ସହଯାତ୍ରୀଙ୍କ ସହିତ ୧୦ ମିନିଟ ପାଇଁ ଯିବାରେ ସଫଳ ହୋଇଥିଲେ । ମିକେଲା ନିଜର ହ୍ୱିଲ ଚେୟାର ସହିତ ସ୍ପେସକ୍ରାଫ୍ଟ କ୍ୟାପସୁଲରେ ଏହି ଯାତ୍ରା ସମାପ୍ତ କରିଛନ୍ତି । ମିକେଲାଙ୍କର ଏହି ଐତିହାସିକ ଯାତ୍ରାକୁ ନେଇ ସୋସିଆଲ ମିଡିଆରେ ଖୁବ ଆଲୋଚନା ହେଉଥିବା ଦେଖିବାକୁ ମିଳୁଛି ।




## ସୋସିଆଲ କୋଟ୍ସ



"ଅନ୍ୟକୁ ସାହାଯ୍ୟ କରିବା ଠାରୁ ଅଧିକ ପୂଣ୍ୟ କାମ କିଛି ନାହିଁ । ଏହି ଆବଶ୍ୟକ କରୁଥିବା ଲୋକଙ୍କର କିଛି କାମରେ ଆସିପାରିଥିବାରୁ ମୁଁ ଖୁବ ଖୁସି ।
ବାଦଶାହ, ରାପର

"୬୩ ବର୍ଷରେ କୋର୍ଟ ଯିବା ଖୁବ ଦୁଃଖ ଦାୟକ । ପାଖାପାଖି ୩୧ ବର୍ଷ ପରେ କୋର୍ଟରେ ମୁଁ ସାନୁଙ୍କ ସହିତ ଦେଖାହେବି । ତାଙ୍କ ନୋଟିସ ମୋତେ ଖୁବ ଦୁଃଖ ଦେଇଛି ।
ରିତା ଭଟ୍ଟାଚାର୍ଯ୍ୟ, କୁମାର ସାନୁଙ୍କ ପୂର୍ବପତ୍ନୀ





"ଯେଉଁ ଅଭିନେତ୍ରୀଙ୍କୁ ରିପ୍ଲେସ କରାଯାଇଛି ସିଏ ପାଖାପାଖି ୧୦ ବର୍ଷ ଧରି ଲୋକଙ୍କର ମନୋରଞ୍ଜନ କରିଛନ୍ତି । ତେଣୁ ପୂର୍ବ ଅଭିନେତ୍ରୀ ବର୍ତ୍ତମାନ ତାଙ୍କୁ ସମାଲୋଚନା କରିବା ଠିକ ନୁହେଁ ।
ସୌରଭ ରାଜ ଜୈନ, ଅଭିନେତା

## ସୋସିଆଲ ମିଡିଆରେ ଟ୍ରୋଲ

ନିକଟରେ ପପୁଲାର ୟୁଟ୍ୟୁବର ଧ୍ରୁବ ରାଠି ଧୁରନ୍ଧର ଫିଲ୍ମକୁ ନେଇ ଆଲୋଚନା କରୁଥିବାର ଭିଡିଓ ଦେଖିବାକୁ ମିଳିଥିଲା । ତେବେ ଏହି ଭିଡିଓ ଉପରେ ଅଭିନେତ୍ରୀ ଦେବୋଲିନା ଭଟ୍ଟାଚାର୍ଯ୍ୟଙ୍କର କମେଣ୍ଟକୁ ନେଇ ଖୁବ ଆଲୋଚନା ହେଉଥିବାର ନଜରକୁ ଆସିଛି । ଦେବୋଲିନା ଧ୍ରୁବଙ୍କୁ ବାରମ୍ବାର ଧୁରନ୍ଧର ଫିଲ୍ମ ଉପରେ ଆଲୋଚନା ନକରିବାକୁ ପରାମର୍ଶ ଦେବା ସହିତ ବାଙ୍ଗଲାଦେଶ ସମସ୍ୟା ଉପରେ କେବେ ଆଲୋଚନା କରିବେ ବୋଲି ଧ୍ରୁବଙ୍କୁ ପ୍ରଶ୍ନ କରିଛନ୍ତି । ତେବେ ଦେବୋଲିନାଙ୍କର ଏଭଳି କମେଣ୍ଟକୁ ୟୁଜର୍ସ ଟ୍ରୋଲ କରୁଥିବାର ଦେଖିବାକୁ ମିଳୁଛି । ୟୁଜର୍ସ ଧ୍ରୁବଙ୍କର ସମର୍ଥନ କରୁଥିବା ଦେଖିବାକୁ ମିଳୁଛି । ଏଥିରେ ସେ ଦେବୋଲିନାଙ୍କୁ ସମାଲୋଚନା କରୁଛନ୍ତି । ଧ୍ରୁବରାଠି ଜଣେ ୟୁଟ୍ୟୁବର ତେଣୁ ସେ କଣ ପାଇଁ ବାଙ୍ଗଲାଦେଶ ସମସ୍ୟାରେ ମୁହଁ ଖୋଲିବେ ବୋଲି ୟୁଜର୍ସ ପ୍ରଶ୍ନ ପଚାରୁଥିବା ଦେଖିବାକୁ ମିଳୁଛି । ସେହିଭଳି ଦେବୋଲିନା ନିଜକୁ ମାଇଲେଜ ଦେବା ପାଇଁ ଏଭଳି ପୋଷ୍ଟ କରୁଥିବାନେଇ କିଛି ଲୋକ ମନ୍ତବ୍ୟ ମଧ୍ୟ ଦେଉଛନ୍ତି ।



## ମାଛ ବେସର

ସାମଗ୍ରୀ – ମାଛ ୧କେଜି, ଆଳୁ ୫୦୦ ଗ୍ରାମ, ପିଆଜ ୨୫୦ ଗ୍ରାମ, ରସୁଣ ୨ ବୁଦା, ଅଦା ଏକ ଖଣ୍ଡ, ଧନିଆ, ପାନ ମଧୁରୀ,ଜିରା, ଶୁଖିଲା ଲଙ୍କା, ଟମାଟୋ ୨୫୦ ଗ୍ରାମ, ସୋରିଷ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ମିଟ ମସଲା, ଗୋଟା ଗରମ ମସଲା, ଡାଲଚିନି, ଗୁଜୁରାତି ।

ପ୍ରଣାଳୀ – ପ୍ରଥଣେ ଆଳୁକୁ ଚୋପା ଛଡାଇ ସିଝାଇ ନିଅନ୍ତୁ । ମାଛକୁ ରସୁଣ ଛେଚା ଦେଇ ଖରଡି ରଖନ୍ତୁ । ସୋରିଷକୁ ବାଟି ରଖନ୍ତୁ । ଏହାପରେ ଏକ ମୋଟା ପାତ୍ରରେ ସୋରିଷ ତେଲ ଗରମ କରି ଏଥିରେ ଗୋଟା ଗରମ ମସଲା ପକାନ୍ତୁ । ଅଳ୍ପ ସମୟ ପରେ ଏଥିରେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ଭଲ କରି ଭାଜିହେବା ପରେ ଏଥିରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ । ମସଲାରୁ ତେଲ ଛାଡି ଆସିବା ବେଳକୁ ଧନିଆ, ପାନମଧୁରୀ ଓ ଶୁଖିଲା ଲଙ୍କାର ବଟା ମସଲା ପକାନ୍ତୁ । ଏହି ମସଲାକୁ ଭଲକରି କଷନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଓ ଲୁଣ ପକାଇ କଷନ୍ତୁ । ମସଲାରୁ ତେଲ ଛାଡି ଆସିଲେ ଏଥିରେ ଅଳ୍ପ ପାଣି ଓ ଟମାଟୋକଟାକୁ ପକାନ୍ତୁ । ଏହି ମିଶ୍ରଣକୁ ଭଲ କରି କଷନ୍ତୁ । ଏହାପରେ ଏଥିରେ ମାଛ ପକାଇ ଭାଜନ୍ତୁ । ମାଛ ପକାଇ ଅଳ୍ପ ସମୟ ଭାଜିବା ପରେ ଏଥିରେ ସିଝା ଆଳୁକୁ ଅଳ୍ପଅଳ୍ପ ଚକଟି ଦେଇ ଦିଅନ୍ତୁ । ଏହାପରେ ଏଥିରେ ଆବଶ୍ୟକ ଅନୁଯାୟୀ ପାଣି ଓ ସୋରିଷ ବଟାକୁ ଦିଅନ୍ତୁ । ସମସ୍ତ ମିଶ୍ରଣକୁ ଭଲକରି କିଛି ସମୟ ପାଇଁ ଫୁଟାନ୍ତୁ । ଏହା ଭଲକରି ଫୁଟିବା ପରେ ଏଥିରେ ଶେଷରେ ଧନିଆପତ୍ର, ଗୁଜୁରାତି ଓ ଡାଲଚିନି ବଟା ଦେଇଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ମାଛ ବେସର ।

ଓଡ଼ିଆ ରୁଚି



## ସିଜନାଲ ମାଇଗ୍ରେନ୍

ସବୁବେଳେ ଋତୁ ପରିବର୍ତ୍ତନ କିଛି ନା କିଛି ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସିଥାଏ । ସେହିଭଳି ଏକ ସ୍ୱାସ୍ଥ୍ୟା ସମସ୍ୟା ହେଲା ସିଜନାଲ ମାଇଗ୍ରେନ । ଏହି ସମସ୍ୟା କେବଳ ଋତୁ ପରିବର୍ତ୍ତନ ସମୟରେ ହିଁ ଅନୁଭୂତ ହୋଇଥାଏ । ଯେଉଁମାନେ ତାପମାତ୍ରା, ହ୍ୟୁମିଡିଟି, ଅତ୍ୟଧୀକ ଥଣ୍ଡା ଆଦି ପାଇଁ ସେନ୍ସିଟିଭ୍ ଥାଆନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ମାଇଗ୍ରେନ୍ ଆଟାକ ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ । ଏହି ସିଜ୍‌ନାଲ ମାଇଗ୍ରେନ କାରଣରୁ ଲଗାତାର ମୁଣ୍ଡ ବିନ୍ଧା ହୋଇଥାଏ, ଯାହା ଫଳରେ ଅନ୍ୟ ସମସ୍ତ କଥା ବାଧାପ୍ରାପ୍ତ ହୋଇଥାଏ । ଏହି ସମସ୍ୟାର ନିଦ୍ରା ହିନତା ଏକ ପ୍ରମୁଖ ଲକ୍ଷଣ । ତେବେ ଏହି ସମସ୍ୟାକୁ ଦୂରେଇବା ପାଇଁ ଅଧିକ ପାଣି ପିଅନ୍ତୁ , ହାଇଡ୍ରେଟ ରହିବା ଦ୍ୱାରା ଏଥିରୁ ମୁକ୍ତି ମିଳିଥାଏ । ସେହିଭଳି ଷ୍ଟ୍ରେସକୁ ମ୍ୟାନେଜ କରିବା ଶିଖନ୍ତୁ । ଷ୍ଟ୍ରେସ ଏହି ରୋଗର ମୁଖ୍ୟ ଶତ୍ରୁ ହୋଇଥାଏ । ସେହିଭଳି ଋତୁ ପରିବର୍ତ୍ତନ ବିଷୟରେ ଆଲର୍ଟ ରୁହନ୍ତୁ, ଯାହା ଫଳରେ ମାଇଗ୍ରେନ୍‌ର ଲକ୍ଷଣକୁ ଚିହ୍ନି ପାରିବେ ।



## ଆଜିର ପଞ୍ଜିକା

ପୌଷ ଶୁକ୍ଳ ଚତୁର୍ଥୀ
ତା୨୩–୧୨–୨୦୨୫ ମଙ୍ଗଳବାର

ମେଷ– କାର୍ଯ୍ୟକ୍ଷେତ୍ରେ ସହଯୋଗ, ବ୍ୟବସାୟରେ ଉନ୍ନତି ଗୃହରେ ମାଙ୍ଗଳିକ ଉତ୍ସବ, ଶତ୍ରୁନାଶ, ବିଦ୍ୟାପ୍ରାପ୍ତି, ମନରେ ପ୍ରସନ୍ନତା, ନୂତନ କାର୍ଯ୍ୟରେ ଖୁସି, ବନ୍ଧୁସହଯୋଗ, ଦୂରଯାତ୍ରା, ଯାନବାହନରେ ସତର୍କ, ଉଚ୍ଚପଦବୀ ଲାଭ, ଭରଣି ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଲାଲ, ସଂଖ୍ୟା–୭, ଆରାଧନା–ମହାଲକ୍ଷ୍ମୀ ।

ବୃଷ– ପିଲାଙ୍କ ଚିନ୍ତା, କର୍ମକ୍ଷେତ୍ରେ ବାଧା, ବନ୍ଧୁମନାନ୍ତର, ଅଯଥା ଖର୍ଚ୍ଚାନ୍ତ, ଅପନିନ୍ଦା, ମଙ୍ଗଳ ଉତ୍ସବ, ସମ୍ମାନରେ ବାଧା, ମାନସିକ ଅସ୍ଥିରତା, ଧନପ୍ରାପ୍ତିରେ ବିଳମ୍ବ, ଶତ୍ରୁଙ୍କ ସହଯୋଗ, ଜମିଜମା ବିବାଦ ସମାଧାନ, ଶରୀର ଅସୁସ୍ଥ, ରୋହିଣୀ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ, ଧଳା, ଶୁଭସଂଖ୍ୟା–୫, ଆରାଧନା–ମା ମଙ୍ଗଳା ।

ମିଥୁନ– ମାନସିକ ଅସ୍ଥିରତା, ଶରୀର ଅସୁସ୍ଥ, କର୍ମକ୍ଷେତ୍ରେ ଅଳ୍ପ ଲାଭ, ବ୍ୟବସାୟରେ ମଧ୍ୟମ ଲାଭ, ଅଯଥା ଚିନ୍ତା, ଆକସ୍ମିକ ଲାଭ, ମୋକଦ୍ଦମାରେ ପଡ଼ିପାରନ୍ତି, ଦୂରସ୍ଥାନକୁ ଯାତ୍ରା, ସ୍ୱାଦିଷ୍ଟ ଭୋଜନ, ପିଲାଙ୍କ ଚିନ୍ତା, ବନ୍ଧୁବିରୋଧ, ପୁନର୍ବସୁ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଗୋଲାପି, ଶୁଭସଂଖ୍ୟା–୪, ଆରାଧନା–ମା ବଗଳାମୁଖି ।

କର୍କଟ– ମାନସମ୍ମାନ ମିଳିବ, କାର୍ଯ୍ୟକ୍ଷେତ୍ରେ ଉଚ୍ଚପ୍ରଶଂସା, ତୀର୍ଥାଟନ, ଶତ୍ରୁ ପରାଜିତ, ବନ୍ଧୁସହଯୋଗ, ଭୂସମ୍ପତ୍ତି ଲାଭ, ବ୍ୟବସାୟରେ ଉନ୍ନତି, ବିବାଦରୁ ମୁକ୍ତି, ଶୁଭକାର୍ଯ୍ୟେ ଧନଖର୍ଚ୍ଚ, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ବିଦ୍ୟାଲାଭ, ପୂର୍ବାଫାଲ୍‌ଗୁନି ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ନିଳ, ଶୁଭସଂଖ୍ୟା–୧, ଆରାଧନା–ମା ବିମଳା ।

ସିଂହ– ଅର୍ଥଲାଭ, ବ୍ୟବସାୟିକ ଉନ୍ନତି, ଶତ୍ରୁ ପରାଜିତ, ନୂତନ କର୍ମେ ଆନନ୍ଦ, ବନ୍ଧୁ ସହଯୋଗ, ଗୁପ୍ତଶତ୍ରୁ, କାର୍ଯ୍ୟକ୍ଷେତ୍ରେ ବିପଦ, ପୁରାତନ ରୋଗରେ ଆକ୍ରାନ୍ତ, ବହୁ ପରିଶ୍ରମେ ଅଳ୍ପ ଲାଭ, ପାରିବାରିକ ଖୁସି, ଯାନବାହନରେ ସତର୍କ, ମଘାସିଂହ ସତର୍କ ରହିବେ, ଶୁଭରଙ୍ଗ–ଗୋଲଡେ଼ନ, ଶୁଭସଂଖ୍ୟା–୬, ଆରାଧନା–ଶ୍ରୀଜଗନ୍ନାଥ ।

କନ୍ୟା– ସମ୍ପର୍କ ହାନି, ମୋକଦ୍ଦମାରେ ପଡ଼ିବେ, ଉଚ୍ଚଆଶା ବିଳମ୍ବ, ଶତ୍ରୁ କଷ୍ଟ, ଲାଭ କମ୍, ଖର୍ଚ୍ଚ ଅଧିକ, ମାନସିକ ଯନ୍ତ୍ରଣା ବନ୍ଧୁରେ ବିଦ୍ରୋହ, ନୂତନ କାର୍ଯ୍ୟ ଆରମ୍ଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ, ଦେବକାର୍ଯ୍ୟରେ ମନରହିବ, ହସ୍ତା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ନାଲି, ଶୁଭସଂଖ୍ୟା–୫, ଆରାଧନା–ମା ତ୍ରିପୁରାସୁନ୍ଦରୀ ।

ତୁଳା– ସମ୍ପଦ ବୃଦ୍ଧି, ଆକସ୍ମିକ ଧନଲାଭ, ବିବାଦ ସମାଧାନ, ଗୃହେ ଶାନ୍ତି, ଦୂରସ୍ଥାନକୁ ଯାତ୍ରା, ଶରୀର ଅସୁସ୍ଥ, ପଦସ୍ଥ ଅଧିକାରୀଙ୍କ ସହ ସୁସମ୍ପର୍କ, ଅତିଥିଆଗମନ, ଶତ୍ରୁ ରହିବେ, ବିଦ୍ୟାରେ ଉନ୍ନତି, ବିଶାଖା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ମେରୁନ, ଶୁଭସଂଖ୍ୟା–୪, ଆରାଧନା–ମା ଭଗବତୀ ।

ବିଛା– ଆକସ୍ମିକ ଲାଭ, ଉଚ୍ଚପଦବୀ ପ୍ରାପ୍ତି, ଶୁଭଖବର, ପାରିବାରିକ ସହଯୋଗ, ମୋକଦ୍ଦମାରେ ବିଜୟ, ଗୃହେ ଉତ୍ସବ, ସୁସମ୍ବାଦ ପ୍ରାପ୍ତି, ବ୍ୟବସାୟରେ ଉନ୍ନତି, ଶତ୍ରୁ ପରାଜିତ, ଅଧିକ ପରିଶ୍ରମ, ଅନୁରାଧା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ହଳଦୀ, ଶୁଭସଂଖ୍ୟା–୭, ଆରାଧନା– ପ୍ରଭୁ ଜଗନ୍ନାଥ ।

ଧନୁ– ଚକ୍ଷୁରେ ଆଘାତ, ଗୃହେ ଅଶାନ୍ତି, ବ୍ୟବ୍ୟସାୟ ମଧ୍ୟମ, ଅଶୁଭ ଖବର, ସମ୍ମାନ ହାନି, ଜମି ଗଣ୍ଡଗୋଳ, ଶୁଭକାର୍ଯ୍ୟେ ବିଳମ୍ବ, ଅଳସୁଆପଣ, କର୍ମକ୍ଷେତ୍ରେ ଲାଭ, ନୂତନ ବ୍ୟବସାୟ, ଅର୍ଥ ଖର୍ଚ୍ଚ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ମେରୁନ, ଶୁଭସଂଖ୍ୟା–୭, ଆରାଧନା– ପିତାମାତାଙ୍କ ସେବା ।

ମକର– କାର୍ଯ୍ୟକ୍ଷେତ୍ରେ ବିଳମ୍ବ, ସମ୍ମାନ ମିଳିବ, ଅର୍ଥପ୍ରାପ୍ତି, ଭୂସମ୍ପତ୍ତି ଲାଭ, ତୀର୍ଥାଟନ, ବିଦ୍ୟାଲାଭ, ଉଚ୍ଚପଦବୀ ପ୍ରାପ୍ତି, ଶରୀର ସୁସ୍ଥ, ଶତ୍ରୁରେ ବିଜୟ, ଶ୍ରବଣା ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ନୀଳ, ଶୁଭସଂଖ୍ୟା–୧, ଆରାଧନା–ମହାଲକ୍ଷ୍ମୀ ।

କୁମ୍ଭ– ଅର୍ଥସମସ୍ୟା, କାର୍ଯ୍ୟକ୍ଷେତ୍ରେ ବିଳମ୍ବ, ଶତ୍ରୁ ରହିବେ, ସମ୍ମାନରେ ବାଧା, ଶାରୀରିକ ସମସ୍ୟା, ଅର୍ଥନେଇ ବିବାଦ, ପାରିବାରିକ ଖୁସି, କିଛି କିଣାକିଣି କରିବେ, ମିଷ୍ଟାନ୍ନ ପ୍ରାପ୍ତି, ନୂତନ ଖବରରେ ବିଳମ୍ବ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ବାଇଗଣି, ଶୁଭସଂଖ୍ୟା–୨, ଆରାଧନା–ଭଗବାନ ଶଙ୍କର ।

ମୀନ– କାର୍ଯ୍ୟକ୍ଷେତ୍ରେ ପ୍ରଶଂସିକ, ଉଚ୍ଚସମ୍ମାନ, କୋଟ ମାମଲାରେ ବିଜୟ, ଶତ୍ରୁ ପରାଜିତ, ଧନ ଆଦାୟ, ଶୁଭକାର୍ଯ୍ୟେ ଖର୍ଚ୍ଚ, ଅତିଥି ସତ୍କାର, ବନ୍ଧୁଦର୍ଶନ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ମାନସମ୍ମାନ ଲାଭ, କାର୍ଯ୍ୟବ୍ୟସ୍ତତା, ରେବତୀ ନକ୍ଷତ୍ର ସତର୍କ ରହିବେ, ଶୁଭରଙ୍ଗ–ଧଳା, ଶୁଭସଂଖ୍ୟା–୧୧, ଆରାଧନା–କୁବେର ଭଗବାନ ।

ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୭୯
ତିଥି : ତୃତୀୟା
୨୩ ଡିସେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 79
23 December 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି



■ ପ୍ରତିବର୍ଷ ୧୬୬୭ ଭାରତୀୟଙ୍କୁ ଭିସା

■ ରପ୍ତାନୀ ଉପରେ ଲାଗୁ ହେବନି ଶୁଳ୍କ

■ ୩ ବର୍ଷ ଲାଗି ସ୍ଥାୟୀ ଭାବେ ରହିବାକୁ ଅନୁମତି

ନୂଆଦିଲ୍ଲୀ, ୨୨।୧୨ : ଭାରତ ଓ ନ୍ୟୁଜଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ସ୍ୱାକ୍ଷରିତ ହୋଇଛି । ଫଳରେ ସୀମା ପାର ଯତାୟାତ, ପ୍ରବେଶ ପାଇଁ ନୂଆ ସୁଯୋଗ ଓ ଭାରତୀୟ ବୃତ୍ତିଧାରୀଙ୍କୁ ନିଯୁକ୍ତି, ବାସିନ୍ଦା ଏବଂ ଛାତ୍ର ଓ ଯୁବକମାନଙ୍କୁ ମଧ୍ୟ ଏହା ବେଶ୍ ସହାୟକ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ନ୍ୟୁଜଲାଣ୍ଡ ପ୍ରଧାନମନ୍ତ୍ରୀ କିଷ୍ଟୋଫର ଲକ୍ସନ ଫୋନ ଯୋଗେ ଆଲୋଚନା କରିଛନ୍ତି । ଉଭୟ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଏହି ଐତିହାସିକ ମହତାଂକ୍ଷି ଓ ପାରସ୍ପାରିକ ଭାବେ ଲାଭ ଦାୟକ । ଉଭୟ ଦେଶର ଏଫଟିଏ ସର୍ମ୍ପକରେ ଘୋଷଣା କରିଛନ୍ତି ।

୨୦୨୫ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ଲକ୍ସସଙ୍କ ଭାରତ ଗସ୍ତ ଅବସରରେ ଆଲୋଚନା ହେବା ପରେ ଉଭୟ ପ୍ରତିନିଧି ଏହା ଉପରେ ସହମତି ହୋଇଥିଲେ କି । ୯ ମାସ ମଧ୍ୟରେ ଉକ୍ତ ଏଫଟିଏ ସମ୍ପନ୍ନ ହେବା ଓ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ କରିବା ଏକ ରାଜନୈତିକ ଦର୍ଶାଉଛି । ଏହି ଚୁକ୍ତି ଫଳରେ ଦୁଇପାକ୍ଷିକ ଆର୍ଥିକ ସମ୍ପର୍କ ସୁଦୃଢ ହେବ, ବଜାର ଉଲଲବ୍ଧିକାକୁ ବଢାଇବ ଓ ଉଭୟ ଦେଶର ରଣନୀତିର ସହଯୋଗକୁ ମଜବୁତ କରିବ । ଉଭୟ ଦେଶର ନବପ୍ରବର୍ତ୍ତକ, ଉଦ୍ୟମି କୃଷକ , ଲଘୁ ଏବଂ ମଧ୍ୟମ ଉଦ୍ୟୋଗି ଛାତ୍ର ଏବଂ ଯୁବକମାନଙ୍କୁ ନୂଆ ସୁଯୋଗ ଖୋଲିବ । ୧୫ ବର୍ଷରେ ନ୍ୟୁଜଲାଣ୍ଡ (୯ ପୃଷ୍ଠାରେ)

# ଓଡ଼ିଶା ହେବ ଦେଶର ଅଭିବୃଦ୍ଧି ଇଞ୍ଜିନ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨।୧୨ (ସବ୍ୟୁ) : ହାଇଦ୍ରାବାଦରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଓ ରୋଡଶୋରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶା ଭାରତର ସର୍ବବୃହତ ନିବେଶ କେନ୍ଦ୍ର ଭାବେ ପ୍ରତିଷ୍ଠା ହାସଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କହିଛନ୍ତି ।

ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନାଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହାଇଦ୍ରାବଦ ସମ୍ମିଳନୀରୁ ଏହା ସ୍ପଷ୍ଟ ହୋଇଛି ଯେ, ନିବେଶକ ମାନଙ୍କ ଓଡିଶା ପ୍ରତି ଦୃଢ ବିଶ୍ୱାସ ରହିଛି । ଦୁଇଦିନ ଧରି ବିଭିନ୍ନ ଶିଳ୍ପପତି ଓ ନିବେଶକ ମାନଙ୍କ ସହିତ ଆଲୋଚନା କରିବା ପରେ ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ବୋଲି ପ୍ରକାଶ କରି 'ଏହି ଅଭିଜ୍ଞତା ମୋ ପାଇଁ ଖୁବ୍ ସନ୍ତୋଷଜନକ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଦୁଇ ଦିନିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା ପ୍ରସଙ୍ଗରେ ମତଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିଳ୍ପକ୍ଷେତ୍ରରେ ବ୍ୟାପକ ସମ୍ଭାବନା ଠାରୁ ଏହାର ବାସ୍ତବ ରୂପାୟନ ପର୍ଯ୍ୟନ୍ତ ଓଡ଼ିଶାର ଶିଳ୍ପ ଯାତ୍ରା ଆଜି ଖୁବ୍ ମଜବୁତ୍ ହୋଇଛି । ସେ କହିଥିଲେ ଯେ ଶିଳ୍ପାୟନ କ୍ଷେତ୍ରରେ ଓଡିଶାର ସଫଳତାର ମୂଳରେ ରହିଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ତାଙ୍କ ମିଡାସ୍ ଟଚ୍ ବା ଯାଦୁକରୀ ସ୍ପର୍ଶ ହେଉଛି ଶିଳ୍ପାୟନରେ ଆମ ସଫଳ ଯାତ୍ରାର ବାସ୍ତବ ରହସ୍ୟ । (୯ ପୃଷ୍ଠାରେ)

# ପହିଲାରୁ ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ

ଭୁବନେଶ୍ୱର, ୨୨।୧୨ (ସବ୍ୟୁ) : ରାଜ୍ୟରେ ପ୍ରଦୂଷଣ ପ୍ରମାଣପତ୍ର ଏଣିକି କଡାକଡି ଯାଞ୍ଚ କରାଯିବ । ଜାନୁଆରୀ ପହିଲାରୁ ଏହି ଅଭିଯାନ ୩୧ ଯାଏଁ ଚାଲିବ । ଯେଉଁମାନଙ୍କର ବୈଧ ପିୟୁସି ନଥିବ ସେମାନଙ୍କୁ ପେଟ୍ରୋଲ- ଡିଜେଲ ମିଳିବ ନାହିଁ । ଆଜି ପରିବହନ ବିଭାଗ, ତୈଳ କମ୍ପାନୀ ଓ ଡିଲର୍ସଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ପରିବହନ କମିଶନର ଅମିତାଭ ଠାକୁର ଏହି ସୂଚନା ଦେଇଛନ୍ତି । ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ଓ ଡିଜେଲ ମିଳିବ ନାହିଁ ବୋଲି ସରକାର ଘୋଷଣା କରିବା ପରେ ଏହି ଯାନର ମାଲିକଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ଦିନ ରାତି ଖାଲି ପଡୁଥିବା ପ୍ରଦୂଷଣ ପ୍ରମାଣପତ୍ର କେନ୍ଦ୍ର ଯାଞ୍ଚରେ ଏବେ ନାହିଁ ନଥିବା ଭିଡ ଦେଖିବାକୁ ମିଳିଛି । ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଉଛି । ହଠାତ୍ ଏଭଳି ଯାଞ୍ଚ

## ୧୫ ଦିନ ଲାଗି କରାଯିବ ସଚେତନତା

## ଗାଡ଼ିରେ ଲଗାଯିବ ପ୍ରମାଣପତ୍ରର ଷ୍ଟିକର

## ଅଚାନକ ନିଷ୍ପତ୍ତି ଲାଗି ଜନଅସନ୍ତୋଷ

ନିଷ୍ପତ୍ତିକୁ ସହଜରେ ଗାଡ଼ି ମାଲିକମାନେ ଗ୍ରହଣ କରିପାରୁନାହାନ୍ତି ।

ବାୟୁର ଗୁଣବତା ଓ ସ୍ଥିତିକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି । ଏଥିଲାଗି ମଟର ଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନଗୁଡିକ ଉପରେ ଅଙ୍କୁଶ ଲଗାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପଦେକ୍ଷପ ନେଇଛି । ପ୍ରମାଣ ପତ୍ର ନଥିଲେ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ନଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ, (୯ ପୃଷ୍ଠାରେ)

## ଏସ୍ଆଇ ନିଯୁକ୍ତି ଘୋଟାଲା

# ବିହାରରୁ ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୨।୧୨ (ସବ୍ୟୁ) : ଏସ୍ଆଇ ନିଯୁକ୍ତି ଘୋଟାଲାରେ ସିବିଆଇ ବିହାରରୁ ଆଉ ଜଣକୁ ଗିରଫ କରିଛି । ରିମାଣ୍ଡ ଆସିଥିବା ସୁରେଶ ନାୟକ, ଶଙ୍କର ପ୍ରଷ୍ଟି ଓ ସାଗର ଗୌଡକୁ ଜେରାବେଳେ ମିଳିଥିବା ତଥ୍ୟ ଅନୁଯାୟୀ ବିହାରର ଅମିତ୍ ଭାରତୀକୁ ଗିରଫ କରାଯାଇଥିବା କୁହାଯାଉଛି । ଅନ୍ୟ ପକ୍ଷରେ ଘୋଟାଲାରେ ସମ୍ପୃକ୍ତ ଜଣେ ପୂର୍ବତନ ଆଇପିଏସ୍‌ଙ୍କୁ ସିବିଆଇ ହାଜର ହେବାକୁ ନୋଟିସ୍ କରିଛି ।

ଚାରିଦିନିଆ ରିମାଣ୍ଡରେ ଆସିଥିବା ସୁରେଶ ନାୟକ, ଶଙ୍କର ପ୍ରଷ୍ଟି ଓ ସାଗର ଗୌଡଙ୍କ ରିମାଣ୍ଡ ଅବଧି ସୋମବାର ଶେଷ ହୋଇଥିବାରୁ ତାଙ୍କୁ କୋର୍ଟରେ ହାଜର କରାଯିବା (୯ ପୃଷ୍ଠାରେ)

# ନୂଆ ୨୪ ଏନ୍ଏସି, ୫ ମ୍ୟୁନିସିପାଲଟି ଲାଗି ବିଜ୍ଞପ୍ତି

ଭୁବନେଶ୍ୱର, ୨୨।୧୨ (ସବ୍ୟୁ) : ରାଜ୍ୟର ୧୪ ଜିଲ୍ଲାରେ ୨୪ ନୂଆ ଏନଏସି ଏବଂ ୩ ଜିଲ୍ଲାରେ ୫ ନୂଆ ମୁନିସିପାଲଟି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି । ଚୂଡାନ୍ତ ବିଜ୍ଞପ୍ତି ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ବୌଦ୍ଧଗଡ, ଭଞ୍ଜନଗର, ଗଞ୍ଜାମ ଜିଲ୍ଲାରେ କବିସୂର୍ଯ୍ୟନଗର, ପୋଲସରା ଓ ମୟୂରଭଞ୍ଜ ଜିଲ୍ଲାରେ କରଞ୍ଜିଆ ନୂଆ ମୁନିସିପାଲଟି ଭାବରେ ବିଜ୍ଞାପିତ ହୋଇଛି ।

ସେହିଭଳି ନୂଆ ଏନଏସି ଭାବେ ଅନୁଗୁଳ ଜିଲ୍ଲାରେ ପାଲଲହଡା, ବାଲେଶ୍ୱର ଜିଲ୍ଲାରେ ସିମୁଳିଆ, ବରଗଡ ଜିଲ୍ଲାରେ ସୋହଲା, ଭଦ୍ରକରେ ତିହିଡି, ଧୂସୁରି, କଟକରେ ସାଲେପୁର, ବଡମ୍ବା, ନରସିଂପୁର । ଢେଙ୍କାନାଳରେ ଗଁଦିଆ, ଗଞ୍ଜାମରେ ଜଗନ୍ନାଥପ୍ରସାଦ, ପାତ୍ରପୁର । କଳାହାଣ୍ଡିରେ ନର୍ଲା, ଜୟପାଟଣା । ଖୋର୍ଦ୍ଧାରେ ଟାଙ୍ଗି, କୋରାପୁଟରେ ବୋରିଗୁମ୍ମା । ମୟୁରଭଞ୍ଜରେ ବେତନଟୀ, ବାଙ୍ଗରୀପୋଷୀ, ଚିତ୍ରାଡା, କପ୍ତିପଦା, ରାସଗୋବିନ୍ଦପୁର, (୯ ପୃଷ୍ଠାରେ)

KIIT Nanhipari
Little Miss India 2025
Silver Jubilee Celebration
22nd -23rd Dec. 2025 | KIIT University, Bhubaneswar
Presented by
KIIT School of Mass Communication
KIIT School of Fashion Technology | KIIT School of Film and Media Sciences
Reigning Beauty Queens to Grace the Occasion


Ms. Nikita Porwal
Femina Miss India World 2024


Ms. Rekha Pandey
1st Runner-up, Femina Miss India 2024


Ms. Nandini Gupta
Femina Miss India World 2023

25 SILVER JUBILEE CELEBRATION
KIIT NANHIPARI LITTLE MISS INDIA 25th Edition
Scholarships Worth ₹56 Lakhs await the WINNERS

Scholarship for the WINNERS
01 Winner ₹28 Lakhs
Rs. 10,00,000/- Cash Prize + 100% Academic fee waiver subject to a maximum of Rs. 18 lakhs for studying in any discipline in KIIT
02 1st Runner Up ₹14 Lakhs
Rs. 5,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT
03 2nd Runner Up ₹12 Lakhs
Rs. 3,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT

HIGHLIGHTS 35 SEMI-FINALISTS | 26 STATES | 5000+ PARTICIPANTS | 10+ COMPETITIONS
• It is a national competition among girls from 13 to 15 Age Group • Highest Prize Money • No Participation Fee • Free Accommodation and Travel Expenses

About KIIT Nanhipari : Celebrating 25 glorious years, KIIT NanhiPari began on a modest note in 2001 and has grown into a nationwide phenomenon, empowering young girls with confidence, talent and grace. A platform that goes far beyond beauty, it nurtures personality, intellect, poise and self-belief, helping teenage girls realise their fullest potential. Fuelled by the visionary guidance of Dr. Achyuta Samanta, NanhiPari has become India's finest grooming ground for future achievers. As it marks its Silver Jubilee, NanhiPari proudly continues its journey of inspiring and shaping the leaders of tomorrow.

TEN CATEGORIES with Prize money Rs. 20,000/- Each Category
Miss Rapunzel – Girl with most beautiful hair
Miss Photogenic – Girl with best pose in Photoshoot round
Miss Selfie – Maximum likes on facebook page
Miss Fashion – Girl with best costume in both rounds
Miss Whizkid – Girl with highest marks in quiz round
Miss Cinderella – A graceful walk & pose and a positive attitude
Miss Personality – Sharp intelligence, confidence & communication skills
Miss Monalisa – Most beautiful girl with most beautiful smile
Miss Active – Most active girl in Sports round
Miss Urvasi – Girl with Best Talent

Gold Sponsors: SNM S.N. Mohanty | Swastik Assets Private Limited | evos Spreading Love | MGM Minerals Ltd.
Grooming by: indulge The Salon
Event Partner | Radio Partner 90.0FM | Media Partner Kalinga TV | Digital Partner

KIIT, Bhubaneswar - 751024 (Odisha), India | +91 9777286878 | kiitnanhipari@gmail.com | Follow Us: /kiitnanhipari | /kiit_nanhi_pari | /kiitnanhipari | /KIIT_NanhiPari | /kiitnanhipari.in





ହାଇଦ୍ରାବାଦ ଗସ୍ତରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

## ମନରେଗା ଯୋଜନାର ନାମ ବଦଳାଇବା ବିରୋଧରେ କଟକ ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ

କଟକ, (ସବ୍ୟୁ):କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମକରଣ ବଦଳାଇବା, ଯୋଜନାର ରୂପରେଖ ବିକୃତ କରିବା ବିରୋଧରେ ବିକ୍ଷୋଭ କରାଯିବା ସହିତ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ମନରେଗା ଯୋଜନା କଂଗ୍ରେସ ସରକାରଙ୍କ ଏକ ଐତିହାସିକ ଜନକଲ୍ୟାଣକାରୀ ଯୋଜନା, ଯାହା ଗ୍ରାମାଞ୍ଚଳର ଗରିବ ଓ ଶ୍ରମିକ ଲୋକଙ୍କୁ କାମ ଓ ସମ୍ମାନ ଦେଇଛି । ମହାତ୍ମା ଗାନ୍ଧୀଙ୍କ ନାମ ସହିତ ଯୋଜନାଟି ଜଡିତ ଥିବାରୁ ଏହାର ଐତିହ୍ୟ ଓ ଦର୍ଶନକୁ ବଦଳେଇବା ଚେଷ୍ଟା ଅଗ୍ରହଣୀୟ ବୋଲି ଗିରିବାଳା ବେହେରା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ଶେଠୀ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ଶୁବାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡା ଓ ଜେ କାମେଶ୍ୱର ରାଓ, କଂଗ୍ରେସ ନେତା କେଦାର ପୃଷ୍ଟି, ଅନିତା ନାୟକ, ଚାରୁଲତା ସାହୁ, ନିତ୍ୟାନନ୍ଦ ରାଉତରାୟ, ରଶ୍ମି ରଞ୍ଜନ ମିଶ୍ର, ପ୍ରତାପ ପରିଡା, ଅଜୟ ଗୋଛାୟତ, ସନ୍ତୋଷ ପାତ୍ର, ସ୍ମୃତି ରଞ୍ଜନ ରାଉତ, ଚନ୍ଦନ ଦାସ, ରୂପକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଟାଟା ପାୱାର ର ମନମୁଖୀ କାର୍ଯ୍ୟ ଓ ଗ୍ରାହକ ଶୋଷଣ ବିରୁଦ୍ଧରେ ବିକ୍ଷୋଭ

ପୁରୀ (ସବ୍ୟୁ): ଟାଟା ପାୱାର ର ମନମୁଖୀ କାର୍ଯ୍ୟ ଓ ଗ୍ରାହକ ଶୋଷଣ ବିରୁଦ୍ଧରେ ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ସୋମ ବାର ଦିନ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ କଡ଼ା ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି। ସ୍ଥାନୀୟ ଭିଆଇପି ରୋଡ ସ୍ଥି ତ କଂଗ୍ରେସ କାର୍ଯ୍ୟଳୟ , ଇନ୍ଦିରା ଭବନ ଠାରୁ ଏକ ବିଶାଳ ଜନସଚେତନତା ଶୋଭାଯାତ୍ରା ବାହାରି ପୁରୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଠାରେ ପହଞ୍ଚି ଥିଲା। ସେଠାରେ କଂଗେସ ପକ୍ଷରୁ ଟାଟା ପାଓ୍ୱାର ହାଉସ ଘେରାଉ କରା ଯାଇ ଥିଲା। ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। କଂଗ୍ରେସ ପକ୍ଷରୁ ମୁଖ୍ୟତଃ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ନୋଟିସ୍କୁ ବିରୋଧ କରିବା ସହିତ କେତେକ ଦାବି ସମ୍ବଳିତ ଏକ ସ୍ମାରକପତ୍ର ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରା ଯାଇଛି। ଆଜିର କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ, ପୁରୀ ପ୍ରଭାରୀ ପିସିସି ସଂପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ଉତ୍ତମ ଆଚାର୍ଯ୍ୟ, ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସମହାପାତ୍ର, ସରସ୍ୱତୀ ପାତ୍ର, ସିତାକାନ୍ତ ମହାନ୍ତି, ସୁଜିତ ମହାପାତ୍ର, ବିଶ୍ୱନାଥ ଦାଶ, ବିଦ୍ୟୁତଲତା ଆଚାର୍ଯ୍ୟ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଅମରେନ୍ଦ୍ର କାଳୀ ପ୍ରସାଦ ନାୟକ, ଗୁଣନିଧି ପ୍ରଧାନ, ପ୍ରେମଜିତ ମହାନ୍ତି, ନିର୍ମଳ ପରିଡ଼ା, ସୁବାସ ନାୟକ, କାଳନ୍ଦୀ ଚରଣ ବାରିକ, ମାଲିକ ଏନାମୁଲ, ଗୋବିନ୍ଦ ମଲ୍ଲିକ୍, ସୌମ୍ୟକାନ୍ତ ଖୁଣ୍ଟିଆ, ସୌମ୍ୟକାନ୍ତ ପ୍ରଧାନ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ବିଶ୍ୱରଂଜନ ସାମନ୍ତରାୟ, ଦୂର୍ଗା ଚରଣ ସାମନ୍ତରାୟ, ଉମାକାନ୍ତ



ପାଇକରାୟ, ରଜତ କୁମାର ସାହୁ, ନିରଞ୍ଜନ ରଥ, ଉମାକାନ୍ତ ବରାଳ, ସୁକାନ୍ତ କୁମାର ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ଭାସ୍କର ସେଠ, ବଂଶୀଧର ମହାନ୍ତି, ବେହେରା, ଦେବାଶିଷ ଦାସମହାପାତ୍ର, ଦିପକ ଜେନା ଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ ।

## ବାଲୁବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

କଟକ, (ସ୍ୱପ୍ର) : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ବାଲୁବଜାର କଟକର ବାର୍ଷିକ ଉତ୍ସବ ଶହୀଦ ଭବନ



ଠାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଡଃ ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡିଶା ମାନବ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ, ସମ୍ମାନୀୟ ଅତିଥି ସଞ୍ଜୟ ଶର୍ମା, ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଉତ୍ତର-ପୂର୍ବ ସମ୍ଭାଗର କୋଷାଧ୍ୟକ୍ଷ ଲଳିତ କୁମାର କାନୁନଗୋ ଯୋଗଦେଇ ଉପସ୍ଥିତ ଶୁଭେଚ୍ଛୁ, ଅଭିଭାବକ, ଅଭିଭାବିକା ଗୁରୁଜୀ ଗୁରୁମା ତଥା ଶିଶୁମାନଙ୍କୁ ମାର୍ଗଦର୍ଶନ କରାଇଥିଲେ । ପରିଚାଳନା ସମିତିର ସଂପାଦକ ଅଞ୍ଜନ କୁମାର ଜେନା ସ୍ୱାଗତ ଭାଷଣ ସହ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ମୁଖପତ୍ର ଜ୍ଞାନାଞ୍ଜନା' ଉନ୍ମୋଚନ କରାଯାଇଥିଲା । ବିଦ୍ୟାଳୟର ଉପ-ସଭାପତି ପିୟୁଷ୍ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସ୍ଥିତ ରାମାନୁଜ ଛାତ୍ରାବାସରେ ଶ୍ରୀନିବାସ ରାମାନୁଜଙ୍କ ଜନ୍ମ ଦିବସ ପାଳନ

ଭୁବନେଶ୍ୱର (ସବ୍ୟୁ), ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ପରିଚାଳିତ ଆଞ୍ଚଳିକ



ଶିକ୍ଷା ପ୍ରତିଷ୍ଠାନ , ଭୁବନେଶ୍ୱର ସ୍ଥିତ ରାମାନୁଜ ଛାତ୍ରାବାସ ରେ ପୁରାତନ ଛାତ୍ର ସଂଗଠନ ଅନୁକୁଲ୍ୟ ରେ ପ୍ରତିଷ୍ଠିତ ପ୍ରତିମା ନିକଟ ରେ ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜ ଙ୍କ ୧୩୮ ତମ ଜନ୍ମ ଜୟନ୍ତୀ ଶିକ୍ଷା ପ୍ରତଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ପାଳନ କରାଯାଇଅଛି। ମୁଖ୍ୟ ଅତିଥି ରାମାନୁଜ ଙ୍କ ସ୍ମୃତି ଚରଣ କରି କପରି ୩୨ ବର୍ଷ ଜୀବନ କାଳ ଭିତରେ ଗଣିତକୁ ଆୟତ କରି ଏହା ର ପ୍ରୟୋଗ ଗଣିତ ସହିତ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ର ରେ ଆବଶ୍ୟକତା ସମ୍ବନ୍ଧ ରେ ବିବରଣୀ ପ୍ରଦାନ କରି ଥିଲେ। ପୂରାତନ ଛାତ୍ର ସଂଗଠନ ସଭାପତି ଡ. ହାଡିବନ୍ଧୁ ପଟ୍ଟନାୟକ , ରାମାନୁଜ ଙ୍କ ନୀଷ୍ଠା ଓ ତାଙ୍କର ଜି. ବି. ହାର୍ଡି ଙ୍କ ସାନ୍ନିଧ୍ୟ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ରେ ଯୋଗଦାନ ସମ୍ବଧ ରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଫେସର ଧ୍ରୁବାନନ୍ଦ ବେହେରା ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅନୁଷ୍ଠାନ ରେ ଅଧ୍ୟାପକ ଡ.ଅରୂପ ସାହା, ଯୋଗ ଦେଇ ଉପସ୍ଥିତ ଛାତ୍ର ମାନଙ୍କୁ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରାମ ଚନ୍ଦ୍ର ମିଶ୍ର, ଚକ୍ରଧର ଦାଶ ଏବଂ ଛାତ୍ରାବାସ ର ଅନ୍ତେବାସୀ ମାନଙ୍କ ଦ୍ୱାରା ପରିଚାଳନା କରା ଯାଇ ଥିଲା। ସଂପାଦକ ରମେଶ ଚନ୍ଦ୍ର ପାତାଳ ସିଂହ ଏବଂ ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ରଉତ ଅତିଥି ମାନଙ୍କୁ ଅଭ୍ୟର୍ଥନା ସହିତ ଧନ୍ୟବାଦ ଅର୍ପଣ କରିଥଲେ।

# ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସରେ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ନେଇ ବୈଠକ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ନେଇ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଚଳିତ ବର୍ଷର ପ୍ରଜ୍ଞାପନ ମେଢ଼ରେ ବିଭିନ୍ନ ବିଭାଗର ସଫଳତାର କାହାଣୀ ସହ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ଉପଯୁକ୍ତ ପ୍ରତିଫଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ମେଢ଼ଗୁଡ଼ିକରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏହାକୁ ସୁନ୍ଦର ଏବଂ ସର୍ବାଦୃତ କରିବା ପାଇଁ ଶ୍ରୀ ଶର୍ମା କହିଥିଲେ । ଏହି ପ୍ରଜ୍ଞାପନ ମେଢ଼ରେ ଯେଉଁ ଯୋଜନାଗୁଡ଼ିକର ପ୍ରତ୍ୟକ୍ଷ ପ୍ରଦର୍ଶନ ହୋଇପାରିବ



ସେଗୁଡ଼ିକର ପ୍ରତ୍ୟକ୍ଷ ଉପସ୍ଥାପନ କରିବାକୁ ଶ୍ରୀ ଶର୍ମା ଉପସ୍ଥିତ ଅଧିକାରୀମାନଙ୍କୁ କହିଥିଲେ । ଏହି ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ଦିନେ ଦୁଇଦିନ ପର୍ଯ୍ୟନ୍ତ ରଖିହେବା ଭଳି ପ୍ରସ୍ତୁତ କରି ପରେ ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶିତ କରିବାକୁ ସେ କହିଥିଲେ । ଏହା ଦ୍ୱାରା ଅଧିକରୁ ଅଧିକ ଜନସାଧାରଣ ସରକାରଙ୍କ ଯୋଜନା ବାବଦରେ ସଚେତନ ହୋଇପାରିବେ ବୋଲି ସେ ଉଲ୍ଲେଖ କରିଥିଲେ । ଜାନୁଆରୀ ୫ ତାରିଖ ସୁଦ୍ଧା ସମସ୍ତ ବିଭାଗ ସେମାନଙ୍କ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ଏବଂ ସ୍କେଚ୍ ବିଭାଗକୁ ପଠାଇବା ପାଇଁ ଶ୍ରୀ ଶର୍ମା କହିଥିଲେ । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଆଲୋଚନା ସମୟରେ ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅଧିକାରୀମାନେ ନିଜ ନିଜ ବିଭାଗର ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ନେଇ ଆଲୋଚନା କରିଥିଲେ ଏବଂ ପରେ ଏସବୁ ପ୍ରଜ୍ଞାପନ ମେଢ଼ ବାବଦରେ ନିଷ୍ପତ୍ତି ନିଆଯିବ ବୋଲି ବୈଠକରୁ ଜଣାପଡ଼ିଛି । ୨୦୨୬ ଜାନୁଆରୀ ୨୬ ତାରିଖ ଦିନ ଭୁବନେଶ୍ୱରର ମହାତ୍ମାଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍ ପରେ ଏହି ପ୍ରଜ୍ଞାପନ ମେଢ଼ଗୁଡ଼ିକ ପ୍ରଦର୍ଶିତ ହେବ । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସ୍ୱରାଷ୍ଟ୍ର ବିଭାଗ, ପର୍ଯ୍ୟଟନ ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସେମାନଙ୍କ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ଅନ୍ୟ ସମସ୍ତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ସଂଘର ସାଧାରଣ ସଭା



କଟକ(ସ୍ୱ.ପ୍ର): ଓଡିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘର ନିର୍ବାଚନ ଅନୁଷ୍ଠିତ ହେଇ ସାରିଛି ।ଏହି ନିର୍ବାଚନରେ ଯୁଗଳ କିଶୋର ଦେବତା ସଭାପତି,ଅଜୟ ରାଉତରାୟ ଉପ ସଭାପତି, ରଞ୍ଜିତ କୁମାର ରାଉତ ସମ୍ପାଦକ, ସମରେଶ ରାଉତରାୟ ଯୁଗ୍ମ ସମ୍ପାଦକ, ଚିତ୍ତରଂଜନ ମିଶ୍ର କୋଷାଧ୍ୟକ୍ଷ ଓ ଅଜୟ କୁମାର ମହାନ୍ତି,ପ୍ରଣୟ ଜେଠୀ,ରମେଶ ବାରିକ,ତପନ ଦାସ, କେ ତମନା, ଲିଟୁ ମହାନ୍ତି,କୌଶିକ ଦାଶ ଓ ଅକ୍ଷୟ ପ୍ରଧାନ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ସୂଚାରୁ ରୁପେ ବ୍ରଜ କିଶୋର ପ୍ରଧାନ, ଜୁବୁଲି ସୁନ୍ଦରାୟ,ଚନ୍ଦନ ତ୍ରିପାଠୀ ଓ ପରେଶ ଅଭଲାନି ପରିଚାଳନା କରିଥିଲେ।

## ଡଃ ତିରୁପତି ପାଣିଗ୍ରାହୀଙ୍କୁ ଜୀବନବ୍ୟାପୀ ସଫଳତାର ସମ୍ମାନ



ଭୁବନେଶ୍ୱର (ସବ୍ୟୁ): ମାସିକ ପତ୍ରିକା 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥ୍ୟ ଭାବେ ଓଡିଶା କ୍ରିକେଟ ଆସୋସିଏସନ୍ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି, ଇ ରଭ୍ୟୁ ଟାଇମ୍ସର ଚେୟାରମ୍ୟାନ୍ ଡ. ସୁଭାଶିଷ୍ ଦାସ ଯୋଗଦାନ କରି ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବା ସହ ହଜାର ହଜାର ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିଥିବା ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କୁ ଜୀବନବ୍ୟାପୀ ସଫଳତାର ସମ୍ମାନ ତଥା ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନରେ ସମ୍ମାନିତ କରିଛନ୍ତି ।

ସ୍ମାଇଲ୍ ଫାଉଣ୍ଡେସନ୍ ଫାଇନାନ୍ସ ମୁଖ୍ୟଙ୍କୁ

## "ନନ୍-ପ୍ରଫିଟ୍ ଟ୍ୟାଙ୍କ ଲିଡର୍ ଅଫ୍ ଦ ଇୟର ୨୦୨୫" ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଡବ୍ଲ୍ୟୁ ସିଏଫଓ ୱାର୍ଲ୍ଡ, ଡବ୍ଲ୍ୟୁ ବିଜନେସ୍ ୱାର୍ଲ୍ଡର ସହଯୋଗରେ ନୂଆଦିଲ୍ଲୀରେ ଡବ୍ଲ୍ୟୁ ସିଏଫଓ ୱାର୍ଲ୍ଡ - ଇଣ୍ଡିଆ ଟ୍ୟାଙ୍କ ଲିଡର୍ସ ସମ୍ମିଳନୀ ୨୦୨୫ର ଉଦଘାଟନୀ ସଂସ୍କରଣର ଆୟୋଜନ କରିଥିଲା । ଫୋରମର ଏହି ଉଦ୍‌ଘାଟନୀ ସଂସ୍କରଣରେ ଫାଇନାନ୍ସ, ଗଭର୍ନାନ୍ସ ଏବଂ ଅନୁପାଳନ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ନିଜର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ବହୁମୁଖୀ ଅବଦାନ ଏବଂ ଆଇନଗତ ଅନୁପାଳନ ତଥା ସମ୍ପ୍ରଦାୟ ପ୍ରତି ଅସାଧାରଣ ଉତ୍ସର୍ଗୀକୃତ ମନୋଭାବ ପାଇଁ ସ୍ମାଇଲ୍ ଫାଉଣ୍ଡେସନର ଭାଇସ୍ ପ୍ରସିଡେଣ୍ଟ, ଫାଇନାନ୍ସ ଆଣ୍ଡ ଗଭର୍ନାନ୍ସ ପ୍ରତାପ କୁମାର ରାୟଙ୍କୁ ନନ୍-ପ୍ରଫିଟ୍ ଟ୍ୟାଙ୍କ ଲିଡର୍ ଅଫ୍ ଦି ଇୟର ୨୦୨୫ ପୁରସ୍କାରରେ ସମ୍ମାନିତ କରାଯାଇଛି ।

## କିସ୍ ପିଲାଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେବା ବରଦାସ୍ତ କରିବୁ ନାହିଁ : କିସ୍ ଅଭିଭାବକ ସଂଘ

ଭୁବନେଶ୍ୱର, (ସବ୍ୟୁ) : କିସ୍‌ରେ ଘଟିଯାଇଥିବା ଅଭାବନୀୟ ଘଟଣା ପରିପ୍ରେକ୍ଷୀରେ କିସ୍ ଆଦିବାସୀ ଅଭିଭାବକ ସଂଘ (କାପା) ପକ୍ଷରୁ ଜାରି ହୋଇଥିବା ଏକ ପ୍ରେସ ରିଲିଜରେ କୁହାଯାଇଛି, ଏହି ଘଟଣାରେ ପୋଲିସ୍ ଓ ପ୍ରଶାସନ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ଏଥିରେ ଆମ ସଂଘର କିଛି କହିବାର ନାହିଁ କିମ୍ବା କରିବାର ନାହିଁ। କିନ୍ତୁ ଏକ ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ୍ ସୁଚିନ୍ତିତ ଓ ସୁପରିକଳ୍ପିତ ଭାବେ କିସ୍‌କୁ ବନ୍ଦ କରିବା ସହ ଆମ ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେବା ପାଇଁ ଯେଉଁ ଷଡ଼ଯନ୍ତ୍ର ଚଳାଇଛି ସେ ନେଇ ଆମେ ରାଜ୍ୟବ୍ୟାପୀ ଏହି ଟିଭି ଚ୍ୟାନେଲ୍ ବିରୋଧରେ ଆନ୍ଦୋଳନ କରିବା ସହ ୮ଲକ୍ଷ ଜନଜାତି ପରିବାର ଏହି ଟିଭି ଦେଖିବା ବନ୍ଦ କରିବୁ। ଆବଶ୍ୟକ ହେଲେ ଏହି ଟିଭି ଚ୍ୟାନେଲ୍ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହି ଚ୍ୟାନେଲ୍‌ର ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଥିବା ରିପୋର୍ଟରଙ୍କୁ ଦୃଢ଼ ବିରୋଧ କରିବୁ ବୋଲି କାପା ପକ୍ଷରୁ ଚେତାଇ ଦିଆଯାଇଛି। ସଂଘର ସଭାପତି ରାମ ଶବର ଓ ସମ୍ପାଦକ ଲମ୍ବୋଦର ସିଂହ କହିଛନ୍ତି, କିସ୍ ହେଉଛି ଜନଜାତିଙ୍କ ବିକାଶର ମାର୍ଗ। କିସ୍‌ରୁ ପାଠପଢ଼ି ୪୦ ହଜାର ଆଦିବାସୀ ପିଲା ବିଭିନ୍ନ କ୍ଷେତ୍ରରେ ଆର୍ଥିକ ଓ ସାମାଜିକ ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି।

ଏବେ ଏଠାରେ ପ୍ରାୟ ୪୦



ହଜାର ପିଲା ପାଠ ପଢୁଛନ୍ତି। ଆମ ପିଲାମାନେ ଏଠାରେ ଶାନ୍ତି ଶୃଙ୍ଖଳାରେ ରହି ଶିକ୍ଷାଲାଭ କରୁଛନ୍ତି। ଏହି ଛାତ୍ରଛାତ୍ରୀକୁ ସଂପୃକ୍ତ ଚ୍ୟାନେଲ୍ ଅସ୍ତବ୍ୟସ୍ତ କରିଦେଲାଣି। ସେମାନଙ୍କୁ ଟିଭି ପ୍ରସାରଣ ମାଧ୍ୟମରେ ମାନସିକ ନିର୍ଯାତନା ଦେଇ ଆସୁଛି। ଗତ ୧୦ ଦିନ ହେଲା କିସ୍‌କୁ ବଦନାମ କରିବା ପାଇଁ ଲାଗି ପଡ଼ିଛି। ଏପରିକି କିସ୍‌ର ଦୈନନ୍ଦୀନ କାର୍ଯ୍ୟରେ ଜଡ଼ିତ ନଥିବା ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବ୍ୟକ୍ତିଗତ ଚରିତ୍ର ସଂହାର କରିଚାଲିଛି। କୌଣସି ସଭ୍ୟ ସମାଜରେ ଏଭଳି ଅସଭ୍ୟ ଟିଭି ଚ୍ୟାନେଲ୍ ଦେଖାଯାଏ ନାହିଁ। ଗୋଟିଏ ଅଭାବନୀୟ ଘଟଣାକୁ ବାହାନା କରି କିସ୍ ବିରୋଧରେ ନାନାଦି ମିଛ ଖବରର ପାହାଡ଼ ସୃଷ୍ଟିକରି ଓ କୁତ୍ସାରଟନା କରିଚାଲିଛି।

ଆଦିବାସୀମାନେ ପାଠ ପଢ଼ି ମଣିଷ ହେବା କଣ ଭୁଲ? ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଯେଉଁ ବ୍ୟକ୍ତି ଆଣୁଛନ୍ତି ସେ କଣ ଭୁଲ କି ବୋଲି କାପା ପ୍ରଶ୍ନ କରିଛି। ଏ ନେଇ କାପା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କିସ୍ ଓ କିସ୍‌ରେ ପାଠ ପଢୁଥିବା ସେମାନଙ୍କ ପିଲାଙ୍କୁ ସୁରକ୍ଷା ଦେବା ପାଇଁ ସେମାନେ ନିବେଦନ କରାଯାଇଛି। କିସ୍ ବିରୋଧରେ ଏଭଳି ବିଭ୍ରାନ୍ତିକର, ଅମୂଳକ, ମିଥ୍ୟା, ମନଗଢ଼ା ଓ ଉଦ୍ଦେଶ୍ୟ ପ୍ରଣୋଦିତ ଖବର ପ୍ରସାରଣରୁ ସଂପୃକ୍ତ ଟିଭି କ୍ଷାନ୍ତ ନ ରହିଲେ ଆସନ୍ତା ଦିନରେ ସେମାନେ ଓଟିଭି ଅଫିସ୍ ସମ୍ମୁଖରେ ଧାରଣା ଦେବା ସହ କିସ୍‌ରେ ପଢୁଥିବା ସେମାନଙ୍କ ପିଲାମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଆଇନର ଆଶ୍ରୟ ନେବା ସହ ୩୦ ଜିଲ୍ଲାରେ ଓଟିଭି ବିରୋଧରେ ଆନ୍ଦୋଳନ କରିବେ ବୋଲି ଚେତାଇ ଦେଇଛନ୍ତି। ଆଜି କିସ୍ ଆଦିବାସୀ ଅଭିଭାବକ ସଂଘ ପକ୍ଷରୁ ଭୁବନେଶ୍ୱରରେ ଏକ ବୈଠକ କରାଯାଇଥିଲା। ଏଥିରେ ପ୍ରତ୍ୟେକ ଜିଲ୍ଲାରୁ କାପାର ଜିଲ୍ଲା କର୍ମକର୍ତ୍ତା, ଅଭିଭାବକ ସଂଘ ପ୍ରତିନିଧି ଓ ରାଜ୍ୟ ପ୍ରତିନିଧିଙ୍କୁ ମିଶାଇ ୫ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ମନରେଗା ନାମ ପରିବର୍ତ୍ତନ ଓ କୃଷକଙ୍କ ସମସ୍ୟା ସମାଧାନ ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ବାରିପଦା, (ସବ୍ୟୁ) : ଜିଲ୍ଲା କଂଗ୍ରେସ କମିଟି ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟ ଦୁଇ ଦାବି ନେଇ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛି କଂଗ୍ରେସ । ବିଜେପି ସରକାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ କଂଗ୍ରେସ ସରକାର ସମୟରେ ପ୍ରଣୟନ କରିଥିବା, ମହାତ୍ମା ଗାନ୍ଧୀ ନିଛିତ କର୍ମନିଯୁକ୍ତି ଆଇନ, ଯୋଜନାର ଉଦ୍ଦେଶ୍ୟ ମୂଳକ ଭାବେ ନାମ ପରିବର୍ତ୍ତନ କରିବାକୁ ବିରୋଧ କରିଛି କଂଗ୍ରେସ, ଜିଲ୍ଲା ସଭାପତି ନିଜ ବକ୍ତବ୍ୟ କହିଛନ୍ତି ଯେ, ଜାତିରପିତା ମହାତ୍ମା ଗାନ୍ଧୀଙ୍କ ନାମରେ ଥିବା ଯୋଜନାକୁ ପରିବର୍ତ୍ତନ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଦ୍ୱିତୀୟ ଥର ହତ୍ୟା କରିଛି ବିଜେପି ସରକାର। କୃଷକ ଆଜି ଚିନ୍ତାରେ, ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାରେ କୌଣସି ଧାନ ମଣ୍ଡି ଖୋଲିପାରିଲା ନାହିଁ, ଡିଣ୍ଡିମ ପିଟୁ ଥିବା ଲୋକଙ୍କ ସରକାର ଆଜି ପୁଞ୍ଜିପତି ମାନଙ୍କ ସରକାରରେ ପରିଣତ ହୋଇଛି, ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଏସଟି ସେଲ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦାଃ, ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାସ, ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ, କୃଷକ ସେଲ ସଭାପତି ଦୀପକ ଦାସ, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ ଓ ବିଜନ ଦାସ, ନିଜ ନିଜ ବକ୍ତବ୍ୟରେ ୧୧ବର୍ଷ ର ବିଜେପି ସରକାରକୁ କଡ଼ା ସମୋଲୋଚନ । କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସି-ସେଲ ଜିଲ୍ଲା ସଭାନେତ୍ରୀ ସସ୍ମିତା ବେହେରା, ଟାଉନ ସଭାପତି ଶନ୍ତନୁ ପାଲ, ରାଜ୍ୟ ମହିଳା ସଂପାଦକ ଶୁଭସ୍ମିତା ବେହେରା, ଉତ୍ତମ ବେହେରା, ନଳୀନ ପଟ୍ଟନାୟକ, ଅଶୋକ ଗିରି, ସତ୍ୟକାମ ସେନାପତି ନିର୍ମଳ ପ୍ରଧାନ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ସରକାର ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଷରେ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।



### ଶିଶୁ ମନ୍ଦିର ପକ୍ଷରୁ ଜାତୀୟ ଗଣିତ ଦିବସ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି । ସହ-ପ୍ରଧାନ ଆଚାର୍ଯ୍ୟା ସୁମତି ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଧାରୀ ସ୍ୱାଇଁ ଯୋଗଦାନ କରି ଜାତୀୟ ଗଣିତ ଦିବସ ପାଳନର ତାତ୍ପର୍ଯ୍ୟ ସାଙ୍ଗକୁ ମହାନ୍ ଗଣିତଜ୍ଞ ଶ୍ରୀନିବାସ ଆୟଙ୍ଗର ରାମାନୁଜନଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ ଆୟୋଜିତ ଗଣିତ ପ୍ରଦର୍ଶନୀରେ ୯୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲାବେଳେ ଗୁରୁମା ମଧୁସ୍ମିତା ଦାଶ, ଲିଜା ପାତ୍ର, ସୁଜାତା ଗୌଡ, ରସନା ପ୍ରଧାନ, ରଶ୍ମିତା ବେହେରା, ପ୍ରିୟଦର୍ଶିନୀ ସ୍ୱାଇଁ, ରାଜଶ୍ରୀ ଜେନା ଓ ଗୁରୁଜୀ ଜଗନ୍ନାଥ ରଥ ପ୍ରମୁଖ ବିଚାରକଙ୍କ ଦ୍ୱାରା ଶିଶୁବର୍ଗ, ବାଲବର୍ଗ ଓ କିଶୋର ବର୍ଗର ମୋଟ ୨୭ ଜଣ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା । ଗଣିତ ପ୍ରମୁଖ ଗୁରୁମା ବାଳାମଣି ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଗୁରୁମା ପ୍ରତିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦା ଗୁଳିକାଣ୍ଡର ୩୨ବର୍ଷ ପୂର୍ତ୍ତୀ ଅବସରରେ ମାଲ୍ୟାର୍ପଣ

## ସହିଦ ରତିକାନ୍ତ ଏବଂ କୁଳଦୀପଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ବାରିପଦା, (ସବ୍ୟୁ) : ୧୯୯୩ ମସିହା ଡିସେମ୍ବର ୨୩ତାରିଖ ବାରିପଦାବାସୀଙ୍କ ପାଇଁ ଏକ କଳାଦିବସ। ପୋଲିସ ଗୁଳିରେ ଦୁଇଜଣ ସ୍ୱାଭିମାନୀ ଛାତ୍ର ନେତା ତାଙ୍କର ଜୀବନକୁ ଉତ୍ସର୍ଗ କରିଥିଲେ। ଡିସେମ୍ବର ୨୨ତାରିଖ ଦିନ ସ୍ୱର୍ଗତଃ ରତିକାନ୍ତ ମହାନ୍ତି ପୋଲିସ ଗୁଳିରେ ସହୀଦ୍ ହୋଇଥିବା ବେଳେ ଡିସେମ୍ବର ୨୩ତାରିଖ ଦିନ ସ୍ୱର୍ଗତଃ କୁଳଦୀପ ସାଓ ସହୀଦ୍ ହୋଇଥିଲେ। ଦୁଇ ସଂଗ୍ରାମୀ ଛାତ୍ର ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ତଥା ତାଙ୍କର ସ୍ମୃତିକୁ ଚାରଣ କରିବା ପାଇଁ ପୂର୍ବତନ କୃଷିନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଓ ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କର ମିଳିତ ଆବାହତ୍ୱରେ ସ୍ମୃତି ସଭା ମ୍ୟାନ୍ ମାର୍କେଟ ଟ୍ରାଫିକ୍ ଛକ ନିକଟସ୍ଥ ସ୍ୱର୍ଗତଃ ରତିକାନ୍ତ ମହାନ୍ତିଙ୍କର ପ୍ରତିମୂର୍ତ୍ତି ନିକଟରେ ଆୟୋଜନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମାଜସେବୀ କବିବିଷ୍ଣୁ ଶତପଥି, ସହୀଦ୍ ରତିକାନ୍ତ ଭାଇ ବିଶ୍ୱନାଥ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବାରିପଦା ବାର୍ ଏସୋସିଏସନର ସମ୍ପାଦକ ବିପ୍ଳବ ବାରିକ, ଉପନଗରପାଳ ସୀମା ଦାସ, ବ୍ୟବସାୟୀ ସଂଘର ସଭାପତି ଅମିତାଭ ସାହୁ, ଯୁବନେତା ଅରୁଣ ବରାଡ, ଛାତ୍ରନେତା ସୁନିଲ ନାୟକ, ବିକ୍ରମ ଜେନା, ସୁଜିତ ମହାନ୍ତି, ସରୋଜ ବୋଷ, ପୂର୍ଣ୍ଣାନନ୍ଦ ପରିଡା, ଦିପ୍ତିଲତା ମିଶ୍ର, ସବିତା ବେହେରା, ପ୍ରଭାତ ନାୟକ, କାଉନ୍‌ସିଲର ପ୍ରଭାତ ମହାନ୍ତି, ଅନନ୍ତ ଦାସ, ତ୍ରିଲୋକେଶ ପଣ୍ଡା, ଜଗବନ୍ଧୁ ମୁଖି, ଶିବଶଙ୍କର ବେହେରା, ଦିଗବିଜୟ ସିଂ, ସୁଧିର ବାରିକ, ମହେଶ ଭଞ୍ଜଦେଓ, ପ୍ରଭାତି ପୃଷ୍ଟି, ପ୍ରୀତମ ମହାନ୍ତ, କାଶିନାଥ ରଣା, ଶୈଳେନ୍ଦ୍ର ପାତ୍ର, କିଶୋର ପାତ୍ର, ସମାଜସେବୀ ଆଦିତ୍ୟ ପଣ୍ଡା, ସଂଦୀପ ପତି, ବିନୋଦ ବେହେରା, ସରୋଜ ମହାପାତ୍ର, ଜଗେଶ୍ୱର ବେହେରା, ସରୋଜ ମହାକୁଡ, ଅମ୍ବିକା ରାଉତ, ନନ୍ଦନ ଭଞ୍ଜ, କୁନ୍ଦନ ଭଞ୍ଜ, ଲଲାଟେନ୍ଦୁ ବେହେରା, ରତ୍ନାକର ବେହେରା, ଆଭାଇସ ଦେ, ଦୀପକ ମଡୁଆଲ, ଆର୍ଶୀବାଦ ଦାସ, ଅଭିଜିତ କଳିଆ, ଦେବବ୍ରତ ସେନାପତି, ଲିଟନ ପଟ୍ଟନାୟକ, ବୀଣାପାଣି ସାହୁ, ଜଗା ପୃଷ୍ଟି, ଦେବଦତ୍ତ ଦାସ, ସ୍ମୃତିଚାରଣ କରିବା ସହିତ ମାଲ୍ୟାର୍ପଣ କରିଥିଲେ। ଶେଷରେ କପିଳ ଖଣ୍ଡେଲଓ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।



## ରାମନଗର ରେଳ ଫାଟକ ତଳେ ଭୂତଳ ଗଳାଶଙ୍କ ନିର୍ମାଣ ନେଇ ଦାବିପତ୍ର

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ରେଳ ଷ୍ଟେସନ ନିକଟସ୍ଥ ଲାଞ୍ଜିପଲ୍ଲୀ-ରାମନଗର ଠାରେ ଏକ ରେଳ ଫାଟକ ରହିଛି, ଯାହାକି ଏକ ବ୍ୟସ୍ତ ବହୁଳ ରେଳ ଫାଟକ । ଏଠାରେ ୨୪ ଘଣ୍ଟାରେ ପ୍ରତି ୭ ମିନିଟରୁ ୧୦ ମିନଟ ମଧ୍ୟରେ ରେଳ ଯିବା ଓ ଆସିବା ଯୋଗୁଁ ପ୍ରାୟ ୧୦ ରୁ ୧୫ ମିନଟ ବନ୍ଦ ରହୁଛି । ବହୁ ସମୟରେ ୨ଟି ରେଳ ଗାଡି ଯିବା ଆସିବା ୫ ମିନଟ ବ୍ୟବଧାନ କରୁଛି । ତାହା ହେଲେ ରେଳ ଫାଟକ ୨୦ ମିନଟ ପର୍ଯ୍ୟନ୍ତ ବନ୍ଦ ରହୁଛି । ଫଳରେ ସ୍ଥାନୀୟ ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସମୁଖୀନ ହେଉଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ଖୋଡ଼ାସିଙ୍ଗି -ଆଙ୍କୁଲି ଗ୍ରାମ ରେଳ ଧାରଣା ପାର ହେବାକୁ ଜୀବନ ବୀମା କାର୍ଯ୍ୟାଳୟ ପଛପଟେ ରେଳ ଧାରଣା ତଳେ ଗଳାଶଙ୍ଖ ନିର୍ମଣ କରିଥିବା ହେତୁ ସେଠାକାର ଜନସାଧାରଣ ଆଶ୍ୱସ୍ତି ଲାଭ କରିଛନ୍ତି । ସେହିଭଳି ଲାଞ୍ଜିପଲ୍ଲୀ-ରାମନଗର ରେଳ ଫାଟକ ତଳେ ଏକ ଗଳାଶଙ୍ଖ ସ୍ଥାପନ କରିବା ନେଇ ଭାରତ ସରକାରଙ୍କ ରେଳ ବିଭାଗକୁ ଚିଠି ଲେଖି ପ୍ରସ୍ତାବ ପାରିତ କରିବାକୁ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଏକ ପତ୍ର ଲେଖି ଦାବି କରିଛନ୍ତି ।

# ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଜେଲରେ ସାକ୍ଷାତ କଲେ ପ୍ରତାପ ଜେନା

ବ୍ରହ୍ମପୁର, (ସବ୍ୟୁ): ବିଜେପି ନେତା ତଥା ଆଇନଜୀବୀ ପରିଷଦ ସଦସ୍ୟ ପିତବାସ ପଣ୍ଡା ହତ୍ୟା ମାମଲାରେ ବିଚାରାଧୀନ ବନ୍ଦୀ ଭାବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ସାକ୍ଷାତ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ଉପ ସଭାପତି ପ୍ରତାପ ଜେନା । ଶ୍ରୀ ଜେନାଙ୍କ ସହ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଛତ୍ରପୁରର ପୂର୍ବତନ ବିଧାୟକ ସୁବାଷ ବେହେରା, ସୋରଡ଼ାର ପୂର୍ବତନ ବିଧାୟକ ପୂର୍ଣ୍ଣ ସ୍ୱାଇଁ ମଧ୍ୟ ବିକ୍ରମଙ୍କୁ ସାକ୍ଷାତ କରିଛନ୍ତି । ବିକ୍ରମଙ୍କ ସହ ସାକ୍ଷାତ ହେବା ସହ ତାଙ୍କ ସହ କଥା ହୋଇଛୁ । ରାଜନୈତିକ ଉଦେଶ୍ୟ ଓ ଷଡ଼ଯନ୍ତ୍ର କରି ବିକ୍ରମଙ୍କୁ ଫସାଇ ଦିଆଯାଇଛି । ଜଗନ୍ନାଥଙ୍କ ଉପରେ ବିଶ୍ୱାସ ରହିଛି ନିଶ୍ଚିତ ଭାବେ ସତ୍ୟର ଜୟ ହେବ ଏବଂ ଖୁବଶୀଘ୍ର ବିକ୍ରମ ଜେଲରୁ ମୁକୁଳିବେ । ନ୍ୟାୟିକ ବ୍ୟବସ୍ଥା ଉପରେ ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି । ତାଙ୍କୁ ନ୍ୟାୟ ମିଳିବ ଓ ସତ୍ୟର ଜୟ ହେବ । ସେହିପରି ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପାଳନ ହେବ । ସେହି କ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଜେଡ଼ିର ପ୍ରତିଷ୍ଠା ଦିବସ ହେବ । ଗଞ୍ଜାମ ଜିଲ୍ଲାରେ ହଜାର ହଜାର ବିଜେଡ଼ି ନେତୃବୃନ୍ଦ ଓ ନେତା କର୍ମୀ ଅଛନ୍ତି, ସମସ୍ତଙ୍କ ନେତୃତ୍ୱରେ ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳିତ ହେବ । ଜିଲ୍ଲାରେ ପୂର୍ବରୁ ବିକ୍ରମଙ୍କ ସଭାପତିତ୍ୱରେ ଯେଉଁଭଳି ବିଜେଡ଼ିର ସମସ୍ତ କାର୍ଯ୍ୟ ଚାଲୁ ରହିଥିଲା ତାହା ଆଗାମୀ ଦିନରେ ମଧ୍ୟ ଚାଲୁ ରହିବ । ବର୍ତ୍ତମାନ ସୁଦ୍ଧା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ବ୍ରହ୍ମପୁର ଜେଲ ଗସ୍ତ କାର୍ଯ୍ୟକ୍ରମ ନାହିଁ ବୋଲି ସୂଚନା ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ବହୁ ପୂର୍ବତନ ବିଧାୟକ, ବିଜେଡ଼ି ନେତା ଓ କର୍ମୀ ଉପସ୍ଥିତ ଥିଲେ ।



## ଅଜଣା ଟ୍ରକ ଧକ୍କାରେ ଦୋକାନ ଗୃହ ଚୁରମାର, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ଲାଠି ଛକରେ ଥିବା ଏକ ଦୋକାନ ଗୃହ ଉପରେ ଅଜଣା ଟ୍ରକ ମାଡିଯିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ରବିବାର ମଧ୍ୟରାତ୍ର ସମୟରେ ଏକ ଅଜଣା ଟ୍ରକ ଧକ୍କାରେ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ସୋମବାର ସକାଳେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ କିଛି ସମୟ ପାଇଁ ଉତ୍ତ୍ୟକ୍ତ ଲୋଜ ରାସ୍ତାରୋକ କରିଥିଲେ । ରାସ୍ତା ଉପରେ ଟାୟାର ଜାଳି ଯାତାୟାତ ଅବରୋଧ କରିବା ସହ ଘଟଣାର ପ୍ରତିବାଦ କରିଥିଲେ । ଖବର ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା । ଫଳରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରିବା ସହ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରୁଛି । ଘଟଣା ଘଟାଇଥିବା ଟ୍ରକ ନମ୍ବର ଟ୍ରାକିଂ ପରେ ଚାଳକଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

# ଆସିକାବାସୀଙ୍କୁ ଘରବାରି ପଟ୍ଟା ଦାବିରେ ୨୪ରେ ବିକ୍ଷୋଭ ପାଇଁ ପ୍ରସ୍ତୁତି

ଆସିକା, (ସବ୍ୟୁ): ଆସିକା ପୌରାଞ୍ଚଳ ସାତ ରାଜସ୍ୱ ଗ୍ରାମ ବାସିନ୍ଦାଙ୍କୁ ଘରବାରି ପଟ୍ଟା ପ୍ରଦାନରେ ଅହେତୁକ ବିଳମ୍ବ ଓ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବୀ ନେଇ ଆସିକା ନାଗରିକ କମିଟି ପକ୍ଷରୁ ୨୪ ତାରିଖରେ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ଓ ଆନ୍ଦୋଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନାଗରିକ କମିଟି ସଭାପତି ଛବିଳରାମ ମିଶ୍ରଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଆସିକା ସହରର ସାତଟି ମୌଜାର ଅଧିବାସୀମାନେ ଅଧିକୃତ କରି ରହିଥିବା ଗୃହ ଓ ଚାଷ ଜମିର ଘରବାରି (ରୟତିପଟ୍ଟା) ଆଜି ପର୍ଯ୍ୟନ୍ତ ସରକାର ଯୋଗାଇ ଦେଇନଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ବାରମ୍ବାର ସରକାରଙ୍କୁ ଆସିକାବାସୀ ଦୃଷ୍ଟି ଆର୍କଷଣ କରି ଆସୁଛନ୍ତି ଏବଂ ରାଜସ୍ୱ ଓ ବିପର୍ଯ୍ୟ ପ୍ରଶମନ ପରିଚାଳନା ବିଭାଗ ଏଦିଗରେ ବିହୀତ ପଦକ୍ଷେପ ନନେଉଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ରତର ହେଉଛି । ସର୍ଭେ ଓ ସେଟେଲମେଣ୍ଟ ଓ ସତ୍ତ୍ୱାଧିକାର ଦଲିଲ୍ ପ୍ରଦାନ ପାଇଁ ବାରମ୍ବାର ଘୋଷଣା ନାମା କରି ଆସୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏଥିପାଇଁ ତତ୍ପରତା କରି ନଥିବାରୁ ସଭାରେ ବକ୍ତାମାନେ ପ୍ରଶାସନର ଅବହେଳା ପାଇଁ ଆସନ୍ତା ୨୪ରେ ତହସିଲ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିବା ନେଇ ଘୋଷଣା କରାଯାଇ ଏଥିନେଇ ପ୍ରସ୍ତୁତି ଚାଲିଛି । ଆୟୋଜିତ ବୈଠକରେ ପ୍ରେସ କ୍ଲବ ସଭାପତି ସତ୍ୟନାରାୟଣ ରଥ, ଅମଲା ସଂଘ ନେତା ପ୍ରସନ୍ନ କୁମାର ତ୍ରିପାଠୀ, ନାଗରିକ କମିଟିର ସଙ୍ଗଠକ ଗଙ୍ଗାଧର ଶତପଥି ଓ ସମ୍ପାଦକ ଶକ୍ତି ପ୍ରସାଦ କର, ଗଞ୍ଜାମ ଜିଲ୍ଲା ଘରୋଇ ବସ ସଂଘର ନେତା ସନ୍ତୋଷ କୁମାର ପୋଲାଇ, ଆଇନଜୀବୀ କେ.ବ୍ରହ୍ମାନନ୍ଦ ରାଓ, ସମାଜସେବୀ ସୁଦିପ୍ତା ପାଢୀ, ପୂର୍ବତନ କାଉନସିଲର ଏମ୍ .ତାରିଣୀ ସେନାପତି, ଶିକ୍ଷାବିତ ବନମାଳୀ ସାମନ୍ତରା, କାଉନସିଲର କାହ୍ନୁଚରଣ ପାତ୍ର, ଗଜେନ୍ଦ୍ର କୁମାର ପାତ୍ର, ନିରଞ୍ଜନ ପଣ୍ଡା, ବୃନ୍ଦାବନ ସାହୁ, ସୁରେନ୍ଦ୍ରନାଥ ଦାସ, ଗୋପିନାଥ ରାଉତ ପ୍ରମୁଖ ବହୁ ବ୍ୟକ୍ତି ସଭାରେ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ବୁଧବାର ୨୪ ତାରିଖ ଦିନ ଲାଲାଗୋର୍ଜି ହନୁମାନ ମନ୍ଦିର ଠାରେ ଆସିକା ସହରବାସୀ ଉପସ୍ଥିତ ହୋଇ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବା ସହ ତହସିଲ ଅଫିସ ସମ୍ମୁଖ ପ୍ରତିବାଦ ସଭାରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି । ଆୟୋଜିତ ସୁରେନ୍ଦ୍ର ନାଥ ପାତ୍ର, ଅନିଲ କୁମାର ପାଣିଗ୍ରାହୀ, ବନମାଳୀ ସାମନ୍ତରା, କେ.ବ୍ରହ୍ମାନନ୍ଦ ରାଓ, ସାମ୍ବାଦିକ ସରୋଜ ଦାସ, ଶିବରାମ ଶତପଥୀ, ସୁଦିପ୍ତା ଦାସ ପ୍ରମୁଖଙ୍କୁ ନାଗରିକ କମିଟି ସଦସ୍ୟ ଭାବେ ଗ୍ରହଣ କରିଥିବା ବେଳେ ଲକ୍ଷ୍ମୀ ନାରାୟଣ ଗୁପ୍ତାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି ।

## ବିଶ୍ୱପ୍ରସିଦ୍ଧ ବୌଦ୍ଧକ୍ଷେତ୍ର ସହ ଓଲାଶୁଣୀ ପୀଠର ହେବ ବିକାଶ

# ବିଧାୟକ ଓ ଜିଲ୍ଲାପାଳଙ୍କ ସହିତ ଟ୍ରଷ୍ଟବୋର୍ଡ଼ର ବୈଠକ

ବାଲିଚନ୍ଦ୍ରପୁର, (ସବ୍ୟୁ): ରାଜ୍ୟର ପ୍ରମୁଖ ଧର୍ମ, ସଂସ୍କୃତି ଓ ପର୍ଯ୍ୟଟନକ୍ଷେତ୍ର ଓଲାଶୁଣୀ ଗୁମ୍ଫା ହେବ ସାମଗ୍ରିକ ବିକାଶ । ହୀରକ ତ୍ରିଭୁଜ ବୌଦ୍ଧପୀଠ ଲଳିତଗିରି, ଉଦୟଗିରି ଓ ରନିଗିରିକୁ ଯୋଡୁଥିବା ଏହି ପବିତ୍ର ତୀର୍ଥଭୂଇଁର ଆନୁଷଙ୍ଗିକ ଉନ୍ନତି ପାଇଁ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟପନ୍'। ଗ୍ରହଣ କରାଯିବ ବୋଲି ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଛନ୍ତି । ଶନିବାର ଦିନ ବିଧାୟକଙ୍କ ବାସଭବନରେ ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର କର୍ମକର୍ତ୍ତାମାନଙ୍କ ସହିତ ଆୟୋଜିତ ବୈଠକରେ ବିଧାୟକ ପ୍ରସିଦ୍ଧ ବୌଦ୍ଧକ୍ଷେତ୍ର ସହିତ ଏହି ସଂସ୍କୃତି-ପର୍ଯ୍ୟଟନକ୍ଷେତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ଆଲୋକପାତ କରିଥିଲେ । ଓଲାଶୁଣୀ ଗୁମ୍ଫାଯାତ୍ରା ଆଗାମୀ ଜାନୁଆରୀ ୧୪ ତାରିଖ ମକରସଂକ୍ରାନ୍ତି ଠାରୁ ଆରମ୍ଭ ହେବାକୁ ଯାଉଛି । ଓଲାଶୁଣୀ ମେଳାଯାତ୍ରାର ସୁପରିଚାଳନା ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଚଳିତବର୍ଷର ପ୍ରଶାସନିକ ପ୍ରସ୍ତୁତି ବୈଠକରେ ବଡ଼ଚଣା ବିଧାୟକ ଓ ଜିଲ୍ଲାପାଳଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଯୋଗଦେବେ । ଚଳିତବର୍ଷ ଏହି ମେଳାର ପ୍ରଥମ ଦିବସରେ ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ' ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଓଲାଶୁଣୀ ଗୁମ୍ଫା ମହୋତ୍ସବର ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ପାଇଁ ଆୟୋଜନ ସମିତି ପକ୍ଷରୁ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଓ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହିତ ସାକ୍ଷାତ୍ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଓଲାଶୁଣୀ ମହୋତ୍ସବ ଆୟୋଜନ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଭାବେ ବଡ଼ଚଣା ବିଧାୟକ ରହିଛନ୍ତି । ଓଲାଶୁଣୀ ବଡ଼ଦାଣ୍ଡରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥିମଣ୍ଡଳୀ ଓ ରାଜ୍ୟର ପ୍ରମୁଖ ଧର୍ମ ସଂସ୍କୃତି ପୀଠର ସାଧୁସନ'ମାନେ ଯୋଗଦେବେ । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ସହଯୋଗରେ ଏହି ମହୋତ୍ସବ ପ୍ରତିବର୍ଷ ଆୟୋଜିତ ହେଉଛି । ଆୟୋଜିତ ବୈଠକରେ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ଓ ପ୍ରଫୁଲ୍ଲ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ । ମା ଓଲାଶୁଣୀଙ୍କ ପୀଠ ଏବଂ ବିପରୀତ ପାର୍ଶ୍ୱରେ ଥିବା ପୌରାଣିକ ଗାଙ୍ଗୀ ପୀଠକୁ ସଂପ୍ରସାରିତ ଜାତୀୟ ରାଜପଥରୁ ସଂଯୋଗ ମାର୍ଗ ନଥିବାରୁ ବଡ଼ଚଣା ବିଧାୟକ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ତର୍ପଣ ତହସିଲଦାରଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ମେଳା ପୂର୍ବରୁ ସମଗ୍ର ଓଲାଶୁଣୀ ପୀଠକୁ ବିଦ୍ୟୁତ ସଂଯୋଗ କରିବା, ନିରନ୍ତର ଜଳଯୋଗାଣ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଯାଜପୁର ଜିଲ୍ଲାପଳ ଟ୍ରଷ୍ଟର ସଦସ୍ୟମାନଙ୍କ ସହିତ ଆୟୋଜିତ ବୈଠକରେ ପୀଠର ସାମଗ୍ରିକ ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମତବ୍ୟକ୍ତ କରିଥିଲେ ।



# ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ୩ଦିନିଆ ମୟୂରଭଞ୍ଜ ଗସ୍ତ

ବାରିପଦା, (ସବ୍ୟୁ) : ଓଡ଼ିଶା ସରକାରଙ୍କ ମହିଳା ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଜିଲ୍ଲା ନୋଡାଲ ଅଧିକାରୀ ଶୁଭା ଶର୍ମା ୩ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନରେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ବିଭାଗ ଅଧିନରେ କାର୍ଯ୍ୟକାରି ହେଉଥିବା ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ସ୍ଥିତି, ଅଗ୍ରଗତି ଏବଂ ଜନ କଲ୍ୟାଣକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧାନ କରିଥିଲେ । ଏହି କ୍ଷେତ୍ର ପରିଦର୍ଶନ ସମୟରେ ତା'ଙ୍କ ସହିତ ଜିଲ୍ଲାପାଳ ହେମକାନ୍ତ ସୟ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ଶ୍ରୀମତୀ ଶର୍ମା ପ୍ରଥମେ ଯଶିପୁର ବ୍ଲକ ଅଧିନସ୍ଥ ସାତକୋଶିଆ ଜିପି ର ଘୁଲଘୁଲିଆ ଅଙ୍ଗନବାଡି ଠାରେ ପୋଷଣ ଯନି କେନ୍ଦ୍ର, ଠାକୁରମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ବୟ ବନ୍ଦନା ଯୋଜନାର ସମୀକ୍ଷା କରିଥିଲେ । କରଞ୍ଜିଆ ଠାରେ ବିଶ୍ୱବନ୍ଧୁ ସେବକ ସଙ୍ଘ ଦ୍ୱାରା ପରିଚାଳିତ ଶିଶୁ ଯନି କେନ୍ଦ୍ର ଯାଇ ଏହାର ଆନୁସଙ୍ଗିକ ବ୍ୟବସ୍ଥା ଅନୁଧାନ କରିଥିଲେ । ଯଶିପୁର ଠାରେ ବିଭିନ୍ନ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଅନ୍ତେବାସୀ ମାନଙ୍କ ଖାଇବା ଓ ନିବାସରେ ରହଣି ବ୍ୟବସ୍ଥା ଅନୁଧାନ କରିଥିଲେ । ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇ ବିଦ୍ୟାର୍ଥୀଙ୍କ ସହ ଭାବ ବିନିମୟ କରିବା ସହିତ ପିଲାମାନଙ୍କ ସହ ଏକାଠି ବସି ମଧ୍ୟାହ୍ନ ଭୋଜନ କରିଥିଲେ । ଏହାପରେ ଯଶିପୁର ମେଗା ଜଳ ଯୋଗାଣରେ ଜଳ ବିଶୋଧନ କେନ୍ଦ୍ର ଅଂଚଳ ନିରୀକ୍ଷଣ କରିଥିଲେ । ଏହାପରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଯାଇ ଛାତ୍ରୀ ଓ ଅଧ୍ୟାପକ ମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ରାଇରଙ୍ଗପୁର ସହର ଓ୍ୱାର୍ଡ ନମ୍ବର ୧୫ ସ୍ଥିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରେ ଏଗ୍ରୋ ସର୍ଭିସ ସେଣ୍ଟର ଦେଖିଥିଲେ ଏବଂ ପିଏମ କିଷାନର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହିତ କୃଷକ ପଞ୍ଜିକରଣ ଶିବିର ଅନୁଧାନ କରିଥିଲେ । ସେଠାରୁ ପୁରୁଣାପାଣି ଜି.ପି ଅଫିସରେ କୃଷକ ପଞ୍ଜିକରଣ ଶିବିରରେ ପିଏମ କିଷାନ ହିତାଧିକାରୀଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ତାଳବନ୍ଧ ଗ୍ରାମରେ ସୋଲାର ବୋରେଓ୍ୱଲ ଦେଖିଥିଲେ । ଏହାପରେ ରାଇରଙ୍ଗପୁର ପୌରାଞ୍ଚରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ଡ୍ରିଙ୍କ ଫ୍ରମ ଟେପ ପ୍ରକଳ୍ପର କାର୍ଯ୍ୟକାରିତାର ଅନୁଧାନ କରିବା ସହ ହିତାଧିକାରୀଙ୍କ ସହ ଭାବ ବିନିମୟ କରି ଠିକ ଭାବେ ଜଳ ଯୋଗାଣ କାର୍ଯ୍ୟ ସମ୍ପାଦନ ହେଉଛି କି ନାହିଁ ପଚାରି ବୁଝିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମ ଅବସରରେ ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲ୍ଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସ୍ଥିତି ଓ ଉନ୍ନୟନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ସୁଚାରୁ ବଳ, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ସମୀକ୍ଷା କ୍ରମରେ ବିଭିନ୍ନ ବିଭାଗ, ଯୋଜନା ଓ ପ୍ରକଳ୍ପ କାର୍ଯ୍ୟ ବିଷୟରେ ସମୀକ୍ଷା କରିଥିଲେ । ଶେଷରେ ଅତିରକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।



## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଆଲୁମ୍‌ନି ମିଟ୍-୨୦୨୫

# ପୁରାତନ ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନର ବ୍ରାଣ୍ଡ ଆମ୍ବାସଡର୍ : ଅଧ୍ୟକ୍ଷ ଡ. ରଥ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୁମ୍‌ନି ମିଟ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଫଳତାର ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ସଂସ୍ଥା ଓ ପଦପଦବୀରେ କାର୍ଯ୍ୟକରି ନିଜକୁ ପ୍ରତିଷ୍ଠିତ କରିବା ସହିତ ଶିକ୍ଷାନୁଷ୍ଠାନର ଗୌରବ ବଢାଇଥିବା ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ବିଶେଷ ଉତ୍ସବରେ ବର୍ତ୍ତମାନ ଓ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ନୃତ୍ୟଗୀତ ପରିବେଷଣ ହୋଇଥିଲା । ପୁରାତନ ଛାତ୍ରଛାତ୍ରୀ ବିଗତ ଦିନର ଅଭୁଲା ସ୍ମୃତି ଚାରଣ କରି ସେମାନେ ଶିକ୍ଷା ଗ୍ରହଣ କରିଥିବା ଡ୍ରିମ୍‌ସ ଆଜି ବିଶ୍ୱବିଦ୍ୟାଳୟର ରୂପ ନେଇଥିବାରୁ ଅତ୍ୟନ୍ତ ଗର୍ବିତ ବୋଲି ଅଭିମତ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ଅବସରରେ ସେମାନଙ୍କୁ ଡ୍ରିମ୍‌ସର ବ୍ରାଣ୍ଡ ଆମ୍ବାସଡର ଭାବରେ ବର୍ଣ୍ଣନା କରି ଏତେ ସଂଖ୍ୟାରେ ଉପସ୍ଥିତି ସମସ୍ତଙ୍କୁ ଆନନ୍ଦ ଦେଇଛି ବୋଲି ପ୍ରକାଶ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କୁଳପତି ପ୍ରଫେସର ଡ.ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପୁରାତନ ବିଦ୍ୟାର୍ଥୀ ଶିକ୍ଷାନୁଷ୍ଠାନର ଅମୂଲ୍ୟ ସମ୍ପଦ ଏବଂ ସେମାନଙ୍କ ପ୍ରତିଟି ସଫଳତା ପ୍ରେରଣାଦାୟକ ବୋଲି ମତ ବ୍ୟକ୍ତ କରିଥିଲେ । ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱା, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ କେକ୍ କଟାଯିବା ସହ ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୁମ୍‌ନି ଆସୋସିଏସନ୍ ସଭାପତି ଡ. ନୟନ ରଂଜନ ସାମଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସଂପାଦକ ପ୍ରାଧ୍ୟାପକ ସୁରଜିତ୍ ମହାନ୍ତି ଏବଂ ପ୍ରାଧ୍ୟାପିକା ଦେବଯାନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ଡ୍ରିମ୍‌ସ ଗ୍ରାଉଣ୍ଡରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।

# ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ପରିଜାଙ୍କ ବିୟୋଗରେ ଶୋକ



ନାଉଗାଁ, ୨୨/୧୨ (ସବ୍ୟୁ): ନାଉଗାଁ ଗ୍ରାମର ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ପରିଜାଙ୍କ ବିୟୋଗରେ ସମଗ୍ର ନାଉଗାଁ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ସେ ଜଣେ ସରଳ, ନିଷ୍କପଟ ଓ ଧର୍ମପରାୟଣ ବ୍ୟକ୍ତିତ୍ୱ ଭାବେ ସାମାଜିକ ମହଲରେ ସୁପରିଚିତ ଥିଲେ। ସ୍ୱର୍ଗତ ପରିଜା ନାଉଗାଁର ପ୍ରସିଦ୍ଧ ବାବା ସାଧୁ ଗୋସ୍ୱାମୀ ପୀଠ ପରିଚାଳନା ସମିତିର ପ୍ରତିଷ୍ଠାତା ସଦସ୍ୟ ଭାବେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟ ସୁଚାରୁ ଭାବେ ପରିଚାଳନା କରୁଥିଲେ। ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ସରପଞ୍ଚ ଶ୍ରୀମତୀ ପ୍ରାଚୀ ସାଗରୀକା ଜେନା, ସମିତି ସଭ୍ୟା ମାନସୀ ଲେଙ୍କା, ସମାଜସେବୀ ତ୍ରିନାଥ ପରିଜା, ସମୀର ନାୟକ, ଅନିଲ ଲେଙ୍କା, ଶାଶ୍ୱତ ରଞ୍ଜନ ନାୟକ, ଲଲାଟ କିଶୋର ଲେଙ୍କା, ସୁନିଲ କୁମାର ମାଟିଆ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶେଷରେ ତାଙ୍କ ଗ୍ରାମ ଶ୍ମଶାନରେ ସମସ୍ତ ଧାର୍ମିକ ରୀତିନୀତି ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ଦିପ୍ତୀରଞ୍ଜନ ପରିଜା ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ପୁଅ ଦ୍ୱୟ ସ୍ମୃତି ରଞ୍ଜନ ପରିଜା ଓ ପ୍ରୀତିରଞ୍ଜନ ପରିଜା ସହ ପରିବାର, ସାହିଭାଇ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

# ମନରେଗା ନାମ ପରିବର୍ତ୍ତନ ପ୍ରତିବାଦରେ ଆରମ୍ଭ ହେଲା କଂଗ୍ରେସର ପଦଯାତ୍ରା

## ସରକାରଙ୍କ ବିରୋଧରେ ପିସିସି ସଭାପତି ଭକ୍ତଙ୍କ ଗର୍ଜନ




ଚଣ୍ଡିଖୋଲ, (ସବ୍ୟୁ): ଦେଶରେ ପୂର୍ବରୁ ପ୍ରବର୍ତ୍ତିତ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାର ନାମକୁ ପରିବର୍ତ୍ତନ କରି କେନ୍ଦ୍ରର ବିଜେପି ସରକାର ଏହାର ନାମ ବିକଶିତ ଭାରତ ରୋଜଗାର ଏବଂ ଆଜିବିକା ଗ୍ୟାରେଣ୍ଟି ମିଶନ ରଖିବାକୁ ନିଷ୍ପତ୍ତି ନେବା ପ୍ରତିବାଦରେ କଂଗ୍ରେସ ଦଳ ପଦଯାତ୍ରା ଆରମ୍ଭ କରିଛି। ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଏହି ପ୍ରତିବାଦ ପଦଯାତ୍ରା ସୋମବାର ଦିନ ଯାଜପୁର ଜିଲ୍ଲାର ବଡଚଣାରୁ ଆରମ୍ଭ ହୋଇଛି। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ଆସିଥିବା ସ୍ଥାନ ବୈରୀ ରେଳଷ୍ଟେସନ ଠାରୁ ଏହି ପଦଯାତ୍ରା ଆରମ୍ଭ କରାଯାଇଥିଲା। ଏହି ପଦଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସ ଯୋଗଦେଇ କେନ୍ଦ୍ର ବିଜେପି ସରକାରଙ୍କ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିବା ସହ ମୋଦି ସରକାରର ଏହି ନିଷ୍ପତ୍ତି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଘୋର ଅପମାନ ଓ ଦେଶରୁ ଗାନ୍ଧୀବାଦକୁ ନିପାତ ପାଇଁ ଷଡଯନ୍ତ୍ର ବୋଲି କହିଥିଲେ। ପ୍ରଦେଶ କଂଗ୍ରେସ ସେବା ଦଳ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଛତିଆରୁ ଚମ୍ପାପୁର ପର୍ଯ୍ୟନ୍ତ ଯାଇ ସେଠା ଗାନ୍ଧୀ ପୀଠରେ ପ୍ରତିବାଦ ସଭା ହୋଇଥିଲା। ଯାଜପୁର ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭାରେ ପିସିସି ସଭାପତିଙ୍କ ସହ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ରାଜ୍ୟ ସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ଚନ୍ଦ୍ର ରାଉତ,ପୂର୍ବତନ ଜିଲ୍ଲା ସଭାପତି ମନୋଜ କୁମାର ରାଉତ,ଅଜୟ ସାମଲ, କିସାନ ପଣ୍ଡା, ସନ୍ତୋଷ କୁମାର ବଳ, ଚିନ୍ମୟ ପ୍ରଧାନ, ସୁଧାଂଶୁ ଶେଖର ଦେଓ, ବିଶ୍ୱପ୍ରକାଶ ସାମଲ, ଜୟ ପ୍ରକାଶ ସାମଲ, ଚର୍ଚ୍ଚିତ ମାହାଲା,ବନ୍ଦିତା ପରିଡ଼ା, ହିମାଂଶୁ ଲେଙ୍କା, ଆରତୀ ସ୍ୱାଇଁ, ସୁଦୀପ୍ତ କର, ହରିହର ସ୍ୱାଇଁ, ମୋହନ ହେମ୍ବ୍ରମ, କନକଲତା ମଲ୍ଲିକ ପ୍ରମୁଖ ଯୋଗଦେଇ ମନରେଗାକୁ ପରିବର୍ତ୍ତନ କରି ଏବେ ପ୍ରବର୍ତ୍ତିତ ଯୋଜନା ଯାହାଦ୍ୱାରା ଦେଶରେ କୋଟି କୋଟି ଶ୍ରମିକ ନିଜର ଜୀବିକା ହରାଇବେ ବୋଲି ଅଭିଯୋଗ କରିଥିଲେ। ରାଜ୍ୟରେ ଶ୍ରମିକ ମାରଣ ନୀତି, ନାରୀ ନିର୍ଯାତନା ବୃଦ୍ଧି, ଖଣି ଖାଦାନ ଲୁଟ୍, ବେଆଇନ୍ ବିଦ୍ୟୁତ ଆଡ଼ିସନାଲ ସରଚାର୍ଜ୍ ଲାଗୁ, ଧାନର ଅଭାବୀ ବିକ୍ରି, ଆଦି ସମସ୍ୟା ଉପରୁ ନଜର ହଟାଇବା ପାଇଁ ସରକାର ଏପରି ଏକ ବିଲ୍ ପାରିତ କରିଛନ୍ତି ବୋଲି ଏହି ନେତାମାନେ ଆରୋପ କରିଥିଲେ।

# ବିରଜା ମନ୍ଦିରକୁ ପ୍ରବେଶ କରି ଯୁବକ ଗିରଫ

ଯାଜପୁରସଦର, (ସବ୍ୟୁ): ଯାଜପୁର ଜିଲ୍ଲା ଏବେ ଜେହାଦୀମାନଙ୍କ ଟାର୍ଗେଟରେ। ଆଜି ସୋମବାର ଡିସେମ୍ବର ୨୨ ତାରିଖ ଦିନ ୧୨ଟା ୩୦ମି ସମୟରେ ଜଣେ ହିନ୍ଦୁ ଯୁବତୀକୁ ଧର କଟିକଟା ଗ୍ରାମର ସେକ୍ ମସରୁମ୍ ଅଲ୍ଲୀ ନାମକ ଜଣେ ମୁସଲିମ୍ ଯୁବକ ବିରଜା ମନ୍ଦିର ପରିସରକୁ ପ୍ରବେଶ କରିଥିଲା। ମନ୍ଦିରର ପବିତ୍ରତାକୁ ନଷ୍ଟ କରିବା ସହିତ ମନ୍ଦିରର କୈଣସି କ୍ଷତି ଘଟାଇବା ଉଦ୍ଦେଶ୍ୟ ରଖି ପ୍ରବେଶ କରିଥିଲା ବୋଲି ସନ୍ଦେହ ହେଉଛି। ଯାହାକି ରାଷ୍ଟ୍ରିୟ ବଜରଙ୍ଗ ଦଳ କାର୍ଯ୍ୟକର୍ତାଙ୍କ ନଜରକୁ ଆସିଥିଲା। ତୁର" ସେ ଯୁବକକୁ ଧରି ବଜରଙ୍ଗ ଦଳ କାର୍ଯ୍ୟକର୍ତାମାନେ ମନ୍ଦିର ପୁଲିସ୍‌କୁ ଜିମା ଦିଆଯାଇଥିଲା। ପରବର୍ତୀ ସମୟରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ କାର୍ଯ୍ୟାଳୟର ମୁଖ୍ୟ ଅରବିନ୍ଦ ଦାସଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକର୍ତାମାନେ ଯାଜପୁର ଥାନାରେ ଯୁବକ ଓ ଯୁବତୀଙ୍କ ବିରୁଦ୍ଧରେ ଏଫାୟାର ଦେଇଥିଲେ। ବର୍ତମାନ ଜେହାଦୀମାନେ ହିନ୍ଦୁ ମନ୍ଦିରକୁ ଟାର୍ଗେଟ କରୁଛନ୍ତି। ତେଣୁ ପୁଲିସ୍ ପ୍ରଶାସନକୁ ସଂଗଠନ ତରଫରୁ ଦୃଢ ଦାବୀ କରାଯାଉଛି ନିରପେକ୍ଷ ତଦ" କରି ଦୋଷୀ ବିରୁଦ୍ଧରେ ଦୃଢ ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଉପସ୍ଥିତ କାର୍ଯ୍ୟକର୍ତାଙ୍କ ମଧ୍ୟରେ ଜିଲା ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ,କେନ୍ଦ୍ରାପଡା ବିଭାଗ ସଂଯୋଜକ ବାଦଲ ନାୟକ,ଜିଲ୍ଲା ସହସଂଯୋଜକ ଗୌତମ ପ୍ରସାଦ ସାହୁ ଙ୍କ ସହିତ ଅନେକ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ।

# କନିକା ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ରାଜକନିକା, (ସବ୍ୟୁ) : ସମଗ୍ର କନିକା ଇଷ୍ଟେଟର ଅଦ୍ୱିତୀୟ ଶିକ୍ଷାନୁଷ୍ଠାନ ଆୟତନ ଠାରେ ଅବସ୍ଥିତ କନିକା ସରକାରୀ ଉଚ୍ଚ ବିଦ୍ୟାଳୟର ତିନି ଦିନିଆ ହୀରକ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଛି। ଆଜି ପୂର୍ବାହ୍ନ ୮. ୩୦ ମିନିଟ ସମୟରେ ମେଘପୁରର ସହିଦ ବାସୁ ବିଶୁନି ସ୍ମୃତି ସ୍ତମ୍ଭ ନିକଟରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସ୍କୁଲରେ ପହଂଚିଥିଲା। ସକାଳୁ କଳସ ଶୋଭାଯାତ୍ରା ଓ ପତାକା ଶୋଭାଯାତ୍ରାରେ ସ୍କୁଲର ପୁରାତନ ଛାତ୍ର, ବର୍ତ୍ତମାନର ଛାତ୍ରୀ ସାମିଲ ହୋଇଥିଲେ। ପୂର୍ବାହ୍ନ ୯ ଟାରେ ବିଦ୍ୟାଳୟର ହୀରକ ଜୟନ୍ତୀ ପତାକା ଉତ୍ତୋଳନ ହେବା ପରେ ଉଦଘାଟନୀ ଅଧିବେଶନରେ ବୀରେନ୍ଦ୍ର ପଣ୍ଡା ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ।ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବରେ ଅଭିନେତା କୁନା ତ୍ରିପାଠୀ, ସମ୍ମାନୀତ ବକ୍ତା ଭାବରେ କନିକା ଭାସ୍କର ଡ଼ଃ ହୟଗ୍ରୀବ ଗୁରୁ ଯୋଗ ଦେଇ ବିଦ୍ୟାଳୟର ହୀରକ ଜୟନ୍ତୀର ସଫଳତା କାମନା କରି ହୀରକ ଜୟନ୍ତୀ ସ୍ମୃତି ଫଳକ ଉନ୍ମୋଚନ କରି ଏହି ଉତ୍ସବର ସଫଳତା କାମନା କରିଥିଲେ ବ ପୁରାତନ ଛାତ୍ର କୈଳାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ନବକିଶୋର ସୂତାର ସମ୍ପାଦକୀୟ ବିବରଣୀ ପାଠ, ପ୍ରସନ୍ନ ଧଳ ଅତିଥି ଆବାହନ, କମଳାକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନଳିନୀ କାନ୍ତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଶଣ କରିଥିଲେ। ପୁରାତନ ଛାତ୍ର ସଂସଦ ଆୟୋଜନରେ ଅନିଷ୍ଠିତ ସମାରୋହରେ ସନ୍ଧ୍ୟାରେ କଟକର ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

# ନାଳରେ ପଡି ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା, ( ସବ୍ୟୁ ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ପଂଚାୟତ କୋହ୍ଲା ଗ୍ରାମ ନିକଟସ୍ଥ ଏକ ନାଳରୁ ପୁଲିସ ଜଣେ ବୃଦ୍ଧଙ୍କ ମୃତଦେହକୁ ଆଜି ସନ୍ଧ୍ୟାରେ ଉଦ୍ଧାର କରିଛି। ସୂଚନା ମୁତାବକ କୋହ୍ଲା ଗ୍ରାମର ସନିଆ ଦାସ (୮୫) ଗତକାଲି ଅପରାହ୍ନ ରେ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଇ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜା ଖୋଜି କରି ତାଙ୍କୁ ପାଇନଥିଲେ। ତେବେ ଆଜି ଅପରାହ୍ନରେ ନାଳରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ପରେ ଶନିଆଙ୍କ ଘରଲୋକ ସେଠାରେ ପହଁଚି ମୃତଦେହ ଶନିଆଙ୍କର ବୋଲି ଚିହ୍ନଟ କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଂଚିବା ମୃତଦେହକୁ ଜବତ କରି ବ୍ୟବଛେଦ ଲାଗି ଧର୍ମଶାଳା ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଛି।

# ଆନ୍ତଃ କଲେଜ କ୍ରିକେଟ : କେନ୍ଦ୍ରାପଡ଼ା ଓ ଚିତାଳ କଲେଜ ବିଜୟୀ

ବ୍ୟାସନଗର, (ଜିପ୍ର): ବ୍ୟାସନଗର ମହାବିଦ୍ୟାଳୟ ଠାରେ ଚାଲୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଂଟର ସୋମବାର ଦିନର ପ୍ରଥମ ମ୍ୟାଚ କେନ୍ଦ୍ରାପଡ଼ା ଓ ଶ୍ରୀ ଶ୍ରୀ ବାଇଆବା କଲେଜ ମହାକାଳପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସରେ ବିଜୟୀ ହୋଇ କେନ୍ଦ୍ରାପଡ଼ା ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ମହାକାଳପଡ଼ା ୧୫ଓଭରରେ ସମସ୍ତ ଓ୍ୱିକେଟ ହରାଇ ୮୧ ରନ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ମାତ୍ର ୬ ଓଭରରେ ୨ ଓ୍ୱିକେଟ ହରାଇ ୮୨ରନ କରି ୮ ଓ୍ୱିକେଟରେ ବିଜୟୀ ହୋଇଥିଲା ତେଜ ହୋଣ୍ଡା ତରଫରୁ କେନ୍ଦ୍ରାପଡ଼ାର ଦିବ୍ୟ ରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱତୀୟ ମ୍ୟାଚ ମଠକରଳା ଢେଙ୍କାନାଳ ଓ ଚିତାଳ କଲେଜ ମଧ୍ୟରେ ହୋଇଥିଲା। ଟସ ରେ ବିଜୟୀ ହୋଇ ମଠକରଳା ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ନିର୍ଧାରିତ ୧୫ ଓଭରରେ ଚିତଲୋ କଲେଜ ୮ ଓ୍ୱିକେଟ ହରାଇ ୧୪୯ ରନ କରିଥିଲା। ଦଳ ତରଫରୁ ଶୁଭ୍ରାଂଶୁ ପଳେଇ ୫୫ ରନ କରିଥିଲେ। ଜବାବରେ ମଠକରଗଳା ୧୪.୩ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୨୭ ରନ କରି୨୨ରନରେ ଚିତଲୋ ବିଜୟୀ ହୋଇଥିଲା। ବିଜୟୀ ଦଳର ପ୍ରିୟବ୍ରତ ସାହୁଙ୍କୁ ତେଜ ହୋଣ୍ଡା ତରଫରୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ପବିତ୍ର ମଲ୍ଲିକ. ଶୁଭମ ବିଶ୍ୱାଳ. ଅନିକେତ ଧୀର ପରିଚାଳନା କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘ ବାର୍ଷିକ ଅଧିବେଶନ ୪ରେ

ବ୍ୟାସନଗର, (ଜିପ୍ର): ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ ଆଗାମୀ ଜାନୁଆରୀ ୪ ତାରିଖରେ ଅନୁଷ୍ଠିତ ହେବ । ଦାନଗଦୀ ଠାରେ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଦାନଗଦୀର ଏମଆଇପିଏଲ ହୋଟେଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ଉତ୍ସବର ପ୍ରଥମ ଅଧିବେଶନରେ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦ୍ୱିତୀୟ ଅଧିବେଶନରେ ସାମ୍ବାଦିକ ମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସମବାୟ ମନ୍ତ୍ରୀ ଡ଼ ପ୍ରଦୀପ ବଳସାମନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ ଓ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେବେ। ସେହିପରି ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବିଜେବି କଲେଜ୍‌ର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ସହକାରୀ ପ୍ରାଧ୍ୟାପକ ସାମନ୍ତ ବିଶ୍ୱଭୂଷଣ ଧୀର ଓ ଓଡ଼ିଶା ରାଜ୍ୟମୁକ୍ତ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର କାଉନସିଲର ପ୍ରିୟରଞ୍ଜନ କର ସଂଚାଳନ କରିବେ। ପ୍ରସ୍ତୁତି ବୈଠକରେ ଜିଲା ସଭାପତି ହରିହର ସ୍ୱାଇଁ, ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ସମ୍ପାଦକ ଶୁଭାଶିଷ ରାଉତ, ଉପ-ସଭାପତି ପ୍ରଦୀପ ଜେନା, ଉପଦେଷ୍ଟା ପ୍ରିୟ ରଞ୍ଜନ କର, ଦୁଷ୍ମନ୍ତ ଘଡାଇ ଓ ବିପ୍ଳବ ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ

# ଗଠିତ ହେଲା ମାହାଙ୍ଗା ବିଦ୍ୟୁତ୍ ଉପଭୋକ୍ତା ସଂଘ

କୁଆଁପାଳ, (ସବ୍ୟୁ) : ମାହାଙ୍ଗା ବ୍ଲକ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ କୁଆଁପାଳସ୍ଥିତ ବଣ୍ଡୁଆ ମହାପୁରୁଷ ପୀଠ ସ୍ଥଳୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତି କ୍ରମେ ମାହାଙ୍ଗା ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଉପଭୋକ୍ତା ସଂଘର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପସଭାପତି ଭାବେ ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ,ସାଧାଣଣ ସଂପାଦକ ଭାବେ ବିଜୟ କୁମାର ରାଉତ,ସହ ସଂପାଦକ ଭାବେ ଅଲେଖ ପ୍ରସାଦ ସ୍ୱାଇଁ,କୋଷାଧ୍ୟକ୍ଷ ଭାବେ ଜଗଜୀବନ ବେହୁରା ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ମାହାଙ୍ଗା ସେକ୍ସନ ସଭାପତି ଭାବେ ରୁଷି କୁମାର ରାଉତ,ସାଧାରଣ ସଂପାଦକ ଭାବେ ଚୈତନ୍ୟ ଚରଣ ପାଣି ,ଉପସଭାପତି ଭାବେ କୈଳାସ ଚନ୍ଦ୍ର ଆଚାର୍ଯ୍ୟ ,ସହ ସଂପାଦକ ଭାବେ ପ୍ରଫୁଲ୍ଲ କୁମାର ପରିଡା , କୋଷାଧ୍ୟକ୍ଷ ଭାବେ ଅବଦୁଲ ହମିଦ ଏବଂ ଏରକଣା ସେକ୍ସନର ସଭାପତି ଭାବେ ରାମଚନ୍ଦ୍ର ସ୍ୱାଇଁ,ଉପସଭାପତି ଭାବେ ପ୍ରଫୁଲ୍ଲ କୁମାର ସ୍ୱାଇଁ,ସାଧାରଣ ସଂପାଦକ ଭାବେ ପ୍ରକାଶ ଚନ୍ଦ୍ର ପ୍ରଧାନ,ସହ ସଂପାଦକ ଭାବେ ଅକ୍ଷୟ କୁମାର ଖଟୁଆ,କୋଷାଧ୍ୟକ୍ଷ ଭାବେ ଜ୍ଞାନେନ୍ଦ୍ର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ଏଥିରେ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟର ବହୁ ଉପଭୋକ୍ତା ଓ ସଂଘ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଗୋପୀନାଥପୁର ଠାରେ କିମ୍ସ ମେଡିକାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ସାଲେପୁର, (ସବ୍ୟୁ) : କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅରୋ ବିହାର ଠାରେ ଗ୍ରାମାଞ୍ଚଳ ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଲକ୍ଷରେ କିମ୍ସ ମେଡିକାଲ, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରକୁ କିଟ୍ ଓ କିମ୍ସ ମେଡିକାଲର ପ୍ରତିଷ୍ଠାତା ପ୍ରଫେସର ଡ଼ଃ ଅଚ୍ୟୁତ ସାମନ୍ତ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ କଟକ ସଦର ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ମୁଖ୍ୟବକ୍ତା ଭାବରେ କଟକ ଜିଲ୍ଲା ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ପ୍ରଶାନ୍ତ କୁମାର ହୋତା, ସମ୍ମାନୀତ ଅତିଥି ଭାବରେ କିମ୍ସ ମେଡିକାଲ କଲେଜ ର ଉପ-କୁଳପତି ଡା ସି. ବି. କେ ମହାନ୍ତି, ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ, ସାଲେପୁର ଅତିରିକ୍ତ ତହସିଲଦାର ଶିଶିର କୁମାର ରାଉତ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ, ଗୋପୀନାଥପୁରର ସମ୍ପାଦକ ବୀରବର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ୭୯୧୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ରକ୍ତ ପରୀକ୍ଷା, ଇ. ସି. ଜି ଓ ଏକ୍ସରେ କରାଯାଇ ମାଗଣା ମେଡ଼ିସିନ ପ୍ରଦାନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ କିମ୍ସ ମେଡିକାଲ ତରଫରୁ ଉପ କୁଳପତି ଡ଼ା ସି ବି କେ ମହାନ୍ତି, ଡାଇରେକଫର ଜେନେରାଲ ଡ଼ା ଅଜିତ କୁମାର ମହାନ୍ତି, ଚର୍ମରୋଗ ବିଶେଷଜ୍ଞ ଡ଼ା ହେମନ୍ତ କୁମାର କର, ଅସ୍ଥିମଜା ରୋଗ ବିଶେଷଜ୍ଞ ଡ଼ା ପ୍ରଶାନ୍ତ ପ୍ରଧାନ , ସ୍ନାୟୁରୋଗ ବିଶେଷଜ୍ଞ ଡ଼ା ସନ୍ତୋଷ କୁମାର ଦାଶଙ୍କ ସହିତ ୨୨ ଟି ବିଭାଗର ୬୫ଜଣ ଡାକ୍ତରଙ୍କ ସହ ୧୫୧ଜଣ ପାରାମେଡିକାଲ କର୍ମଚାରୀ ପ୍ରମୁଖ ରୋଗୀମାନଙ୍କର




ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସୁବ୍ରତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଉକ୍ତ ଶିବିର କିମ୍ସ ମେଡିକାଲ ଉପ-ଅଧିକ୍ଷକ ଡ଼ା ହରିଶ ଚୌଧୁରୀ ଓ ଉପ ନିର୍ଦ୍ଦେଶକ ଦେବାଶିଷ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଶୁକାନ୍ତ କୁମାର ବିଶ୍ୱାଳ, ଖିତିଶ୍ କୁମାର ନାୟକ, ଦିପକ କୁମାର ପାଣି, ଦୁଃଶାସନ ବେହେରା, ଉମାକାନ୍ତ ପଣ୍ଡା, ଜୟନ୍ତ କୁମାର ମହାପାତ୍ର, ଉପେନ୍ଦ୍ର ସାମଲ, ବିଶ୍ୱରଂଜନ ସାହୁ, ଲମ୍ବୋଦର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିବା ବେଳେ ଯୁବ ରେଡକ୍ରସ କଟକ ଜିଲ୍ଲା ସଂଯୋଜିକା ଡ଼ଃ ସସ୍ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ଯୁବ ରେଡକ୍ରସ ପରାମର୍ଶଦାତା ମାନସ କୁମାର ବେହେରା ଓ ଅବିନାଶ ନାୟକ ସହଯୋଗରେ ଷ୍ଟିୱାର୍ଟ ସାଇନ୍ସ କଲେଜ, ଟାଙ୍ଗୀ ମହାବିଦ୍ୟାଳୟ, ଲକ୍ଷ୍ମୀ ନାରାୟଣ ସାହୁ ମହାବିଦ୍ୟାଳୟ, ଦେବୀ କନ୍ଦଳ ମହାବିଦ୍ୟାଳୟ, କଟକ କଲେଜ, ଆଇ ପି ଟି ସାଲେପୁରର ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିରରେ ରୋଗୀମାନଙ୍କୁ ସହଯୋଗ କରିଥିଲେ।

# ଜିଲ୍ଲା କାର୍ଯ୍ୟାଳୟ ଆଗରେ ନାଇଟ ୱାଚ୍, ୱାର୍ଡ ହାଉସ କିପିଙ୍ଗଙ୍କ ଧାରଣା

କେନ୍ଦ୍ରାପଡା, (ସବ୍ୟୁ) : ନିଖିଳ ଓଡିଶା ନାଇଟ୍ ୱାଚ୍ ଆଣ୍ଡ ୱାର୍ଡ ଓ ହାଉସ କିପିଂ କର୍ମଚାରୀ ସଂଘର ଏକ ଗଣ ଧାରଣା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଜିଲ୍ଲା ସଭାପତି ବସନ୍ତ କୁମାର ସାହୁଙ୍କ ଅଦ୍ୟକ୍ଷତା ରେ




ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ଶୋଭାଯାତ୍ରା ତିନିମୁହାଣୀ ଠାରୁ ବାହାରି ସହର ପରିକ୍ରମା କରି ୬ଦଫା ଦାବି ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଓ ସଭା କରିଥିଲେ। ଏଥିରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବକେୟା ଦରମା ପ୍ରଦାନ କରାଯିବା, ସ୍ଥାୟୀ ନିଯୁକ୍ତି କରିବା, ଦରମା ୨୬ ହଜାରକୁ ବୃଦ୍ଧି କରିବା, ଦେହ ଖରାପ ହେଲେ ଛୁଟି ମୁର କରିବା ଆଦି ୬ଦଫା ଦାବି ଗୁଡିକ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଝରଣା ବେହେରା, ସୁଶା" କୁମାର ନାୟକ, ଅଧାପକ ଅଜୟ ସାମଲ, ଉପଦେଷ୍ଟା କେଦାରନାଥ ସାମନ୍ତରାୟ, ରମଣୀ ରଂଜନ ରାଉତରାୟ, କଂଗ୍ରେସ ରାଜ୍ୟ ସଂପାଦିକା ପଣ୍ଡା, କୃଷକ ନେତା ଦାଶରଥୀ ସାହୁ, ବିକାଶ ଚନ୍ଦ୍ର ବେହୁରା ପ୍ରମୁଖଙ୍କ ସମେତ ଶତାଧିକ ସଂଘର କର୍ମକର୍ତା ଉପସ୍ଥିତ ଥିଲେ।

## ସେକ ମତଲୁବ ଅଲ୍ଲୀଙ୍କ ୮୪ ତମ ଜୟନ୍ତୀ

# ରାଜନୀତିର ସଂକୀର୍ଣ୍ଣତାରୁ ବହୁ ଉର୍ଦ୍ଧ୍ୱରେ ଥିଲେ ମତଲୁବ

କୁଆଁପାଳ, (ସବ୍ୟୁ) : ମାହାଙ୍ଗା ଏକ ସଂସ୍କୃତି ସଂପନ୍ନ କଳା ସାହିତ୍ୟର ମାଟି। ଏହି ମାଟିରେ ମାହାଙ୍ଗାର ବିକାଶ ପୁରୁଷ,ବିଶିଷ୍ଟ ସାରସ୍ୱତ ସାଧକ ଓ ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲୀ ଜଣେ ଅନନ୍ୟ ଜନାନାୟକ। ଜଣେ ରାଜନୈତିକ ବ୍ୟକ୍ତି ବିଶେଷ ଭାବରେ ଯେତିକି ପରିଚିତ ତାହା ଠାରୁ ଅଧିକ ସଂସ୍କୃତି ,କଳା ସାହିତ୍ୟ କ୍ଷେତ୍ରରେ ସମଗ୍ର ରାଜ୍ୟରେ ଏକ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲେ। ସେ ରାଜନୀତିର ସଂକୀର୍ଣ୍ଣତାରୁ ବହୁ ଉର୍ଦ୍ଧରେ ଥିଲେ। ସେକ୍ ମତଲୁବ ଅଲି ଥିଲେ ପ୍ରେରଣା ପୁରୁଷ ବୋଲି ମାହାଙ୍ଗାର ଖନ୍ଦୋଳ ହନୁମାନ ମଣ୍ଡପ ଠାରେ ଆୟୋଜିତ ସେକ ଅଲିଙ୍କ ୮୪ ତମ ଜୟନ୍ତୀ ଉତ୍ସବରେ ଉଦ୍‌ଘାଟନ ଓ ମୁଖ୍ୟଅତିଥିଭାବେ ଆକାଶବାଣୀ ଓ ଦୂରଦର୍ଶନର ପ୍ରାକ୍ତନ କେନ୍ଦ୍ର ନିର୍ଦ୍ଦେଶକ ଡଃ ଶାନ୍ତନୁ କୁମାର ରଥ ଯୋଗଦେଇ ବକ୍ତବ୍ୟ ରଖିବା ସହ ସେକ ମତଲୁବ ଅଲିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ହନୁମାନଜୀଉ ସାଂସ୍କୃତିକ ସଂସଦ ଖନ୍ଦୋଳ ଓ ସେକ ମତଲୁବ ଅଲ୍ଲୀ ସ୍ମୃତି ସଂସଦ ମାହାଙ୍ଗା ଆନୁକୁଲ୍ୟରେ ଶ୍ରୀ ଅଲିଙ୍କ ୮୪ ତମ ଜୟନ୍ତୀ ଉତ୍ସବ କଳାବିକାଶ କେନ୍ଦ୍ର କଟକ ସଭାପତି ପ୍ରଫେସର ଡଃ ବିଜୟାନନ୍ଦ ସିଂହଙ୍କ ଅଧକ୍ଷତାରେ ଆୟୋଜିତ ଜୟନ୍ତୀ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଗତିବାଦୀ କାର୍ଯ୍ୟନିର୍ବାହୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ ସେକ ମତଲୁବ ଅଲି ଥିଲେ ସଂସ୍କୃତି ଓ ସଂକ୍ରାନ୍ତି ପୁରୁଷ। ଓଡିଆ ଭାଷା ସାହିତ୍ୟର ସେ ଥିଲେ ସ୍ପନ୍ଦନ। ମାହାଙ୍ଗା ଥିଲା ତାଙ୍କର ଆତ୍ମା ,ଜାତି,ବର୍ଣ୍ଣ ,ଧର୍ମ ଓ ରାଜନୀତି ଉର୍ଦ୍ଧରେ ସେ ଥିଲେ ଜଣେ ବିଚକ୍ଷଣ ପ୍ରତିଭାର ଅଧିକାରୀ ଥିଲେ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିତିଲେ। ସମ୍ମାନିତ ଅତିଥିଭାବେ ଉତ୍କଳ ଗଣକବି ସ୍ମୃତି ସଂସଦ ଉପସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ବରାଳ ,ସମ୍ମାନୀତ ବକ୍ତାଭାବେ ଆଗାମୀ ଶତାବ୍ଦୀ ପ୍ରତିକ୍ରାର ସଂପାଦକ ସେକ ମସୁଦ ଅଲ୍ଲୀ,ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ ,ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଲେଙ୍କା ପ୍ରମୁଖ



ଯୋଗଦେଇ ସେକ ଅଲିଙ୍କ ବହୁମୁଖି ପ୍ରତିଭା ସଂପର୍କରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଣ୍ଡିତ ପ୍ରଭାତ କର ଅତିଥି ପରିଚୟ ,ସାଲେପୁର ବାର ଆସୋସିଏସନ ପ୍ରାକ୍ତନ ସଭାପତି ଆଇନଜିବୀ ଦୀପକ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ମତଲୁବ ପ୍ରେମୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେକ ଅଲିଙ୍କ ଜୀବନ ଦର୍ଶୀ ଉପରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

## ଜଗତସିଂହପୁର ପୁସ୍ତକ ମେଳା ଜାନୁଆରୀ ୧୫ ରୁ

# ବସିଲା ସାଂସ୍କୃତିକ ସବ୍‌କମିଟି ବୈଠକ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ପୁସ୍ତକ ମେଳା-୨୦୨୬ ଉପଲକ୍ଷେ ସାଂସ୍କୃତିକ ସବ କମିଟି ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉପ ଜିଲ୍ଲାପାଳ ତଥା ସାଂସ୍କୃତିକ ସବ କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ତରେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଓ ଉପାଧ୍ୟକ୍ଷ ତଥା ସବ୍ କମିଟିର ଆବାହକ ବିଜୟ କୁମାର ରାଉତ ଉପସ୍ଥିତ ରହି ଆଗାମୀ ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ କିଭଳି ସରସ ସୁନ୍ଦର ଭାବେ ଆୟୋଜନ କରାଯିବ ସେ ସମ୍ପର୍କରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ ।ଆସନ୍ତା ଜାନୁଆରୀ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ଆୟୋଜିତ ହେବାକୁ ଥିବା ପୁସ୍ତକ ମେଳାରେ ଜାନୁଆରୀ ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଓ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।ଏହି ଉପଲକ୍ଷେ ବିଦ୍ୟାଳୟ ଓ ସାଂସ୍କୃତିକ ଅନୁଷ୍ଠାନ ମାନେ ଆସନ୍ତା ଜାନୁଆରୀ ୪ ତାରିଖ ମଧ୍ୟରେ ଆବେଦନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଗଲା ।ଏହି ଆବେଦନ ସାଂସ୍କୃତିକ କମିଟିର ଉପାଧ୍ୟକ୍ଷ ବିଜୟ କୁମାର ରାଉତ (ମୋବାଇଲ ନମ୍ବର -୯୪୩୭୧୫୩୩୯୨ ) ଓ କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର କାନୁନଗୋ(ମୋବାଇଲ ନମ୍ବର-୭୮୭୩୦୬୪୨୩୪)ଙ୍କ ନିକଟରେ ଆବେଦନ କରିବାକୁ ସ୍ଥିର କରାଯାଇଛି ।ଆଗାମୀ ପୁସ୍ତକମେଳା ଅବସରରେ ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ସ୍ଥିର କରାଯାଇଥିବା ବେଳେ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।ସାହିତ୍ୟ ସଭା ପରେ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାୟୋଜିତ ଓ ଅନ୍ୟାନ୍ୟ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି ।ସାଂସ୍କୃତିକ ଅନୁଷ୍ଠାନ ମାନେ ସେମାନଙ୍କର ସର୍ବଶ୍ରେଷ୍ଠ କଳା ପରିବେଷଣର ଏକ ପେନ ଡ୍ରାଇଭ ସାଂସ୍କୃତିକ କମିଟି ନିକଟରେ ଆବେଦନ ସମୟରେ ଦାଖଲ କରିବେ ।ସାଂସ୍କୃତିକ ଦଳ ମାନଙ୍କର କଳାକାର ସଂଖ୍ୟା ୨୦ ମଧ୍ୟରେ ସିମିତ ରହିବ ।କୌଣସି ଏକକ ନୃତ୍ୟକୁ ଅନୁମତି ପ୍ରଦାନ କରାଯିବ ନାହିଁ ।ସାଂସ୍କୃତିକ ଅନୁଷ୍ଠାନମାନେ ଅଶ୍ଳୀଳ କିମ୍ବା କୌଣସି ଦ୍ୱି ଅର୍ଥ ବୋଧକ ସଙ୍ଗୀତ ପରିବେଷଣ କରିପାରିବେ ନାହିଁ ।ସମସ୍ତ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ପାଇଁ କେବଳ ଜଳଯୋଗ ଓ ପ୍ରମାଣପତ୍ର ପ୍ରଦାନର ବ୍ୟବସ୍ଥା କରାଯିବ । ଏହା ସହିତ ପ୍ରତ୍ୟେକ ଦିନ ଗୋଟିଏ ଲେଖାଏଁ ଭଜନ ଗ୍ରୁପ ପରିବେଷଣ କରାଯିବାକୁ ସ୍ଥିର କରାଯାଇଛି ।ଏହି ବୈଠକରେ ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ପ୍ରଦୀପ୍ତ କିଶୋର ଚୌଧୁରୀ,ମନୋଜ କୁମାର ଦାଶ,ନରେଶ ଦାସ,ଲାଲା ସଂଗ୍ରାମ କେଶରୀ ରାୟ,ସୂର୍ଯ୍ୟକାନ୍ତ ଦାସ,ନିବେଦିତାମହାନ୍ତି,ଶ୍ରଦ୍ଧାମୟୀ ରାଉତ,ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ବାଲିପାଟଣା ,(ସବ୍ୟୁ) : ରାଜ୍ୟରେ ବିଜେପି ସରକାର ଆସିବା ପରେ ବିଭିନ୍ନ ନୂଆ ପଦକ୍ଷେପ ନେଇ ଜନସାଧାରଣଙ୍କ ଆଗରେ ଏକ ନୂଆ ଭାବମୂର୍ତ୍ତି ସ୍ଥାପନ କରିବାକୁ ଚେଷ୍ଟା କରୁଛ । ବିଶେଷକରି ଜମିବାଡ଼ି ସମ୍ବନ୍ଧୀୟ ନିଷ୍ପତି ଅଧିକ ଲୋକାଦୃ ହେଉଛି । ସରକାରୀ ଜମି ଜବରଦଖଲ କରିଥିବା ଅନେକ ବ୍ୟକ୍ତି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିଭୂମୀ ପ୍ରସ୍ତୁତ ପାଇଁ ଅନ୍ତରାୟ ସାଜିଛନ୍ତି । ଶହଶହ ଏକର ଜମି କେତେକ ଲାଭଖୋର ବ୍ୟକ୍ତି ସରକାରୀ ଜମିକୁ ଜବରଦସ୍ତ ଅକ୍ତିଆରରେ ରଖିଥିବା ଅଭିଯୋଗ ହୋଇଆସୁଥିଲା । ଏବେ ସରକାରଙ୍କ ତରଫରୁ ଯୋଜନା ପ୍ରସ୍ତୁତି ହେବାରୁ ତହସିଲଦାରମାନେ ଅଧିକ ସକ୍ରିୟ ହୋଇ ଉଚ୍ଛେଦ କାମ ଆରମ୍ଭ କରିଛନ୍ତି ।

ବାଲିପାଟଣା ଅଞ୍ଚଳ ରେ ତହସିଲଦାର କଳ୍ପନା ଦାସ ଅଧିକ ସକ୍ରିୟ ରହି ଏହି କାର୍ଯ୍ୟ କରୁଥିବା ପରିଲକ୍ଷିତ ହେଉଛି । ରାସ୍ତା କୁ ମାଡ଼ି ଆସି ଗମନା ଗମନ ରେ ବାଧା ସୃଷ୍ଟି କରୁଥିବା ଦୋକାନ ଘର ଗୁଡ଼ିକୁ ଉଚ୍ଛେଦ କରାଯାଇଛି । ପ୍ରାୟ ପ୍ରତି ପଞ୍ଚାୟତ ରେ ସରକାରୀ ଜମି ର ଚିହ୍ନଟ କରାଯାଇ ପାଚେରୀ ବୁଲା ଯିବାପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଦର୍ଶ ଥାନା,ଡାକ୍ତରଖାନା,ଉଦ୍ୟାନ ବିଭାଗ,ସୂଚନା କେନ୍ଦ୍ର ଓ ଅନ୍ୟାନ୍ୟ ସରକାରୀ ଦପ୍ତର ମାନଙ୍କ ପାଇଁ ଗାରେଡିପାଞ୍ଚଣ ଓ ଅଠାନ୍ତର ମୌଜା ରେ ପ୍ରଜ୍ୟାପ୍ତ ଜମି ରହିଥିଲେ ମଧ ଏହା ଜବରଦଖଲ ରେ ରହିଛି । ଏହି ସବୁ ଜମି କୁ ତହସିଲ ଅଧିନକୁ ଆଣିବାକୁ ତହସିଲଦାରଙ୍କ ଉଦ୍ୟମକୁ ସମସ୍ତେ ପ୍ରଶଂସା କରୁଛନ୍ତି । ଆଗାମୀ ଦିନରେ ଷ୍ଟାଡିୟମ୍,ବସଷ୍ଟାଣ୍ଡ,ଶୀତଳ ଭଣ୍ଡାର,ମାର୍କେଟ କମ୍ପଲେକ୍ସ, ଅଡିଟୋରିୟମ,ପଞ୍ଚାୟତ କାର୍ଯ୍ୟାଳୟ ଓ ପାର୍କ ନିର୍ମାଣ ଜମି ଉପଲବ୍ଧ ହୋଇ ଭିତ୍ତିଭୂମି ବିକାଶ ହୋଇପାରିବ ବୋଲି ସମସ୍ତେ ଆଶା ରଖିଛନ୍ତି ।

## ଅସ୍ତରଙ୍ଗ ମତ୍ସ୍ୟ ବନ୍ଦରରେ ନାବିକତା ସଙ୍କଟ

# ଦେବୀ ନଦୀ ମୁହାଣରେ ତୁରନ୍ତ ଡ୍ରେଜିଂ ଦାବି


ଅସ୍ତରଙ୍ଗ ,(ସବ୍ୟୁ) :ପୁରୀ ଜିଲ୍ଲାର ଅସ୍ତରଙ୍ଗ ସରକାରୀ ଘୋଷିତ ମତ୍ସ୍ୟ ବନ୍ଦରରେ ନାବିକତା ଭୟାବହ ସଙ୍କଟରେ ପଡ଼ିଛି । ଦେବୀ ନଦୀ ମୁହାଣରେ ଭୟଙ୍କର ବାଲି ମାଟି ସଞ୍ଚୟ ଓ ଅସ୍ଥିର ବାଲୁକାପର୍ବତ ଗଠନ ହେତୁ ମେକାନାଇଜ୍ଡ ମାଛଧରା ଟ୍ରଲର ଓ ଡଙ୍ଗାଗୁଡ଼ିକର ସୁରକ୍ଷିତ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି । ଗତକାଲି ସନ୍ଧ୍ୟା ରେ ମା କାଳୀ ନାମକ ଟ୍ରଲର ଦେବୀ ନଦୀ ମୁହାଣ ରେ ପାଣି କମ ଥିବାରୁ ଟ୍ରଲର ମାଟିରେ ଲାଗି ଦୁର୍ଘଟଣା ହୋଇ ବୁଡ଼ିଯାଇଛି । ଖବର ପାଇ ମତ୍ସ୍ଯ ବିଭାଗ ଓ ସାମୁଦ୍ରିକ ଥାନା ଅସ୍ତରଙ୍ଗ ମିଳିତ ଭାବେ ଟ୍ରଲର ର ସମସ୍ତ ମତ୍ସ୍ୟଜୀବୀ ଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି । ଏନେଇ ତୁରନ୍ତ ଦେବୀ ନଦୀ ମୁହାଣ କୁ ଖନନ ଓ ରକ୍ଷଣାବେକ୍ଷଣ ଡ୍ରେଜିଂ ପାଇଁ ମତ୍ସ୍ୟ ନିର୍ଦ୍ଦେଶକଙ୍କ ନିକଟରେ ଦୃଢ଼ ଦାବି ଉଠିଛି । ଅସ୍ତରଙ୍ଗ ରୁ ଅଧ୍ୟାପକ ଡ଼. ଲକ୍ଷ୍ମୀଧର ବିଶ୍ୱାଳ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକଙ୍କ ପକ୍ଷରୁ ଦେବୀ ନଦୀ ମୁହାଣରେ ତୁରନ୍ତ ହାଇଡ୍ରୋଗ୍ରାଫିକ୍ ସର୍ଭେ, ୪-୫ ମିଟର ଗଭୀରତା ସହିତ ସୁରକ୍ଷିତ ନାବିକ ଚ୍ୟାନେଲ ପୁନରୁଦ୍ଧାର ଏବଂ ନିୟମିତ ଡ୍ରେଜିଂ ପ୍ରଣାଳୀ ଆରମ୍ଭ ପାଇଁ ଦାବି ଜଣାଇଛନ୍ତି । ବର୍ତ୍ତମାନ କେବଳ ଉତ୍ତର ପଟର ଏକ ସଂକୀର୍ଣ୍ଣ ଓ ଅସୁରକ୍ଷିତ ରାସ୍ତା ମାତ୍ର ଉଚ୍ଚ ଜ୍ୱାର ସମୟରେ ଅଳ୍ପ ସମୟ ପାଇଁ ଚଳାଚଳ ଯୋଗ୍ୟ ରହିଛି, ଯାହା ଦୁର୍ଘଟଣାର ଆଶଙ୍କାକୁ ବଢ଼ାଇଛି ।

ଏହି ପରିସ୍ଥିତି ହେତୁ ଟ୍ରଲର ଗ୍ରାଉଣ୍ଡିଂ, ଡଙ୍ଗା ଓଲଟିବା, ଇଞ୍ଜିନ୍ ବନ୍ଦ ହେବା, ମାଛଧରା ସାମଗ୍ରୀ କ୍ଷତିଗ୍ରସ୍ତ ହେବା ସହ ଜୀବନହାନି ପର୍ଯ୍ୟନ୍ତ ଘଟୁଛି । ତଦୁପରି, ସଂକୀର୍ଣ୍ଣ ନାବିକ ପଥରେ ଅନଧିକୃତ ଦେଶୀ ଡଙ୍ଗା ଓ ମାଛ ଜାଲ ବିଛାଯାଉଥିବାରୁ ଟ୍ରଲରର ପ୍ରୋପେଲରରେ ଜାଲ ଅଟକି ଭୟାବହ ଦୁର୍ଘଟଣା ସୃଷ୍ଟି ହେଉଛି ।

ଏଠାରେ ଉଲ୍ଲେଖ ଯେ ସର୍ବୋଚ୍ଚ ଅଦାଲତ ରାୟ ମୁତାବକ ସରକାରୀ ଘୋଷିତ ମତ୍ସ୍ୟ ବନ୍ଦରର ନାବିକତା ରକ୍ଷା କରିବା ସରକାରଙ୍କ ଆଇନଗତ ଓ ସଂବିଧାନିକ ଦାୟିତ୍ୱ । ଦୀର୍ଘଦିନ ଧରି ଡ୍ରେଜିଂ ନ ହେବା ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜୀବନ ଉପରେ ସିଧାସଳଖ ଆଘାତ ଆଣୁଛି । ଶୀଘ୍ର ସ୍ଥାୟୀ ଇଞ୍ଜିନିୟରିଂ ସମାଧାନ ଓ ନିୟମିତ ଡ୍ରେଜିଂ ନ ହେଲେ ବଡ଼ ମାରିଟାଇମ୍ ଦୁର୍ଘଟଣା ଘଟିବା ଆଶଙ୍କା ରହିଛ ।



# ସଂକୀର୍ତ୍ତନମଣ୍ଡଳୀ ମହନ୍ତଙ୍କ ବିୟୋଗରେ ଶୋକ



ଫୁଲନଖରା ,(ସବ୍ୟୁ) : ଖଲର୍ଦ୍ଧା ଗ୍ରା.ପ. ଅର୍ନ୍ତଗତ ନାରଙ୍ଗପଡ଼ା ଗ୍ରାମ ମୂରବି ତଥା ସଂର୍କିତନ ମଣ୍ଡଳି ମହନ୍ତ ଅରକ୍ଷିତ ପୃଷ୍ଟି କଂ ୯୧ ବର୍ଷ ବୟସରେ ତାରିଖ ୧୭.୧୨.୨୦୨୫ ରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ୩ ପୁଅ ଓ ୨ ଝିଅ ,ବ୍ରାଇଁ ,ନାତି ନାତୁଣୀ ଉପସ୍ଥିତ ରହିଥିଲେ । ସେ ସରକାରୀ ଚାକିରିରୁ ଅବସର ଗ୍ରହଣ କରି ଦୀର୍ଘ ବର୍ଷ ଧରି ୨୨ ଗାଦି ସଂର୍କିତନ ମଣ୍ଡଳୀର ସଭ୍ୟ ସହ ଗ୍ରାମ ମୂରବି ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କ ବିୟୋଗରେ ଅଞ୍ଚଳ ବାସୀ ତରଫରୁ ଗଭିର ଶୋକ ପ୍ରକାଶ କରାଯାଇଅଛି । ଗ୍ରାମବାସୀମାନେ ତାଙ୍କ ମରଶରୀରକୁ ଗ୍ରାମ ବୁଲାଇଥିଲେ ଏବଂ ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ରେ କରାଯାଇଥିଲା । ତାଙ୍କର ଜ୍ୟେଷ୍ଠ ପୁତ୍ର ଅଶୋକ କୁମାର ପୃଷ୍ଟି ମୁଖାଗ୍ନୀ ଦେଇଥିଲେ ।

# ବ୍ରହ୍ମ ଚେତନା ପରିଷଦର ଶୀତବସ୍ତ୍ର ବଣ୍ଟନ

ରଣପୁର, (ସବ୍ୟୁ) : .ଓଡିଶା ର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମ ଚେତନା ପରିଷଦ ତରଫରୁ ଅସହାୟ ଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯିବା ସହିତ ଏହି ସଂଗଠନ ଆନୁକୂଲ୍ୟରେ ଧରିତ୍ରୀ ମାତା କୁ ଆସନ୍ନ ବିପଦ ରୁ ସୁରକ୍ଷା ଦେବା ନିମନ୍ତେ ଧରିତ୍ରୀ ମାତା ପାଇଁ ରବିବାର ନାମରେ ଏକ ସମୟ ଉପଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦିନ ରଣପୁର ବ୍ଲକ ଅନ୍ତର୍ଗତ ଚମ୍ପାଗଡ଼ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନବାଡି ଚତୁପାର୍ଶ୍ୱ ରେ ଆମ୍ବ, ବଉଳ, ଲେ, ନିମ୍ବ ଆଦି ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯିବା ସହିତ ନିକଟସ୍ଥ ପୁଷ୍କରିଣୀ ରୁ ବିଲାତି ଦଳ ସଫା କରାଯାଇଥିଲା। ପରେ ଆଖ ପାଖ ଗ୍ରାମର ପରିବେଶ ପ୍ରେମୀଙ୍କୁ ନେଇ ଏକ ଜନସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦ ର ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କ ରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ନିଜ ନିଜ ଅଞ୍ଚଳର ଚାଷ ଜମି, ଜଙ୍ଗଲ, ଜୀବଜନ୍ତୁ ଙ୍କ ସୁରକ୍ଷା ସୁନିଶ୍ଚିତ କଲେ ହିଁ ଧରିତ୍ରୀ ମାତାର ସୁରକ୍ଷା ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପରିଷଦ ପକ୍ଷ ରୁ ପରିବେଶ ସୁରକ୍ଷା ନିମନ୍ତେ ନିରନ୍ତର ଭାବେ ଚାରା ରୋପଣ କରିଆସୁଥିବା ଏହି ଅଞ୍ଚଳର ପାଞ୍ଚ ଜଣ ବୃକ୍ଷ ପ୍ରେମୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ନିକଟସ୍ଥ ପଞ୍ଚାୟତ ର ବିଭିନ୍ନ ଗ୍ରାମରୁ ଆସିଥିବା ୫୦ ରୁ ଉର୍ଦ୍ଧ୍ୱ ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ପରିଷଦ ର କୋଷାଧକ୍ଷ ହୃଷିକେଶ ନନ୍ଦ, ସଭ୍ୟ ବିଶ୍ୱନାଥ ପ୍ରଧାନ, ସଭ୍ୟ ଲଳିତ ମୋହନ ଗୁମାନସିଂହ, କୁମାର ଜନ୍ମେଞ୍ଜୟ ଓ ସଭ୍ୟ ଅଭିମନ୍ୟୁ ମାର୍ଥା,ଗଣେଶ୍ୱର ମାନ୍ଧାତା, ପ୍ରବୀଣ କୁମାର ଦାସ, ନୀଳକଣ୍ଠ ଦାସ, ନିରଞ୍ଜନ ମାନସିଂହ, ସୁଶିଲ ଦଳସିଂହରାୟ, ପ୍ରଦୀପ ସେନାପତି,ରଶ୍ମିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଝରକା, ତାଲା ଭାଙ୍ଗି ଦୁଇ ଘରୁ ଚୋରି

ଦଶପଲ୍ଲା(ସବ୍ୟୁ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନ ଏ ସି ପାଞ୍ଚ ନମ୍ବର ୱାର୍ଡ଼ ର କାହୁଆ ଅମଲାପଡା ୧୫ ନଂ ଲେନର ଦୁଇ ଘରୁ ଚୋରି ହୋଇଥିବା ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି । ଦୁଇଘରେ କେହି ନଥିବା ବେଳେ ଚୋରମାନେ ଏହି ଚୋରି କରିଥିବା ବେଳେ ତାଙ୍କ ପାଖ ପଡୋଶୀ ତିନି ଘରେ ବାହାର ପଟୁ ଚୋରମାନେ ଲକ କରିଦେଇଥିବା ଜଣା ପଡ଼ିଛି । ସୂଚନା ଯୋଗ୍ୟଯେ, ଏହି ଲେନ ରେ ବସ ବାସ କରନ୍ତି ଲକ୍ଷ୍ମୀପ୍ରିୟା ରଥ । ଦୁଇମହଲା ବିଶିଷ୍ଟ ଘରେ ତଳେ ସେ ରହୁଥିବା ବେଳେ ଉପର ମହଲା ରେ ଶିକ୍ଷକ ଆଲୋକ ରଞ୍ଜନ ଶତପଥୀ ପରିବାର ସହ ଭଡାରେ ରୁହନ୍ତି । ଗତ କିଛିଦିନ ହେବ ଲକ୍ଷ୍ମୀପ୍ରିୟା ତାଙ୍କ ପୁଅ ର ଡାକ୍ତରୀ ଶିକ୍ଷା ପାଇଁ ଭୁବନେଶ୍ୱର ରେ ରହି ଆସୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଦୁଇଜଣ ଚୋର ତାଙ୍କ ଝରକା ତାଡି ଏବଂ ଘର ତାଲା ଭାଙ୍ଗି ଗଡ଼ରେଜ ଆଲମାରୀ ରେ ଥିବା ସମସ୍ତ ଆସବାପତ୍ର ଛାଟ ଛତ୍ର କରି ପକାଇଥିବା ବେଳେ ଆଲମାରୀ ରେ ଥିବା ପନ୍ଦର ହଜାର ଟଙ୍କା ଓ ସୁନା କାନଫୁଲ ଚୋରି କରି ନେଇଛନ୍ତି । ଏହାସହ ଚୋରମାନେ ଲକ୍ଷ୍ମୀପ୍ରିୟା ଙ୍କ ଦୁଇଘର ଛଡା ଥିବା ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରାମ ଚନ୍ଦ୍ର ମଲିକ ଙ୍କ ଘରେ ଭଡା ରହୁଥିବା ଶିକ୍ଷକ ବୈଦ୍ୟନାଥ କଂହର ଙ୍କ ଘର ଗ୍ରୀଲ ତାଲାଭାଙ୍ଗି ଘରେ ପଶି ଆସବାପତ୍ର ଗୁଡିକୁ ଛାଟନଛତ୍ର କରି ପକାଇ ଏକ ଆଟାଚ ଭାଙ୍ଗି ଥିଲେ ମଧ କୌଣସି ଟଙ୍କା କିମ୍ବା ସୁନା ଗହଣା ନ ପାଇ ଚାଲି ଯାଇଥିବା ବେଳେ କୌଣସି ଜିନିଷ ନେଇ ନଥିବା ଜଣା ପଡ଼ିଛି । ଅନ୍ୟ ପାର୍ଶ୍ୱରେ ଚୋର ମାନେ ଚୋରି କରିବା ପୂର୍ବରୁ ଲକ୍ଷ୍ମୀପ୍ରିୟା ଙ୍କ ଘରେ ଭଡାଥିବା ଆଲୋକ ରଞ୍ଜନ ଶତପଥୀଙ୍କ ଘର ବାହାରୁ ଲକ କରି ଦେଇଥିବା ବେଳେ ପଡୋଶୀ ପ୍ରଦୀପ ସାହୁ ଓ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଘର ଲକ ବାହାରୁ ପକାଇ ଦେଇଥିଲେ ସକାଳୁ ସେମାନଙ୍କ ଘରେ ତାଲା ପଡିଥିବା ସେମାନେ ଜାଣିବାକୁ ପାଇଥିଲେ । ମାତ୍ର ଏହି ଘଟଣାରେ ଦଶପଲ୍ଲା ଥାନାରେ ପୃଥକ ପୃଥକ ଭାବେ ଦୁଇଟି ଅଭିଯୋଗ ହୋଇଥିବା ବେଳେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଏହାର ଅନୁସନ୍ଧାନ ଜାରୀରହିଛି । ଘଟଣା ସ୍ଥଳରେ ଡଗ ସ୍କ୍ୱାର୍ଡ ଓ ସାଇଣ୍ଟିଫିକ ଟିମ ପହଂଚି ଏହାର ତଦନ୍ତ କରିଥିବା ବେଳେ ଚୋର ଧରିବାରେ ପୋଲିସ ବିଫଳ ହୋଇଛି । ଅନ୍ୟ ପାର୍ଶ୍ୱରେ ଚୋର ମାନେ ଚୋରି କରିବାର ଭିଡିଓ ସିସିଟିଭି ରେ କଏଦ ହୋଇଛି । ଯାହାକୁ ଧରି ପୋଲିସ ତଦନ୍ତ କରୁଥିବା ବେଳେ ପୋଲିସ ପେଟ୍ରୋଲିଂ ପାଇଁ ଏହି ଲେନ ବାସୀ ଦାବି କରିଛନ୍ତି । ଗତ ଦୁଇ ମାସ ତଳେ ଏହି ଲେନ ରେ ବସ ବାସ କରିଥିବା ଗୋବିନ୍ଦ ମିଶ୍ର ଙ୍କ ଘରୁ ଚୋର ମାନେ କଳାକନା ବୁଲାଇ ଘର ଗଡ଼ରେଜ ଭାଙ୍ଗି ଟଙ୍କା ଓ ସୁନା ଗହଣା ଲୁଟି ନେଇଥିଲେ । ସେହି ଘଟଣାରେ ଆଜିପର୍ଯ୍ୟନ୍ତ ଚୋର ଧରାପଡି ନଥିବା ବେଳେ ଏହି ଲେନ ରୁ ଚୋରି ଲେନ ବାସୀ ଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି ।

# ଗୋଚର, ବ୍ୟକ୍ତିଗତ ଜାଗାରେ ରାସ୍ତା ଓ କୋଠଘର ନିର୍ମାଣକୁ ବିରୋଧ

କାକଟପୁର , (ସବ୍ୟୁ): ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କାହୁଆ ନୂଆଗାଁ ଗ୍ରାମପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି ବୋଲି କେତେକ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ।ସରକାରୀ ନୀତି ନିୟମକୁ ଉଲ୍ଲଙ୍ଘନ କରି ଗୋଚର ଓ ବ୍ୟକ୍ତି ଗତ ଜାଗା ଉପରେ ବିଭିନ୍ନ ପ୍ରକଳ୍ପ ମାନ ନିର୍ମାଣ କରାଯାଉଛି । ଗ୍ରାମପଞ୍ଚାୟତ ସରପଞ୍ଚ ଓ ଏହି ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ମିଳିତ ସଲାସୁତୁରାରେ ନିମ୍ନମାନର କାର୍ଯ୍ୟ କରାଯାଇ ସରକାରୀ ଅନୁଦାନ ଅର୍ଥ ହରିଲୁଟ ହେଉଛି । ଖବରରୁ ପ୍ରକାଶ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୫ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟରେ ବ୍ୟକ୍ତି ଗତ ଜାଗାରେ କୋଠ ଘର ନିର୍ମାଣ କରିବାକୁ ମସୁଧା ଚାଲିଥିବା ବେଳେ ଏବେ ଗୋଚର ଜାଗା ଆରଡ଼ି ରୋଡ଼ ଠାରୁ କୁମ୍ଭାର କାଟି ଶଶ୍ମାନ ରୋଡ଼ ଏଭଳି ସ୍ଥାନ ପଞ୍ଚାୟତରେ ନଥିଲେ ମଧ ଚଞ୍ଚକତା କରି ଏଭଳି ପ୍ରକଳ୍ପକୁ ସ୍ଥାନିତ କରି ଏବେ ଖାତା ନମ୍ବର ୨୮୯ ପ୍ଲଟ ନମ୍ବର ୪ ସଂରକ୍ଷିତ ଗୋଚର ଜମି ୬ ଏକର ଉପରେ ଗ୍ରାଣ୍ଟିନେଟ ଫଣ୍ଡ ଉପରେ ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମମାନର ଚାଲିଛି । ଏସଂକ୍ରାନ୍ତରେ ପଞ୍ଚାୟତବାସୀଙ୍କ ପକ୍ଷରୁ କାକଟପୁର ତହସିଲରେ ଅଭିଯୋଗ କରାଯାଇଥିଲେ ମଧ ବିଭଗୀୟ ଅପାରଗତା ଓ ସଂପୃକ୍ତ ସର୍କଲର ଆରଆଇଙ୍କ ନୀରବତା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ପୁରୀ ଜିଲ୍ଲାପାଳ, ଓ କାକଟପୁର ବ୍ଲକ ବିଡ଼ିଓ ଏଦିଗରେ ଦୃଷ୍ଟି ଦେଇ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାଇ ସଂପୃକ୍ତ ପ୍ରକଳ୍ପ କାର୍ଯ୍ୟର ତଦନ୍ତ ସହ ଗୋଚର ଓ ବ୍ୟକ୍ତିଗତ ଜାଗାରେ ହେଉଥିବା କୋଠ ଘର କାର୍ଯ୍ୟ ବନ୍ଦ କରିବାକୁ କାହୁଆ ନୂଆଗାଁ ଗ୍ରାମପଞ୍ଚାୟତ ବାସୀଙ୍କ ସହ କୈଳାସ ଲେଙ୍କା , ପୂର୍ବତନ ସରପଞ୍ଚ ଭୀମସେନ ସେଠି , ଦୁର୍ଯ୍ୟୋଧନ ମହାନ୍ତି , ଜ୍ଞାନେନ୍ଦ୍ର ମଲ୍ଲ , ଦୁଃଶାସନ ବେହୁରା , ଅନିଲ ଭୂୟାଁ , ରମେଶ ପାଇଟାଲ, ଅଶୋକ ପାତ୍ର ପ୍ରମୁଖ ଦୃଢ଼ ଦାବି କରିଛନ୍ତି । ଏସଂକ୍ରାନ୍ତରେ କାକଟପୁର ବ୍ଲକ ବିଡ଼ିଓଙ୍କୁ ପଚାରିବାରୁ ସେ କହିଥିଲେଯେ ଯଦି ଗୋଚର ଓ ବ୍ୟକ୍ତିଗତ ଜାଗାରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଥାଏ ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# କ୍ଲଷ୍ଟରସ୍ତରୀୟ ବୈଠକ ପରୀକ୍ଷା ଆଲୋଚନା

କୋଣାର୍କ, (ସବ୍ୟୁ) : ସମଗ୍ର ଶିକ୍ଷା, ପୁରୀ ଆନୁକୂଲ୍ୟରେ କୋଣାର୍କ ନିକଟସ୍ଥ ଭୈର ନୋଡାଲ ୟୁପିଏସ କ୍ଲଷ୍ଟର ପକ୍ଷରୁ ସିମିଳି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ନିମନ୍ତେ ବାର୍ଷିକ ପରୀକ୍ଷା ପରିଚାଳନା ଏବଂ ମୂଲ୍ୟାୟନ ପ୍ରକ୍ରିୟା ସଂପର୍କରେ ସ୍ୱତନ୍ତ୍ର ଆଲୋଚନା କରାଯାଇଛି। କ୍ଲଷ୍ଟରର ସିଆରସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ୧୨ଟି ପ୍ରାଥମିକ ବିଦ୍ୟାଳୟର ଏଫଏଲଏନ ଶିକ୍ଷକ ଯୋଗଦେଇ ଶିଶୁ ବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷଣ ସୋପାନ ଏବଂ ବହୁଶ୍ରେଣୀ ପରିଚାଳନା ସଂପର୍କିତ ପାଠ୍ୟଟୀକା ପ୍ରସ୍ତୁତି ଓ ଉପସ୍ଥାପନା ପ୍ରସଙ୍ଗରେ ବିଶଦ ଆଲୋଚନା କରିଥିଲେ। ସିମିଳି ପିୟୁପିଏସର ପ୍ରଧାନଶିକ୍ଷକ କାଳନ୍ଦୀ ଚରଣ ଜେନା, ସହକାରୀ ଶିକ୍ଷକ ନିରଞ୍ଜନ ସାସମଲ ଓ ଜଗ୍ ଜୀନ ଲେଙ୍କା ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସାହିତ୍ୟ ସଭା

ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ମହିଳା ମହାବିଦ୍ୟାଳୟ, ବଲାଙ୍ଗିର ର ସଭାଗୃହ ରେ ଏକ ସଭା ଶତାଧିକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାଟି ଛାତ୍ରୀମାନଙ୍କୁ ସାହିତ୍ୟ ରଚନା କବିତା, ପ୍ରବନ୍ଧ, କବିତା, ଗଳ୍ପ ଆଦି ସାହିତ୍ୟ ସୃଷ୍ଟି କରିବାକୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ କରାଯାଇଥିଲା । ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ରଶ୍ମି ପାତ୍ର ଓ କୁମୁଦିନି ପୃଷ୍ଟି । ସ୍ୱର ସଂଯୋଜନା କରିଥିଲେ ଶିବ ଦାଶ ଓ ଦେବେନ ଜାଲ । ସଭାରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ଡ. ଭବାନି ଶଙ୍କର ପଟେଲ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ ମହିଳା ମହାବିଦ୍ୟାଳୟ ଡ. ଅରବିନ୍ଦ କୁମାର ଓଝା । ମଂଚାସିନ ଥିଲେ ପରିଷଦର ସଂପାଦକ ରାମଚନ୍ଦ୍ର ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଜା ଶଙ୍କର ରଥ, ଅଧ୍ୟାପକ ରତିକାନ୍ତ ନାଏକ, ଅଜିତ କୁମାର ପଣ୍ଡା, ଅଧ୍ୟାପିକା ମୀରା ଶତପଥି । ସଭାଟିକୁ ପରିଚାଳନା କରିଥିଲେ ଡ. ସରୋଜ କୁମାର ଜଗଦଲା । ୫୨ ଜଣ ଛାତ୍ରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗିର ସ୍ୱଲିଖିତ ସୁନ୍ଦର ତଥା ମନୋରମ କବିତାକୁ ଗାନ କରି ସଭାକୁ ରସସିକ୍ତ କରି ଦେଇଥିଲେ । ଏତଦ୍ ଭିନ୍ନ ବଲାଙ୍ଗିର ମାଟିର ୧୨ ଜଣ କବି ମଧ ଶୀତ ଉପରେ କବିତା ପାଠ କରି ଛାତ୍ରୀମାନଙ୍କୁ ପ୍ରେରିତ କରିଥିଲେ । ଯୋଗେଶ୍ୱର ପଧାନ, ଅଧ୍ୟାପକ ଓଡିଆ ଭାଷା ଓ ସାହିତ୍ୟ ବିଭାଙ୍କ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା ।

# ସରାଟ ସମବାୟ ସମିତିକୁ ପ୍ରଥମ ପୁରସ୍କାର



ବାଲିପାଟଣା, (ସବ୍ୟୁ) : ଅନ୍ତର୍ଜାତୀୟ ସମବାୟ ବର୍ଷ - ୨୦୨୫ ର ଉଦଯାପନୀ ଉତ୍ସବ ରେ ବ୍ୟବସାୟ ରେ ବିବିଡା ଦୃଷ୍ଟିରୁ ସଫଳତା ଅର୍ଜନ କରିଥିବା ବାଲିପାଟଣା ବ୍ଲକ ସରାଟ ପ୍ରାଥମିକ କୃଷି ସମବାୟ ସମିତି ( ପାକ୍ସ ) କୁ ରାଜ୍ୟର ପ୍ରଥମ ସ୍ଥାନ ଭାବେ ପୁରସ୍କୃତ କରାଯାଇଛି । ଶନିବାର ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଉତ୍ସବ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ସରାଟ ପ୍ରାଥମିକ ସମବାୟ ସମିତି କୁ ସମ୍ବର୍ଦ୍ଧିତ କରିଥିଲେ । ଗ୍ରାମୀଣ ଅର୍ଥନୀତି କୁ ସୁଦୃଢ କରିବା ଲାଗି ପ୍ରାଥମିକ କୃଷି ସମବାୟ ସମିତି ( ପାକ୍ସ ) ଭୂମିକାକୁ ସରକାର ଗୁରତ୍ୱ ଦେଇଛନ୍ତି । ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିସର ସରାଟ ସମବାୟ ସମିତି ସମ୍ପାଦକ ପ୍ରଭୁ ପ୍ରସାଦ ଜେନା ମନ୍ତ୍ରୀଙ୍କ ଠାରୁ ସାର୍ଟିଫିକେଟ ଗ୍ରହଣ କରିଛନ୍ତି ।

ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ମନ୍ତ୍ରଣାଳୟରେ ନିର୍ଦ୍ଦେଶକ କପିଳ ମିନା , କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ , ମତ୍ସ୍ୟ ସମ୍ପଦ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ , ଓମଫେଡ଼ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ , ସମବାୟ ସମିତି ସମୂହ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ , ଏଜି ସି ଏସ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସରାଟ ସମବାୟ ସଭାପତି ଭାରତ ଭୂଷଣ ମହାନ୍ତି ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ସାକ୍ଷୀଗୋପାଳ,(ସବ୍ୟୁ):ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ୨୦୧୩ ମ୍ୟାଟ୍ରିକ ବ୍ୟାଚ ଛାତ୍ରମାନଙ୍କର ବନ୍ଧୁମିଳନ ବକୁଳ ବନ ସ୍ଥିତ ବଉଳ ବାଟିକା ରେ ରବିବାର ଅନୁଷ୍ଠିତ ହୋଇଥିଲା । ଆୟୋଜକ କମିଟିର ସଦସ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ଖୁଣ୍ଟିଆ, ଜନ୍ମେଜୟ ପ୍ରଧାନ, ସୁନିଲ ବରାଳ, କାହ୍ନା ସେନାପତି, ହୃଷିକେଶ ସ୍ୱାଇଁ , ରାଜେଶ ପାତ୍ର, କାହ୍ନୁ ପାତ୍ର, ଦେବବ୍ରତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ହୋଇ ସମସ୍ତ ବନ୍ଧୁ ମାନଙ୍କୁ ସ୍ୱାଗତ କରିଥିଲେ । ଅତୀତରେ ବନ୍ଧୁ ମାନଙ୍କ ସହ ବିତେଇଥିବା ମୁହୂର୍ତ୍ତ,ନିର୍ମଳ ବନ୍ଧୁତ୍ୱ ଓ ଅଭୁଲା ସ୍ମୃତି କୁ ମନେପକାଇ ଶିକ୍ଷା ଜୀବନର ମଜାଦାର ଘଟଣା, ପୁରୁଣା କ୍ଲାସ ରୁମ,ପ୍ରାର୍ଥନା ସଭା,ଶିକ୍ଷକ ମାନଙ୍କ କଠୋରତା ଭିତରେ ଲୁଚିଥିବା ସ୍ନେହର କଥା,ବନ୍ଧୁତ୍ୱ ର ଗଭୀରତା ଓ ସେ ଦିନର ଅଭୁଲା ସ୍ମୃତି କୁ ସମସ୍ତଙ୍କ ସହ ଭାବ ବିନିମୟ କରିଥିଲେ । ପୁରାତନ ଛାତ୍ର ବିଶଜିତ ପରିଡା ଧନ୍ୟବାଦ ଦେଇଥିଲେ।

## ଅସ୍ତରଙ୍ଗ ବେଳାଭୂମିରେ 'କଙ୍ଗାରୁ କୋର୍ଟ' ଓ ଚାନ୍ଦା ଆଦାୟ

# ପୋଲିସ ବିଟ୍ ହାଉସ୍ ପ୍ରତିଷ୍ଠା ପାଇଁ ଏସ୍‌ପିଙ୍କୁ ଦାବି

ଅସ୍ତରଙ୍ଗ, (ସବ୍ୟୁ) : ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକ ଛୁରିଆନା ମୋଜା ଅନ୍ତର୍ଗତ ପ୍ରସିଦ୍ଧ ଅସ୍ତରଙ୍ଗ ସମୁଦ୍ର ବେଳାଭୂମି, ଯାହା 'ପିର ଜାହାନିଆ ବେଳାଭୂମି' ନାମରେ ପରିଚିତ, ସେଠାରେ ପର୍ଯ୍ୟଟକ ଓ କ୍ଷୁଦ୍ର ବୁଲା ବିକାଳିଙ୍କ ସୁରକ୍ଷାକୁ ନେଇ ଗୁରୁତର ଅଭିଯୋଗ ଉଠିଛି। ସ୍ଥାନୀୟ କିଛି ପ୍ରଭାବଶାଳୀ ବ୍ୟକ୍ତି ଓ ଅସାମାଜିକ ତତ୍ତ୍ୱ ଙ୍କ ଦ୍ୱାରା 'କଙ୍ଗାରୁ କୋର୍ଟ' ଚଳାଇ ବିକାଳିମାନଙ୍କୁ ଭୟଭୀତ କରାଯାଉଥିବା ସହ ପ୍ରତିଦିନ ୫୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବେଆଇନ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କଲେ ମାଡ଼ମାର, ସାମଗ୍ରୀ ନଷ୍ଟ ଓ ଧମକ ଦିଆଯାଉଥିବାରୁ ସାଧାରଣରେ ଭୟ ଓ ଅସନ୍ତୋଷ ବଢ଼ିଛି। ଡିସେମ୍ବର ୨୦, ୨୦୨୫ ରିଖରେ, ଏହି ପରିସ୍ଥିତିକୁ ନେଇ ଅସ୍ତରଙ୍ଗ ରୁ ଅଧ୍ୟାପକ ଡ଼. ଲକ୍ଷ୍ମୀଧର ବିଶ୍ୱାଳ ପୁରୀ ଆରକ୍ଷୀ ଅଧୀକ୍ଷକ (ଏସପି)ଙ୍କୁ ପତ୍ର ଲେଖି ଶୀତ ଓ ପିକନିକ ଋତୁରେ ବଢୁଥିବା ଭିଡ଼କୁ ଦୃଷ୍ଟିରେ ରଖି ଅତିକମରେ ଜଣେ ସବ-ଇନ୍ସପେକ୍ଟର ମର୍ଯ୍ୟାଦାର ଅଧିକାରୀଙ୍କ ନେତୃତ୍ୱରେ ଏକ ଅସ୍ଥାୟୀ ପୋଲିସ କ୍ୟାବିନ/ପିକେଟ/ବିଟ ହାଉସ ପ୍ରତିଷ୍ଠା ସହ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହା ଦ୍ୱାରା ପର୍ଯ୍ୟଟକ ଓ ଗରିବ ବିକାଳିମାନେ ନିର୍ଭୟରେ ବେଳାଭୂମିକୁ ଆସିପାରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି। ଡ଼. ବିଶ୍ୱାଳ ତାଙ୍କ ଦାବିପତ୍ର ରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ଙ୍କ ବିଭିନ୍ନ ରାୟକୁ ଉଦ୍ଧାର କରି ଦର୍ଶାଇଛନ୍ତି ଯେ: ବୁଲା ବିକାଳିଙ୍କ ବ୍ୟବସାୟ କରିବା ଏକ ମୌଳିକ ଅଧିକାର, ଯାହାକୁ କେହି କ୍ଷୁର୍ଣ୍ଣ କରିପାରିବେ ନାହିଁ। ପ୍ରତ୍ୟେକ ନାଗରିକଙ୍କୁ ସୁରକ୍ଷା ଦେବା ପୋଲିସର ପ୍ରାଥମିକ ଦାୟିତ୍ୱ ।ଏହି ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ଓ ରାଜ୍ୟ ମାନବାଧିକାର କମିଶନ, ରାଜ୍ୟ ଗୃହ ସଚିବ, ରାଜ୍ୟ ପୋଲିସ ନିର୍ଦ୍ଦେଶକ, ପୁରୀ ଜିଲ୍ଲାପାଳ ଏବଂ ଅସ୍ତରଙ୍ଗ ଥାନା ଅଧିକାରୀଙ୍କୁ ମଧ ପ୍ରଦାନ କରାଯାଇଛି ।

## ଚାରିଛକ ପ୍ରେସ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ

# ସେବା ମନୋବୃତ୍ତି ନେଇ ସାମ୍ବାଦିକତା କଲେ ସମାଜର କଲ୍ୟାଣ ହେବ



ନିମାପଡା ,(ସବ୍ୟୁ) : ସେବା ମନୋବୃତି ନେଇ ସାମ୍ବାଦିକତା କରିଲେ ସମାଜର କଲ୍ୟାଣ ହେବ ବୋଲି ଚାରିଛକ ପ୍ରେସ କ୍ଲବର ୫ ବାର୍ଷିକ ଉତ୍ସବରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି । ଚାରିଛକ ସ୍ଥିତ ମା' ବିଳାଶୁଣି କଲ୍ୟାଣ ମଣ୍ଡପ ଠାରେ ଚାରିଛକ ପ୍ରେସ କ୍ଲବର ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ଓଡିଶାର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ,ମୁଖ୍ୟ ବକ୍ତା ଭାବେ ସ୍ତମ୍ଭକାର ଇଂ ଶ୍ରୀ ସନ୍ୟାସୀ ଜି,ସମ୍ମାନୀତ ଅତିଥିଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନିମାପଡା ବ୍ଲକ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ଆଇ.ଆର.ଏସ୍.ଚନ୍ଦ୍ରକାନ୍ତ ଦଳାଇ,ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପିନାଥ କର, ପ୍ରାକ୍ତନ ଅଧକ୍ଷ ଡଃ. ସନ୍ତୋଷ କୁମାର ମିତ୍ର,ଅରୁଣ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଲାଗି ଭତ୍ତା,ପେନସନ୍,ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବା,ସାମ୍ବାଦିକ ମୃତ୍ୟୁ ବରଣ କଲେ ତାଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେବା,ରାଜ୍ୟ ସରକାର ଭୁବନେଶ୍ୱରେ ସାମ୍ବାଦିକଙ୍କ ଲାଗି ଏକ ଅତିଥି ଭବନ ନିର୍ମାଣ କରିବା ପାଇଁ ମୁଖ୍ୟ ଅତିଥି ଶ୍ରୀ ନାୟକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସାମ୍ବାଦିକ ମାନେ ସେବାର ମନୋବୃତି ନେଇ ଖବର ପରିବେଷଣ କଲେ ଦେଶ,ରାଜ୍ୟ ଏବଂ ବିଭିନ୍ନ ବର୍ଗର ଲୋକଙ୍କ କଲ୍ୟାଣ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ପ୍ରେସ କ୍ଲବର ସାଧାରଣ ସଂପାଦକ ଡଃ.କେଦାର ନାଥ ସାହୁ ମଂଚ ପରିଚାଳନା କରିଥିବା ବେଳେ ଉପଦେଷ୍ଟା ସନାତନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରେସ କ୍ଲବର ମୁଖପତ୍ର 'ଲିଖନୀ ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ନିରାଶ୍ରମ ସେବାଶ୍ରମ ଓ ଚାରିଛକ ପ୍ରେସ କ୍ଲବ ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ମହାନ୍ତି ଓ ଆରାଧ୍ୟା ଜେନାଙ୍କ ଦ୍ୱାରା ନୃତ୍ୟ ପରିବେଷ ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲା । ଏହି ଅବସରରେ କୃତୀ ଛାତ୍ର,ଛାତ୍ରୀ,ଗଣମାଧ୍ୟମ ପ୍ରତିନିଧି,ମହିଳା,ବରିଷ୍ଠ ନାଗରିକ ମାନଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ଶେଷରେ ସାମ୍ବାଦିକ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ପଦ୍ମପୁର,(ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଦ୍ମପୁରର ୪୧ତମ ବାର୍ଷିକ ଉତ୍ସବ କୁଶୁନାପାଲି ସ୍ଥିତ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ବିଦ୍ୱତ ପରିଷଦ ସଭାପତି ଡ଼ଃ ବାଞ୍ଛାନିଧି ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଗୋବର୍ଦ୍ଧନ ଭୋଇ ଯୋଗ ଦେଇଥିଲେ ।


# କୋର୍ଟଙ୍କ ପିଟିସନ ଉପରେ ଥାନାରେ ମାମଲା

ବଳଙ୍ଗା ,(ସବ୍ୟୁ) : ଅଭିଯୁକ୍ତକୁ ସୁରକ୍ଷା ଦେଇ ଅଭିଯୋଗ କାରିକୁ ନ୍ୟାୟରୁ ବଞ୍ଚିତ ରଖିବା ପରେ ଅଭିଯୋଗକାରି ନ୍ୟାୟ ପାଇଁ କୋର୍ଟରେ ଦ୍ୱାରସ୍ଥ ହୋଇଛ । କୋର୍ଟଙ୍କ ପିଟିସନ ଉପରେ ପୋଲିସ ବାଧତାମୂଳକ ଭାବରେ ମାମଲା ଆଗତ କରିଅଛି । ଏଭଳି ଘଟଣା ବଳଙ୍ଗା ଥାନାରେ ହୋଇଛି । ସୂଚନା ଅନୁଯାୟୀ ଭୋଗପାଟଳି ଗ୍ରାମର ନରେନ୍ଦ୍ର ସ୍ୱାଇଁ ଘରେ ଥିବା ବେଳେ ୨୦୨୪ ପୁରୁଣା ବିଦାୟ ଉତ୍ସବ ସେହି ଗ୍ରାମର ମାର୍କେ ସ୍ୱାଇଁ ନାମକ ବ୍ୟକ୍ତି ଅଭିଯୋଗ କାରୀଙ୍କ ଘର ପାଖରେ ବାଣ ଲଗାଇଥିଲେ । ବାଣ ମରାଯାଉଥିବା ଦେଖି ଅଭିଯୋଗ କାରି ବାରଣ କରିଥିଲେ । ସେହି ସମୟରେ ମାର୍କେ ଜୋର ଜବରଦସ୍ତ ବାଣ ମାରି ବା ଯୋଗୁ ଅଭିଯୋଗକାରୀଙ୍କ ଝିଅ ଉପରେ ବାଣ ନିଆଁ ପଡି ପିନ୍ଧା ବସ୍ତ୍ର ପୋଡି ଜାଇଥିଲା । ଡ୍ରେସ ପୋଡିବା ନେଇ କହିବାରୁ ଅଭିଯୁକ୍ତ ମାର୍କେ ଉଭୟ ବାପା ଓ ଝିଅକୁ ଆକ୍ରମଣ କରି ଥିଲେ । ଅଭିଯୋଗ କାରି ଏନେଇ ଥାନାରେ ଦ୍ୱାରସ୍ଥ ହେବାରେ ବଳଙ୍ଗା ପୋଲିସ କୌଣସି ଗୁରୁତ୍ୱ ଦେଇ ନଥିଲା. ଯାହାକି ଅଭିଯୋଗ କାରି ନ୍ୟାୟ ପାଇଁ କୋର୍ଟରେ ଦ୍ୱାରସ୍ତ ହୋଇ କେଶ ନଂ ୩୦/୨୦୨୫ ଆଗତ କରିଛନ୍ତି ।

### ଅର୍ଜ୍ଜୁନ-ବିଷାଦଯୋଗଃ

**ସଞ୍ଜୟ ଉବାଚ**

**ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।**
**ଉତ୍ସାଦ୍ୟନ୍ତେ ଜାତିଧର୍ମ୍ମାଃ କୁଳଧର୍ମ୍ମାଶ୍ଚ ଶାଶ୍ୱତାଃ ।। ୪୩ ।।**
ବର୍ଣ୍ଣସଙ୍କରକାରକୈଃ ଏତୈଃ ଦୋଷୈଃ କୁଳଘ୍ନାନାଂ ଶାଶ୍ୱତାଃ (ଚିରନ୍ତନାଃ) ଜାତିଧର୍ମ (ବର୍ଣ୍ଣଧର୍ମ୍ମାଃ), କୁଳଧର୍ମ୍ମାଃ ଚ ଉତ୍ସାଦ୍ୟନ୍ତେ (ଲୁପ୍ୟନ୍ତେ) ।। ୪୩ ।।
**(ଶ୍ରୀମଦ୍‌ଭଗବଦ୍ ଗୀତା ୧/୪୩)**



# କବିଚନ୍ଦ୍ରଙ୍କ ଜନ୍ମ ଦିବସରେ ଶ୍ରଦ୍ଧାଞ୍ଜଳି

ଏଇ ଡିସେମ୍ବର୨୩ ହେଉଛି ଓଡ଼ିଶାର ଜଣେ ଅନ୍ୟତମ ସାଂସ୍କୃତିକ ପୁରୁଷ, କବି ଓ ନାଟ୍ୟକାର, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୯ତମ ଜନ୍ମ ଦିବସ । ତାଙ୍କରି ଅକ୍ଳାନ୍ତ ଉଦ୍ୟମ ଯୋଗୁଁ 'ଓଡ଼ିଶୀ ନୃତ୍ୟ' ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ପାଇ ପାରିଛି । ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତରେ ପରିଣତ କରିବା ସକାଶେ ସେ ତାଙ୍କର ଉଦ୍ୟମ ଜାରି ରଖିଥିଲେ । ମାତ୍ର ତାଙ୍କ ଜୀବଦ୍ଦଶାରେ ଏହା ସମ୍ଭବ ହେଲା ନାହିଁ । ଗତ ଓଡ଼ିଶା ସରକାରଙ୍କ ସମେତ ଅନ୍ୟମାନଙ୍କ ଏ ସଂକ୍ରାନ୍ତୀୟ ନିବେଦନ ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରି ନଥିଲେ । ଫଳରେ 'ଓଡ଼ିଶୀ ସଙ୍ଗୀତ' ଶାସ୍ତ୍ରୀୟ ମାନ୍ୟତା ଆଉ ପାଇ ପାରିଲା ନାହିଁ । ଓଡ଼ିଶୀ ସଙ୍ଗୀତ ଉପରେ ତାଙ୍କର ଗବେଷଣା ଥିଲା ଖୁବ୍ ଉଚ୍ଚକୋଟିର । ଏକଦା ସେ ଉଲ୍ଲେଖ କରିଥିଲେ, 'ମୁସଲମାନଙ୍କ ଆକ୍ରମଣ ଓ ଅଧିକାର ସ୍ଥାପନ ବା ରାଜତ୍ୱ ପରେ ଉତ୍ତର ଭାରତୀୟ ସଙ୍ଗୀତ ଉପରେ ଭାରତୀୟ ସଙ୍ଗୀତ ରୀତି ସହିତ ମୁସଲମାନ ପ୍ରଭାବପାତ ଘଟିଛି- ଯାହା ରାଜାନୁଗତ ଧର୍ମ ରୀତିରେ ସ୍ୱାଭାବିକ । ତେଣେ ଦକ୍ଷିଣ ଭାରତରେ ଦ୍ରାବିଡ଼ ସଭ୍ୟତା ଏବଂ ବାହମନୀ ରାଜତ୍ୱ ପ୍ରଭାବ, ଏଣେ ଉତ୍ତର ଭାରତରେ ମୁସଲମାନ ରାଜତ୍ୱର ପ୍ରଭାବପାତ ବେଳେ ଓଡ଼ିଶା ତା'ର ସ୍ୱାଧୀନତା ରକ୍ଷା କରି ପାରିଥିଲା ଏବଂ ସେହି ହେତୁରୁ ଉତ୍କଳୀୟ ସଙ୍ଗୀତ କଳା ରହିଲା ମୂଳ ଭାରତୀୟ ସଙ୍ଗୀତର ପନ୍ଥାନୁସାରୀ । ୧୫୬୦ ଖ୍ରୀଷ୍ଟାବ୍ଦ ପରେ ଉତ୍କଳ ଆକାଶରେ ମୁସଲମାନ ଏବଂ ମରହଟ୍ଟାମାନଙ୍କର ଶକୁନ ଦୃଷ୍ଟିପାତ ଘଟି ଦେଶର ପରିସ୍ଥିତି ଛାରଖାର ହୋଇ ପଡ଼ିଲା । ଏହି ଅସ୍ଥିର ପରିସ୍ଥିତିରେ କଳାର ଅଧୋଗତି ଅତି ସ୍ୱାଭାବିକ । ତେଣୁ ଓଡ଼ିଶୀ ସଙ୍ଗୀତର ଅଭିବୃଦ୍ଧି ଘଟି ପାରିଲା ନାହିଁ ।'

> **ସ୍ୱାଭିମାନୀ କବିଚନ୍ଦ୍ର ତାହାକୁ (ପଦ୍ମଶ୍ରୀ) ପ୍ରତ୍ୟାଖ୍ୟାନ କରିଥିଲେ । ସମ୍ଭବତଃ କୌଣସି ଓଡ଼ିଆ ତାଙ୍କ ପୂର୍ବରୁ ଓ ପରେ ଏପରି ପଦ୍ମଶ୍ରୀ ପ୍ରତ୍ୟାଖ୍ୟାନ କରିବାର ଦୃଷ୍ଟାନ୍ତ ନାହିଁ ।**

(ଓଡ଼ିଶୀ ସଙ୍ଗୀତ ଏକ ସଂକ୍ଷିପ୍ତ ପରିଚୟାତ୍ମକ ଇତିହାସ, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ନବରବି ୧୨ ବିଷୁବ ସଂଖ୍ୟା । )

ଇଂରାଜୀରେ ଦୁଇଟି ପୁସ୍ତକ Orissi Music ଓ Orissi Dance ସମେତ ପ୍ରାୟ ୧୦୮ ଗୋଟି ପୁସ୍ତକର ସେ ରଚୟିତା । କେହି ତାଙ୍କୁ ସମ୍ମାନ ଦେଉ ବା ନ ଦେଉ, ସେ ତାହାକୁ ଖାତିର କରୁ ନଥିଲେ । ସେ ମଧ୍ୟ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ । ୧୯୭୪ରେ ତାଙ୍କ ସମେତ ଗବେଷକ ଓ ଲେଖକ ସତ୍ୟ ନାରାୟଣ ରାଜଗୁରୁ ଓ ନୃତ୍ୟବିତ୍ କେଳୁଚରଣ ମହାପାତ୍ରଙ୍କୁ 'ପଦ୍ମଶ୍ରୀ' ଉପାଧି ମିଳିଥିଲା । ମାତ୍ର ସ୍ୱାଭିମାନୀ କବିଚନ୍ଦ୍ର ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ସମ୍ଭବତଃ କୌଣସି ଓଡ଼ିଆ ତାଙ୍କ ପୂର୍ବରୁ ଓ ପରେ ଏପରି ପଦ୍ମଶ୍ରୀ ପ୍ରତ୍ୟାଖ୍ୟାନ କରିବାର ଦୃଷ୍ଟାନ୍ତ ନାହିଁ । ଏ ସମ୍ପର୍କରେ କବିଚନ୍ଦ୍ର ଉଲ୍ଲେଖ କରିଥିଲେ, ୧୯୨୬/୨୭ରେ ପୁରୀର ଗଜପତିଙ୍କ ଦ୍ୱାରା 'କବିଚନ୍ଦ୍ର', ୧୯୩୮ରେ ଉତ୍କଳ ସାହିତ୍ୟ ସମାଜଦ୍ୱାରା 'ନାଟ୍ୟାଚାର୍ଯ୍ୟ'ଏବଂ ୧୯୬୮ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀଦ୍ୱାରା ଭାରତର 'ରତ୍ନ ସଦସ୍ୟ' (ଫେଲୋ) ଉପାଧିରେ ଭୂଷିତ ହୋଇ ମୁଁ ମୋ' ଦେଶବାସୀଙ୍କଠାରୁ ଆଦର ପାଇ ଆସୁଛି । (ଆତ୍ମଚରିତ 'କୁମ୍ଭାରଚକ' ୫୧୨ ପୃଷ୍ଠା ।)

ଦୁଃଖର କଥା, ଓଡ଼ିଶାର ଜଣେ ଏପରି ବରପୁତ୍ରଙ୍କର କେହି ଉତ୍ତରାଧିକାରୀ ନଥିବାରୁ ତାଙ୍କର ସମ୍ପତ୍ତିକୁ ଅନ୍ୟମାନେ ଜବରଦଖଲ କରିଛନ୍ତି । କଟକ ଜିଲ୍ଲା ଅନ୍ତର୍ଗତ ବଡ଼ମ୍ବାଗଡ଼ ଓ ବାଙ୍କୀ ପ୍ରଭୃତିରେ ତାଙ୍କର ହୁଏତ ପୈତୃକ ସମ୍ପତ୍ତି ଥିଲା । ସେ ସବୁ ହୁଏତ ତାଙ୍କ ପରିବାର ଲୋକଙ୍କ ଦାୟିତ୍ୱରେ ଥିବ । ମାତ୍ର କଟକ ସହର ଅନ୍ତର୍ଗତ ଜଗନ୍ନାଥ ବଲ୍ଲଭରେ ପ୍ରାୟ ଦେଢ଼ ଗୁଣ୍ଠ ଜମି ଓ ଘର ଆଉ ଖପୁରିଆରେ ପ୍ରାୟ ୮୩ ଡେସିମିଲ ଜମିକୁ କୁଆଡ଼େ ଅନ୍ୟମାନେ ଜାଲ କାଗଜପତ୍ର ଜରିଆରେ ଜବରଦଖଲ କରି ରଖିଛନ୍ତି । ଏଇ ତିନି ଚାରି ମାସ ତଳେ ଖପୁରିଆସ୍ଥିତ ତାଙ୍କ ଜମିରୁ କେତେକାଂଶ ଜଣେ କେହି ହାତେଇ ବିକ୍ରୀ କରିଦେଲାଣି । ତାଙ୍କର ପୁସ୍ତକାଦି ଓ ଅନ୍ୟାନ୍ୟ ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ କବିଚନ୍ଦ୍ର ଯେଉଁ ପିଲାଟିକୁ ରଖିଥିଲେ ସେ ହେଉଛନ୍ତି ବନମାଳି ବେହେରା । 'ସମାଜ'ରେ ସେ କାମ କରି ଅବସର ନେବା ପରେ ଏଇ ବୁଢ଼ା ବୟସରେ ସେ କବିଚନ୍ଦ୍ରଙ୍କ ସମ୍ପତ୍ତିର ରକ୍ଷଣାବେକ୍ଷଣ କରୁଛନ୍ତି ।

ଆଉ ଜଣେ ଲେଖକ ଓ ଗବେଷକ ତୀର୍ଥାନନ୍ଦ ମହାନ୍ତି କବିଚନ୍ଦ୍ରଙ୍କ ସମ୍ପତ୍ତିର ସୁରକ୍ଷା ପାଇଁ ତିନି ବର୍ଷ ତଳେ କଟକରେ ପ୍ରଥମ ସିଭିଲ ଜଜ୍‌ଙ୍କ ଅଦାଲତରେ ଏକ ମାମଲା (ସି.ଏସ୍ ନମ୍ବର ୮୬୫/୨୦୨୨) ଦାଏର କରିଥିଲେ ।

ରାଜ୍ୟ ସରକାର ମଧ୍ୟ ତାଙ୍କର ସମ୍ପତ୍ତିର ସୁରକ୍ଷା କରି ହାତକୁ ନେଇ ନାହାନ୍ତି । ଏହା ହିଁ ଭାଗ୍ୟ ଓଡ଼ିଶାର ଜଣେ ବରପୁତ୍ରଙ୍କର । ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସରକାରଙ୍କ ଧାନ ସଂଗ୍ରହ ଓ ଚାଉଳ ବଣ୍ଟନ ବ୍ୟବସ୍ଥା



**ବିଦ୍ୟାଧର ମହାରଣା**

ଓଡ଼ିଶା ଚାଷୀଙ୍କ ପାଇଁ ଧାନ ଯେପରି ମୁଖ୍ୟ ଫସଲ ସେହିପରି ଅନ୍ନ ଓଡ଼ିଆମାନଙ୍କର ମୁଖ୍ୟ ଖାଦ୍ୟ । ଏଣୁ ଧାନ ଫସଲର ରାଜ୍ୟର କୃଷି ଏବଂ ଖାଦ୍ୟ ନିରାପତ୍ତା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କୃଷକଙ୍କର ଆୟ ବୃଦ୍ଧି ପାଇଁ ଯେତେବେଳେ ଆଲୋଚନା କରାଯାଏ, ସେତେବେଳେ ଧାନର ସହାୟକ ମୂଲ୍ୟବୃଦ୍ଧି ଉପରେ ବେଶୀ ଚର୍ଚ୍ଚା ହୁଏ । ସରକାର ଚାଷୀଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କ୍ରୟ କରିବା ଉଦ୍ଦେଶ୍ୟ ହେଉଛି ଚାଷୀଙ୍କୁ ଏକ ଉଚିତ ମୂଲ୍ୟ ପ୍ରଦାନ କରିବା, ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେବା , ବଜାର ଦର ସ୍ଥିର ରଖିବା ଏବଂ ଗ୍ରାମ୍ୟ ଜୀବିକା ବିକାଶ କରିବା ସହିତ ସଂଗୃହୀତ ଧାନରୁ ଚାଉଳ ପ୍ରସ୍ତୁତ କରି ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ବଣ୍ଟନ କରିବା । ଓଡ଼ିଶା ସରକାର କେନ୍ଦ୍ରୀୟ ସହାୟତାରେ କୃଷକ ଆୟ ବୃଦ୍ଧିକରିବା ପାଇଁ ଚାଷୀମାନଙ୍କ ଠାରୁ ସିଧାସଳଖ ଏକ ୱେବ୍ ଆଧାରିତ ସ୍ୱୟଂକ୍ରିୟ ପଦ୍ଧତିରେ ଧାନ ମଣ୍ଡିମାନଙ୍କରେ ଖରିଦ କରୁଛନ୍ତି । ଏପରି ଧାନ ଖରିଦ କରିବା ଦ୍ୱାରା ଚାଷୀମାନେ ଦଲାଲ ବା ମଧ୍ୟସ୍ଥିମାନଙ୍କ ଶୋଷଣରୁ ମୁକ୍ତ ହେଉଛନ୍ତି ।

କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ରେ ପ୍ରଣୟନ କରିବା ପରଠାରୁ ଦାରିଦ୍ର୍ୟ ସୀମାରେଖା ନିମ୍ନରେ ଥିବା ପରିବାରକୁ ଖାଦ୍ୟ ସହାୟତା ଦେଇ ଆସୁଛନ୍ତି । ଏବେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଚିହ୍ନଟ ପରିବାରକୁ ମାସକୁ ୩୫ କିଲୋଗ୍ରାମ ଚାଉଳ ଓ ଅଗ୍ରାଧିକାର ପରିବାରଗୁଡ଼ିକୁ ଜଣପ୍ରତି ମାସକୁ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦେଉଛନ୍ତି । ରାଜ୍ୟରେ ୧୨,୪୯,୧୭୪ ଅନ୍ତ୍ୟୋଦୟ ପରିବାର ଓ ୮୧,୭୯,୯୬୯ ଅଗ୍ରାଧିକାର ପରିବାର ( ୨ ୮୮,୭୮,୩୩୮ ସଦସ୍ୟ) ଅଛନ୍ତି । ଅନ୍ତ୍ୟୋଦୟ ପରିବାରଗୁଡ଼ିକୁ ମାସକୁ ୩୫ କିଲୋଗ୍ରାମ ହିସାବରେ ୩୭.୦୨ ଲକ୍ଷ ଟନ୍ ଓ ଅଗ୍ରାଧିକାର ପରିବାରଗୁଡ଼ିକର ୨,୮୮,୩୮,୩୩୮ ସଦସ୍ୟ ପାଇଁ ମାସକୁ ୫ କିଲୋଗ୍ରାମ ହିସାବରେ ୧୭.୩୩ ଟନ୍ ଚାଉଳ ଆବଶ୍ୟକ ହେବ । ଅର୍ଥାତ୍ ଏହି ଦୁଇ ମୁଖ୍ୟ ଯୋଜନାରେ ୫୪.୩୫ ଲକ୍ଷ ଟନ୍ ଆବଶ୍ୟକ । ଏହା ବ୍ୟତୀତ ମଧ୍ୟାହ୍ନ ଭୋଜନ, ଅଙ୍ଗନବାଡି ଓ ଆହାର ଇତ୍ୟାଦି ଯୋଜନାରେ କିଛି ଚାଉଳ ଆବଶ୍ୟକ । ଏହି ଯୋଜନାରେ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ସରକାର ଚାଷୀଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଅଧିକ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ ସହାୟତା ଦେଉଛନ୍ତି । ଅକ୍ଟୋବର ୯ ତାରିଖରେ କ୍ୟାବିନେଟ ଧାନ କ୍ରୟ ନୀତି ୨୦୨୫-୨୬ ପାଇଁ ଅନୁମୋଦନ କରିଛନ୍ତି । ଓଡ଼ିଶାରେ ୨୦୨୪-୨୫ ଉଭୟ ଖରିଫ ଓ ରବି ଋତୁରେ ମୋଟ ୯୨.୬୪ ଲକ୍ଷ ଟନ୍ ( ଚାଉଳ ୬୩.୪୨ ଟନ୍) କ୍ରୟ କରାଯାଇଥିଲା । ୨୦୨୫-୨୬ରେ ୯୩ ଲକ୍ଷ ଟନ୍ କ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଛି । ୨୦୨୫-୨୬ ଖରିଫ ବିପଣନ ଋତୁରେ ନଭେମ୍ବର , ୨୫ ଠାରୁ ମାର୍ଚ୍ଚ , ୨୦୨୬ ପର୍ଯ୍ୟନ୍ତ ୭୩ ଲକ୍ଷ ଟନ୍ ଧାନ ଓ ରବି ଋତୁରେ ୨୦ ଲକ୍ଷ ଟନ୍ ଧାନ ମେ ମାସ, ୨୬ ଠାରୁ ଜୁନ୍ ୩୦ ମଧ୍ୟରେ ଖରିଦ କରିବେ । ଏଥିରୁ ପ୍ରାୟ ୬୩ ଲକ୍ଷ ଟନ୍ ଚାଉଳ ବାହାରିବ ।

ରାଜ୍ୟରେ ଖରିଫ ଋତୁରେ ୩୭ ଲକ୍ଷ ଓ ରବି ଋତୁରେ ୩.୮୮ ଲକ୍ଷ ହେକ୍ଟର ଜମିରେ ଧାନଚାଷ ହୋଇ ପ୍ରାୟ ୧୭୫ ଲକ୍ଷ ଟନ୍ ଧାନ ଅମଳ ହେଉଥିବାରୁ ସରକାର ଏହାର ୫୩ ପ୍ରତିଶତ ଧାନ କ୍ରୟ ପାଇଁ ନିଷ୍ପତ୍ତି ନେଇଛନ୍ତି । ଖରିଫ ଋତୁରେ ଏକର ପ୍ରତି ଜଳସେଚିତ ଜମିରୁ ୧୯ କୁଇଣ୍ଟାଲ ଓ ଅଣ ଜଳସେଚିତ ଜମିରୁ ୧୩ କୁଇଣ୍ଟାଲ ହିସାବରେ ପଞ୍ଜୀକୃତ ଚାଷୀଙ୍କ ଧାନ ଜମି ଅନୁସାରେ ବିକେନ୍ଦ୍ରୀକରଣ ପ୍ରଣାଳୀରେ ଧାନ ସଂଗ୍ରହ କରାଯିବ । ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ଧାନ ଖରିଦ ପାଇଁ ଦାୟିତ୍ୱ ନେଇଛନ୍ତି । ଏଥିରେ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ରାଜ୍ୟ କୃଷି ବିଭାଗ, ସମବାୟ ବିଭାଗ, ଜଳ ସମ୍ପଦ ବିଭାଗ, ଆଦିବାସୀ ଉନ୍ନୟନ ବିଭାଗ ଏବଂ ଶିଶୁ ଓ ମହିଳା ବିକାଶ ବିଭାଗ ସହାୟତା କରନ୍ତି । ଚଳିତ ଖରିଫ ଋତୁରେ ୩୧୩୪ ପ୍ରାଥମିକ ସେବା ସମବାୟ ସମିତି/ ବୃହତ୍ ବହୁମୁଖୀ ପ୍ରାଥମିକ ସମିତି/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ପାଣି ପଞ୍ଚାୟତ ଦ୍ୱାରା ୪୦୮୮ ମଣ୍ଡିରେ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ଓ ୧୪୧୯ କଷ୍ଟମ ମିଲ୍ ଦ୍ୱାରା ଚାଉଳ କରି ଖାଦ୍ୟ ନିରାପତ୍ତା ଯୋଜନାରେ ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାରେ ବିନିଯୋଗ କରିବା ପରେ ବଳକା ଚାଉଳ ଭାରତୀୟ ଖାଦ୍ୟ ନିଗମ ଗୋଦାମଗୁଡିକରେ ମହଜୁଦ କରି ରଖାଯିବ । ଏହାକୁ କେନ୍ଦ୍ର ସରକାର ଅନ୍ୟ ରାଜ୍ୟକୁ ବଣ୍ଟନ କରିବେ । ଖବର ପ୍ରକାଶ ପାଉଛି ଯେ ଗତ ବର୍ଷ ଭାରତୀୟ ଖାଦ୍ୟ ନିଗମ ୨୧.୭୬ ଲକ୍ଷ ଟନ୍ ଚାଉଳ ନେଉଥିବାବେଳେ ଅବଶିଷ୍ଟ ୬.୨୪ ଲକ୍ଷ ଟନ୍ ନେବାକୁ ବାକିଅଛି । ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପତ୍ର ସଂଖ୍ୟା ୧୫୧୫୮/ ୧.୧୧.୨୫ ତାରିଖରେ ମାର୍ଗଦର୍ଶିକା ଜାରି କରିଛନ୍ତି । ଯେଉଁ ଧାନ କ୍ରୟ କରାଯିବ, ତାହାର ନିର୍ଦ୍ଧାରିତ ଗୁଣବତ୍ତା ( ଏଫ୍. ଏ. କ୍ୟୁ) ଅନୁସାରେ ଜଳୀୟ ଅଂଶ ୧୭ ପ୍ରତିଶତ, ଅପମିଶ୍ରିତ ୧ ପ୍ରତିଶତ, ଭଙ୍ଗା ଓ ବେରଙ୍ଗୀ ଦାନା ୫ ପ୍ରତିଶତ, ଅପରିପକ୍ୱ ଓ ଚେମେଡ଼ା ୩ ପ୍ରତିଶତ ଏବଂ ନିମ୍ନ ମାନର ମିଶ୍ରଣ ୬ ପ୍ରତିଶତ ମଧ୍ୟରେ ରହିବା ଆବଶ୍ୟକ । ସାଧାରଣ କିସମ କୁଇଣ୍ଟାଲ ପ୍ରତି ୨୩୬୯ ଓ ଏ ଗ୍ରେଡ୍ ୨୩୮୯ ସହିତ ରାଜ୍ୟ ସରକାରଙ୍କ ଇନପୁଟ ରିହାତି ଦିଆଯିବ । ବିଧାନସଭାରେ ମାନ୍ୟବର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କହିଛନ୍ତି ଚଳିତ ଖରିଫ ଋତୁରେ ୧୯,୭୦,୩୭୭ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ମନ୍ତ୍ରୀମାନଙ୍କୁ ମଣ୍ଡି ପରିଦର୍ଶନ ପାଇଁ ଜିଲ୍ଲା ଦାୟିତ୍ୱ ଦିଆଯାଇଛି ।

ଏହା ସତ୍ତ୍ୱେ ଧାନ କ୍ରୟ ପ୍ରକ୍ରିୟାରେ କେତେକ ତ୍ରୁଟି ପରିଲକ୍ଷିତ ହେବା ଯୋଗୁଁ କୃଷକ ଅଶାନ୍ତି ଦେଖା ଯାଉଛି । ଧାନ କ୍ରୟ ବ୍ୟବସ୍ଥାରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଆବଶ୍ୟକ ଭିତ୍ତିଭୂମିର ଅଭାବ । ବହୁ ମଣ୍ଡିରେ ଭଣ୍ଡାରର ସୁବିଧା ନାହିଁ । କେତେକ ଅପହଞ୍ଚ ଗ୍ରାମରୁ ଧାନ ପରିବହନ କଷ୍ଟକର । ଗ୍ରାମାଞ୍ଚଳରେ କେତେକ ଚାଷୀ ବିକେନ୍ଦ୍ରୀକୃତ ଧାନ କ୍ରୟ ବ୍ୟବସ୍ଥା ସମ୍ବନ୍ଧରେ ସଚେତନ ନୁହଁନ୍ତି । କିପରି ପଞ୍ଜୀକୃତ ହେବେ ସେ ସମ୍ବନ୍ଧରେ ତାଙ୍କର ଧାରଣା ନାହିଁ । ଧାନର ଗ୍ରହଣୀୟ ଗୁଣାତ୍ମକ ମାନ ବିଷୟରେ ସେମାନେ ଅଜ୍ଞ ଥିବାରୁ ଏହାର ଫାଇଦା ମିଲ୍ ମାଲିକମାନେ ନେଉଛନ୍ତି । ଧାନର ଗୁଣାତ୍ମକ ମାନ ଆଳରେ କିଛି କଟନି-ଛଟନି ବ୍ୟବସ୍ଥା ରହୁଛି ଯାହାକି ଅବାଞ୍ଛିତ ମନେହୁଏ । ତେବେ ପ୍ରାକୃତିକ ବିପର୍ଯ୍ୟୟ ଥିଲେ ସରକାର ଏହାକୁ କୋହଳ କରନ୍ତି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଧାନ ବିକ୍ରୟ ପରେ ଦେୟ ପ୍ରାପ୍ତିରେ ଅହେତୁକ ବିଳମ୍ବ ।

ବହୁ କ୍ଷେତ୍ରରେ ଗୋଦାମ ଅଭାବ ଯୋଗୁଁ ମିଲ୍ ମାଲିକ ଧାନ ଉଠାଇବାକୁ ଅମଙ୍ଗ ହୁଅନ୍ତି । ଭାରତୀୟ ଖାଦ୍ୟ ନିଗମ ମଧ୍ୟ ଗୋଦାମରେ ସ୍ଥାନ ଅଭାବ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଏହିସବୁ କାରଣରୁ ଧାନ କ୍ରୟ ଓ ଯୋଗାଣ ଶୃଙ୍ଖଳରେ ଅନ୍ତରାୟ ସୃଷ୍ଟି କରୁଛି ।

ସର୍ବନିମ୍ନ ସହାୟକ ମୂଲ୍ୟ ଧାନ ସମେତ ୨୩ ଗୋଟି ଫସଲ ପାଇଁ ପ୍ରଯୁଜ୍ୟ । କୃଷକ ମାନଙ୍କୁ ସୁରକ୍ଷା ଦେବାପାଇଁ ସ୍ୱାମୀନାଥନ କମିଶନ ୨୦୦୬ ମସିହାରେ ସରକାରଙ୍କୁ କେତେକ ପରାମର୍ଶ ଦେଇଥିଲେ । ସେଥିରେ ମୁଖ୍ୟ ଉତ୍ପାଦଗୁଡ଼ିକର ହାରାହାରି ଚାଷ ଖର୍ଚ୍ଚର ଦେଢଗୁଣ ହିସାବରେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିବାକୁ ସୁପାରିଶ କରିଥିଲେ । ଏମ୍. ଏସ୍.ପିର ମୁଖ୍ୟ ଲକ୍ଷ୍ୟ ମଧ୍ୟରେ ଅଧିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଉତ୍ପାଦନ ବୃଦ୍ଧି କରିବା ଓ ଫସଲ ବିବିଧିକରଣ ଅନ୍ତର୍ଗତ ।

ଧାନ ଫସଲ ଅଧିକ ଜଳ ଆବଶ୍ୟକ କରେ ଏବଂ ଏକ କିଲୋଗ୍ରାମ ଧାନ ଉତ୍ପାଦନ ପାଇଁ ୨୫୦୦-୩୦୦୦ ଲିଟର ଜଳ ଆବଶ୍ୟକ । ବାରମ୍ବାର ଧାନ ଚାଷ କଲେ ଭୂତଳ ଜଳ ପତ୍ତନ ହ୍ରାସ ପାଏ, ମୃତ୍ତିକା ପ୍ରଦୂଷିତ ହୁଏ, ଧାନ ଜମିରୁ ମିଥେନ ବାଷ୍ପ ନିର୍ଗତ ଯୋଗୁଁ ଜଳବାୟୁ ପରିବର୍ତ୍ତନ ପାଇଁ ଏହା ସହାୟକ ହୁଏ । ବହୁ କ୍ଷେତ୍ରରେ ଧାନଚାଷୀ ଋଣଗ୍ରସ୍ତ ହୁଅନ୍ତି । ସୁତରାଂ ଧାନ ଚାଷ ପରିବର୍ତ୍ତେ ଡାଲି, ମାଣ୍ଡିଆ, ତୈଳବୀଜ ଓ ପନିପରିବା ଇତ୍ୟାଦି ଫସଲ ଚାଷ କଲେ ଚାଷୀ ଅଧିକ ଲାଭବାନ ହେବେ । ଅନ୍ୟଥା ଶ୍ରୀ ପ୍ରଣାଳୀ, ଶୁଷ୍କ ପ୍ରଣାଳୀରେ ଧାଡ଼ିବୁଣା ଧାନଚାଷ କଲେ ବହୁତ କମ୍ ଜଳ ବ୍ୟବହାର ହେବା ସହିତ ଅଧିକ ଲାଭ ହେବ । ଜୈବିକ ଓ ବାସ୍ନା ଧାନ ଚାଷ କଲେ ମଧ୍ୟ ଅଧିକ ଲାଭ ମିଳିବ । ଧାନ ଚାଷରେ ଏକର ପ୍ରତି ଉତ୍ପାଦନ ଖର୍ଚ୍ଚ ୨୦୦୦୦-୨୫୦୦୦ ହେଲାବେଳେ ଏଥିରୁ ୧୨-୧୮ କୁଇଣ୍ଟାଲ ଅମଳ ମିଳେ । ଏହି ହିସାବରେ କୁଇଣ୍ଟାଲ ପ୍ରତି ଉତ୍ପାଦନ ଖର୍ଚ୍ଚ ୧୭୦୦ ଟଙ୍କା ହୋଇଥାଏ । ସରକାର କୁଇଣ୍ଟାଲ ପ୍ରତି ୩୧୦୦ ଦେଉଥିବାରୁ ଚାଷୀ କୁଇଣ୍ଟାଲ ପ୍ରତି ୧୦୦୦-୧୪୦୦ ଲାଭ ପାଏ । କିନ୍ତୁ ଅଣଧାନ ଫସଲ ଚାଷ କଲେ ଲାଭ ଅଧିକ ହେବ । ଏହି କାରଣରୁ ସରକାର ଚାଷୀଙ୍କୁ ଅଧିକ ପ୍ରୋତ୍ସାହନ ଦେଇ ଅଧିକ ଡାଲି ଫସଲ ଓ ତୈଳବୀଜ ଫସଲ ଚାଷକରି ଦେଶକୁ ସ୍ୱାବଲମ୍ବୀ କରିବା ଆବଶ୍ୟକ ।

> **ସାରାଂଶରେ ଏତକି କୁହାଯାଇପାରେ କି ଓଡ଼ିଶାରେ ଧାନ କ୍ରୟ ବିକ୍ରୟ ଏକ ବହୁମୁଖୀ ମାର୍ଗ ଆବଶ୍ୟକ କରେ । ଧାନ କ୍ରୟ ପ୍ରକ୍ରିୟାକୁ ଆହୁରି ସରଳ କରିବା ସହିତ ଭିତ୍ତିଭୂମି ଅଧିକ ସୁଦୃଢ କରିବା ଆବଶ୍ୟକ ଯେପରି ଚାଷୀମାନେ ସେମାନଙ୍କ ଧାନ ସୁବିଧାରେ ବିକ୍ରୟ କରି ୨-୩ ଦିନ ମଧ୍ୟରେ ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଯୋଗେ ପାଇପାରିବେ । ସରକାର ଆବଶ୍ୟକତା ଅନୁସାରେ ପ୍ରାୟ ୭୫ ଲକ୍ଷ ଟନ୍ ଧାନ କ୍ରୟକରିବା ସହିତ ଧାନଚାଷର ପରିମାଣ କମାଇ ଅଧିକ ପୁଷ୍ଟିଶସ୍ୟ, ଡାଲି , ତୈଳବୀଜ ଓ ଅର୍ଥକରୀ ଫସଲ ଚାଷ କରିବାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ ।**

ସାରାଂଶରେ ଏତକି କୁହାଯାଇପାରେ କି ଓଡ଼ିଶାରେ ଧାନ କ୍ରୟ ବିକ୍ରୟ ଏକ ବହୁମୁଖୀ ମାର୍ଗ ଆବଶ୍ୟକ କରେ । ଧାନ କ୍ରୟ ପ୍ରକ୍ରିୟାକୁ ଆହୁରି ସରଳ କରିବା ସହିତ ଭିତ୍ତିଭୂମି ଅଧିକ ସୁଦୃଢ କରିବା ଆବଶ୍ୟକ ଯେପରି ଚାଷୀମାନେ ସେମାନଙ୍କ ଧାନ ସୁବିଧାରେ ବିକ୍ରୟ କରି ୨-୩ ଦିନ ମଧ୍ୟରେ ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଯୋଗେ ପାଇପାରିବେ । ସରକାର ଆବଶ୍ୟକତା ଅନୁସାରେ ପ୍ରାୟ ୭୫ ଲକ୍ଷ ଟନ୍ ଧାନ କ୍ରୟକରିବା ସହିତ ଧାନଚାଷର ପରିମାଣ କମାଇ ଅଧିକ ପୁଷ୍ଟିଶସ୍ୟ, ଡାଲି , ତୈଳବୀଜ ଓ ଅର୍ଥକରୀ ଫସଲ ଚାଷ କରିବାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ସୀମିତ ଜମିରେ ଧାନ ଚାଷ କରି ଉତ୍ପାଦର ମୂଲ୍ୟ ସଂଯୋଗ କଲେ ମଧ୍ୟ ଅଧିକ ଲାଭ ମିଳିବ । ଏଥିନିମନ୍ତେ ବସୁମତୀ ଓ ବାସ୍ନା ଧାନ ଚାଷୀମାନେ ଅଧିକ ଜମିରେ ଯେପରି ଚାଷ କରିବେ ସେଥିପ୍ରତି ସହାୟତା ଯୋଗାଇ ଦେବା ଆବଶ୍ୟକ । ଏହାଦ୍ୱାରା ଜଳବାୟୁ ପରିବର୍ତ୍ତନ ଜନିତ କୁପ୍ରଭାବ ହ୍ରାସ କରାଯାଇପାରିବ ଏବଂ କୃଷକଙ୍କର ଆୟ ବୃଦ୍ଧି ହେବ ।

**କଳିଙ୍ଗନଗର ୭/୪୫୨**
**ଭୁବନେଶ୍ୱର ୭୫୧୦୨୯**
bidyadhar.mgmail.com
Consultant, Agriculture NRM
**ମୋ-୯୧-୯୪୩୭୦୭୧୧୯୦**

# ଅଶାନ୍ତିର ଅନ୍ଧକାର

**ଯଚିଦାନନ୍ଦ ଦାଶ**

ଅଶାନ୍ତିର ଚକ୍ରବ୍ୟୁହରେ ରହିବାକୁ କିଏ ବା ଚାହେଁ ? ଅଶାନ୍ତିର ଅନ୍ଧକାରକୁ ଜାଣିଶୁଣି କେହି ଗ୍ରହଣ କରିବାକୁ ରାଜି ହୁଅନ୍ତି ନାହିଁ । ମାତ୍ର ବାସ୍ତବରେ ଦେଖିବାକୁ ଗଲେ, ଆଜିକାଲିର ଦୁନିଆଁରେ ଅଧିକାଂଶ ଲୋକ ଅଶାନ୍ତିର ବାତାବରଣ ଭିତରେ ଜୀବନ ବିତାଉଛନ୍ତି । କାରଣ ଅଶାନ୍ତିର ମାର୍ଗଟା ଖୁବ୍ ସ୍ୱଷ୍ଟ ଏବଂ ସହଜ, ଯାହା ଉଭୟ ବ୍ୟକ୍ତିଗତ ଓ ସାମୂହିକ ସ୍ଥିତି ଉପରେ ନିର୍ଭରଶୀଳ । ଆମମାନଙ୍କ ମଧ୍ୟରୁ ଅନେକଙ୍କ ଧାରଣା ଯେ, ଦୁଃଖଭାବ ଅଶାନ୍ତିର ମୂଳ କାରଣ । ମାତ୍ର ଏହା ଭୁଲ ଧାରଣା । ପ୍ରକୃତରେ ଜଣେ ସକରାତ୍ମକ ବ୍ୟକ୍ତିଟି ଯେତେ ଦୁଃଖରେ ରହିଲେ ମଧ୍ୟ କେବେହେଲେ ଅଶାନ୍ତିର ପରିବେଶ ସୃଷ୍ଟିକୁ ଆଲିଙ୍ଗନ କରିବ ନାହିଁ । କାରଣ ସେ ସୁନିଶ୍ଚିତ ଯେ, ଦୁଃଖରେ ରହି ଧୈର୍ଯ୍ୟକୁ ଆପଣେଇ ପାରିଲେ ଏବଂ ଦୁଃଖକୁ ଏଡାଇବାର ପ୍ରଚେଷ୍ଟା କରିଲେ, ଅଶାନ୍ତି କେବେ ହେଲେ ଆସିବ ନାହିଁ । ଅଶାନ୍ତିର ଅନ୍ଧକାର ସୁଖ ପଛରେ ଧାଇଁଥାଏ । ମଣିଷର ଅଶାନ୍ତ ମନଟି ସଦାବେଳେ ଚାହିଁଥିବ ସେଇ ବିଳାସ ବ୍ୟସନ, ପାର୍ଥିବ ଆନନ୍ଦ, ଶାରୀରିକ ସୁଖ ଇତ୍ୟାଦି । ଏପରି ବ୍ୟକ୍ତିମାନଙ୍କୁ ଶାନ୍ତିର କୋମଳ ପବନ ସ୍ପର୍ଶ କରିପାରେନା । ଅଶାନ୍ତର ଅନ୍ଧାରରେ ମଣିଷ ବୁଡ଼ିରହି ନିଜକୁ ସତପଥରୁ ବିଚ୍ୟୁତ କରିଚାଲେ । ଶାନ୍ତିର ବାଟ ଖୋଜିପାଏନା । ମଣିଷ ଯେତେ ସୁଖର ଗୋଲାପ ଶର୍ଯ୍ୟାରେ ଶୋଇ ରହିଲେ ମଧ୍ୟ ଜୀବନର ଶେଷ ମୁହୂର୍ତ୍ତରେ ଅଶାନ୍ତିର ଅମାବାସ୍ୟା ଘୋଟି ଆସେ । କର୍ମ ଅନୁସାରେ କିଏ କମ୍ ଅଶାନ୍ତି ପାଏ ବା କିଏ ଟିକେ ବେଶୀ ଅଶାନ୍ତି ପାଏ । ମୃତ୍ୟୁର କାଳିମା ଜୀବନକୁ କାବୁ କରିବସେ । ମଣିଷ ଅର୍ଜନ କରିଥିବା ଟଙ୍କା ପଇସା, ସୁନା, ଗାଡ଼ି, ବଙ୍ଗଳା ସବୁକିଛି ଛାଡ଼ି, ଏ ଧରା ପୃଷ୍ଠରୁ ବିଦାୟ ନେଇଯାଏ ଆରପାରିକୁ । ମଣିଷର ଖ୍ୟାତି, ସୁନାମ ଇତ୍ୟାଦି ରହିଯାଏ ଅମରତ୍ୱ ଲାଭ କରି । ଆରପାରିରେ ମଣିଷ ମଧ୍ୟରୁ କିଏ ଅଶାନ୍ତିର ଅନ୍ଧକାରରେ ବନ୍ଦୀ ରହେ ବା କିଏ ଶାନ୍ତିର ଆଲୋକରେ ଆଲୋକିତ ହୋଇ ପରମାତ୍ମା ପରମେଶ୍ୱରଠାରେ ଲୀନ ହୋଇଯାଏ । ଉପରୋକ୍ତ କଥା ବସ୍ତୁକୁ ନେଇ ଏକ ବଳିଷ୍ଠ ଉଦାହରଣଟିଏ ଏଠାରେ ଉପସ୍ଥାପନା କରିବାକୁ ମନେ କରେଁ । ସଙ୍ଗୀତ ଜଗତର ସାମ୍ରାଜ୍ଞୀ ସ୍ୱର୍ଗତ ଲତା ମଙ୍ଗେସକର ମୃତ୍ୟୁରୁ କିଛି ମୁହୂର୍ତ୍ତ ଆଗରୁ ହସପିଟାଲରେ କଟାଇ ଥିବା ସମୟରେ କେଇ ଦୁଇପଦ କଥା କହିଯାଇଥିଲେ । ଯଥା ତାଙ୍କ ପାଖରେ ବହୁମୂଲ୍ୟର ବିଦେଶୀ କାର ରହିଛି, ମାତ୍ର ଏ ଶେଷ ସମୟରେ ସେ ହୁଇଲ ଚେୟାରେ ବା ହୁଇଲ ବେଡ଼ରେ ବସି ଶୋଇ ରହିଛନ୍ତି । ତାଙ୍କ ପାଖରେ ବହୁ ଦାମିକା ଶାଢ଼ି ଆଲମାରୀରେ ଭର୍ତ୍ତି ହୋଇଅଛି, ମାତ୍ର ଆଜି ସେ ହସପିଟାଲ ଗାଉନ୍ ଖଣ୍ଡେ ପିନ୍ଧି ପଡ଼ିରହିଛନ୍ତି । ତାଙ୍କର ସେ ବିରାଟ ବଙ୍ଗଳା ସେମିତି ପଡି ରହିଛି, ସେ ଆଜି ଏକ ଛୋଟ ରୁମ୍‌ରେ ଜୀବନ ବିତାଉଛନ୍ତି । ଏହାହିଁ ଥିଲା ତାଙ୍କର ଜୀବନର ଶେଷ ମୁହୂର୍ତ୍ତର ଭାବନା । ତାଙ୍କର କହିବାର ମର୍ମ ହେଲା ପ୍ରାପ୍ତି ବା ଧନ ମଣିଷକୁ ଶାନ୍ତି ଦିଏ ନାହିଁ ବରଂ ଅଶାନ୍ତିର ଅନ୍ଧକାରରେ ମଣିଷକୁ ବୁଡ଼େଇ ଦିଏ । ମୃତ୍ୟୁକୁ ବାଧା ଦେବାକୁ ତାଙ୍କର ସକଳ ଧନ ସମ୍ପତ୍ତି ଆଜି ଅସମର୍ଥ । ଧନ ପାର୍ଥିବ ସୁଖ ଦେଇପାରେ, ମାତ୍ର ଜୀବନରେ ଶାନ୍ତି ପ୍ରାପ୍ତିରେ ଭାଗ ନେଇ ପାରେନା । ମଣିଷକୁ ଅଶାନ୍ତିର ଅନ୍ଧକାରରୁ ବଂଚେଇଥାଏ, କେବଳ ତାର ସୁକର୍ମ, ସୁନାମ, ଖ୍ୟାତି ଇତ୍ୟାଦି, ଯାହାବଳରେ ମଣିଷକୁ ଶାନ୍ତିର ଆଲୋକ ସ୍ପର୍ଶ କରେ । ଜଣେ କଳାକାର ହେଉ, ବା ସାହିତ୍ୟିକ ହେଉ ବା ସମାଜସେବୀ ହେଉ, ସେ କେବଳ ତାର ସୁକର୍ମ ବଳରେ ତାକୁ ସ୍ଥାୟୀ ଅଶାନ୍ତିରୁ ମୁକ୍ତି ମିଳିଥାଏ । ମାତ୍ର ଅର୍ଜିତ ଧନ ସମ୍ପତ୍ତି ବା ଦୁର୍ନାମ ବା କରିଥିବା ଅନୈତିକ କାର୍ଯ୍ୟରୁ ନୁହେଁ । ଏଗୁଡ଼ିକ ମଣିଷକୁ ଶାନ୍ତିର ବାସ୍ନା ପରବର୍ତ୍ତେ ଅଶାନ୍ତିର ପୂତିମୟ ଗନ୍ଧ ଭିତରକୁ ଠେଲି ଦେଇଥାଏ । କେତେକ ବ୍ୟକ୍ତି ବିଶ୍ୱାସ କରନ୍ତି ଯେ, କ୍ଷମତା, ପ୍ରତିପତ୍ତି ପ୍ରାପ୍ତିରେ ଶାନ୍ତି ଆସିଥାଏ । ମାତ୍ର ଏହା ଠିକ୍ ନୁହେଁ । କ୍ଷମତା, ପ୍ରତିପତି ପ୍ରାପ୍ତିରେ ବେଳେ ବେଳେ କିଛି କ୍ଷେତ୍ରରେ ଅହଂକାର ବଢେ, ନତୁବା ଦାୟିତ୍ୱର ଚାପରେ ମାନସିକ ସୁସ୍ଥତା ମିଳେ ନାହିଁ । ଏ ପ୍ରକାର ସ୍ଥିତି ଫଳରେ ମଣିଷ ଶେଷରେ ଅଶାନ୍ତିର ଅନ୍ଧକାରରେ ନିଜକୁ ଖୋଜି ବୁଲେ । ପୁରାଣରେ ବର୍ଣ୍ଣିତ କ୍ଷମତା ଲୋଭୀ ମହିଷାସୁରର ଇନ୍ଦ୍ରଭବନ ଜୟ କରି କ୍ଷମତା ପାଇବାରେ ଅହଂକାରରେ ଉତଫୁଲିତ ହୋଇଉଠିଲା । ମାତ୍ର ଶେଷରେ ମୃତ୍ୟୁବରଣ କଲା । ଅଶାନ୍ତି ଏଭଳି ଏକ ଅବସ୍ଥା ଯାହା ନ ଖୋଜିଲେ ସହଜରେ ମିଳିଯାଏ । ଅଶାନ୍ତିର କାଳିମା ବାଦଲ ସଦାବେଳେ ଚାହିଁ ବସିଥାଏ, ମଣିଷର ମନରୂପି ଆକାଶକୁ ଗ୍ରାସ କରିବା ପାଇଁ । ଏ ମଣିଷକୁ ଅଶାନ୍ତିର ଭିତରେ ଶାନ୍ତି ପାଇବା ପାଇଁ ବହୁତ କଷ୍ଟ କରିବାକୁ ପଡ଼େ । ସାଧାରଣତଃ ମହାମନିଷୀମାନେ କହିଛନ୍ତି, କାମ, କ୍ରୋଧ, ଲୋଭ ଓ ମାୟା ଛାଡ଼ିଦେଲେ ମଣିଷ ଅଶାନ୍ତିକୁ ଦୂରୀଭୂତ କରିପାରିବ । ମାତ୍ର ତାହା ମନୁଷ୍ୟ ପକ୍ଷେ ଅତ୍ୟନ୍ତ କଷ୍ଟସାଧ୍ୟ । ବସ୍ତୁବାଦୀ ମଣିଷ ଅତି ସହଜରେ ଉପରୋକ୍ତ ଚାରୋଟି ଗୁଣକୁ ଛାଡ଼ି ପାରେ ନାହିଁ ।

> **ତାଙ୍କର କହିବାର ମର୍ମ ହେଲା ପ୍ରାପ୍ତି ବା ଧନ ମଣିଷକୁ ଶାନ୍ତି ଦିଏ ନାହିଁ ବରଂ ଅଶାନ୍ତିର ଅନ୍ଧକାରରେ ମଣିଷକୁ ବୁଡ଼େଇ ଦିଏ । ମୃତ୍ୟୁକୁ ବାଧା ଦେବାକୁ ତାଙ୍କର ସକଳ ଧନ ସମ୍ପତ୍ତି ଆଜି ଅସମର୍ଥ । ଧନ ପାର୍ଥିବ ସୁଖ ଦେଇପାରେ, ମାତ୍ର ଜୀବନରେ ଶାନ୍ତି ପ୍ରାପ୍ତିରେ ଭାଗ ନେଇ ପାରେନା ।**

ସେଥି ନିମନ୍ତେ ମନୁଷ୍ୟ ପକ୍ଷେ ଈଶ୍ୱରବାଦ ବା ଆଧ୍ୟାତ୍ମିକ ସଚେତନତା ଲୋଡ଼ା, ଯାହା ମଣିଷର ବସ୍ତୁବାଦୀ ପ୍ରବୃତ୍ତିକୁ ଯଥାମାତ୍ରାରେ ଦମନ କରିପାରିବ । ସେଇଥିପାଇଁ ଈଶ୍ୱର ଭକ୍ତି ଓ ପ୍ରାର୍ଥନାର ଅବଶ୍ୟକତା ପଡ଼େ । ଜେମସ୍ ଗୋଲଙ୍କ ଭାଷାରେ Prayer is the bridge between panic and peace. ପୁନଶ୍ଚ ଯଦି ଆହୁରି ଗଭୀରକୁ ଯିବା, ଜୀବନରେ ସଂପୂର୍ଣ୍ଣ ଅଶାନ୍ତିକୁ ପରିହାର କରିବା ଏକ କଷ୍ଟସାଧ୍ୟ ବ୍ୟାପାର । ଆଧ୍ୟାତ୍ମିକବାଦକୁ ଯେତେ ସ୍ୱାଗତ କରିବା, ସେତେ ପରିମାଣରେ ବସ୍ତୁବାଦଠାରୁ ଦୂରେଇ ରହିବା । ଫଳରେ ଅଶାନ୍ତିର ମାତ୍ରା କମିଯିବ । ଏପରି କରିବା ଦ୍ୱାରା ଜୀବନରେ ପାର୍ଥିବ ଲାଳସା ବା ଭୌତିକ ଲାଳସାଠାରୁ ମଣିଷ ଦୂରେଇ ଯିବ । ଉଭୟେ ଆଧ୍ୟାତ୍ମିକ ଓ ବସ୍ତୁବାଦୀ ସଚେତନତାର ଏକ ସମନ୍ୱୟ ରକ୍ଷା କରାଯାଇପାରିବ । ଯାହା ଫଳରେ ମଣିଷ ଅଶାନ୍ତର ଅନ୍ଧକାର ମଧ୍ୟରୁ ନିଜକୁ ସୁରକ୍ଷିତ କରି ରଖିପାରିବ ।

ଲୋଭ ମଣିଷର ସବୁଠାରୁ ବଡ଼ ଦୁର୍ଗୁଣ, ଯାହା ତାକୁ ଗଭୀର ଅଶାନ୍ତି ମଧ୍ୟକୁ ଫୋପାଡ଼ି ଦେଇଥାଏ । ଟଲଷ୍ଟୟଙ୍କ କାହାଣୀ ବହି 'ହାଓମଚ ଲ୍ୟାଣ୍ଡ ଡଜ୍ ଏ ମ୍ୟାନ ନିଡ' ଜଣାଇ ଦିଏ ଯେ ଲୋଭ କିପରି ମଣିଷକୁ ଶେଷରେ ମୃତ୍ୟୁ ମୁଖରେ ଠେଲିଦିଏ । ଏଇ କାହାଣୀର ସାରାଂଶ କହେ, ପାହୋମ୍ ନାମକ କୃଷକ ପାଖରେ ଆନନ୍ଦରେ ଚଳିବା ଭଳି ଜମିବାଡ଼ି ଥିବା ସତ୍ତ୍ୱେ ସହରକୁ ଯାଇ ଅଧିକ ଜାଗା, ଜମି ଓ କାରଖାନା ପାଇଁ ଲୋଭ କରିବା ଫଳରେ ସେ ମରଣକୁ ସାମନା କରିଥିଲା । ଶେଷରେ ତାର ମର ଶରୀର କଫିନ୍‌ଟି ପୋତା ହେବା ପାଇଁ ମାତ୍ର ଛଅ ଫୁଟର ଜାଗା ଦରକାର ହୋଇଥିଲା । ଏଣୁ ଯଦି ସକାରତ୍ମକ ଭାବେ ଅନୁଶୀଳନ କରାଯାଏ ମଣିଷ ଜୀବନ କାଳ ମଧ୍ୟରେ ଗୋଟିଏ ଆରମ୍ଭ ଏବଂ ଗୋଟିଏ ଶେଷ ପାହାଚ ରହିଛି । ସେଇଟି ହେଲା ବସ୍ତୁବାଦ ଓ ଆଧ୍ୟାତ୍ମିକବାଦ । ଆରମ୍ଭ ବସ୍ତୁବାଦ ହେଲେ ଶେଷଟି ଆଧ୍ୟାତ୍ମିକବାଦ ଅଟେ । ବସ୍ତୁବାଦ ଓ ଆଧ୍ୟାତ୍ମିକବାଦ ମଧ୍ୟରେ କେତେକ ମହତକାର୍ଯ୍ୟ ଅଛି ଯାହାକି ମଣିଷକୁ ଆଧ୍ୟାତ୍ମିକତାର, ଦିଗକୁ ଟାଣି ନେଇଯିବ । ସେଇ ମହତ କାର୍ଯ୍ୟଗୁଡ଼ିକ ସାଧୁତା, ନିସ୍ୱାର୍ଥପରତା, ସହଯୋଗିତା, ପରୋପକାରିତା, ସୃଜନଶୀଳତା, ଭୟ, ଭକ୍ତି ଓ ଶ୍ରଦ୍ଧା, ସ୍ନେହ ଇତ୍ୟାଦି । ମଣିଷ ଯେତେବେଳେ ଆପେ ଆପେ ଉପରୋକ୍ତ ଗୁଣଗୁଡ଼ିକର ଅଧିକାରୀ ହୋଇଯିବ ସେତେବେଳେ ସେ ସମୟ ସହିତ ଆଧ୍ୟାତ୍ମିକତାକୁ ଗ୍ରହଣ କରିନେବ । ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା । ବିପରୀତ କ୍ରମେ ଯଦି ଜଣେ ବ୍ୟକ୍ତି ଆଧ୍ୟାତ୍ମିକତାକୁ କିଛି ଅଂଶରେ ଗ୍ରହଣ କରି ନେଇପାରିଲା, ସେ ଆସ୍ତେ ଆସ୍ତେ କାଳକ୍ରମେ ଉପରୋକ୍ତ ଗୁଣର ଅଧିକାରୀ ହୋଇଯିବ ଏବଂ ତତ୍‌ସଙ୍ଗେ ସଙ୍ଗେ ଅଶାନ୍ତିର ଅନ୍ଧକାରରୁ ଧୀରେ ଧୀରେ ଦୂରେଇ ଯିବ ।

**ସିଡ଼ିଏ, କଟକ**
**ମୋ-୭୦୦୮୬୫୦୬୯୩**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ-ନ୍ୟୁଜିଲାଣ୍ଡ...

ପକ୍ଷରୁ ଭାରତରେ ୨୦ ଓରବ ଆମେରିକୀୟ ଡଲାର ନିବେଶର ବିଶ୍ୱାସ ବ୍ୟକ୍ତ କରିଥିଲେ । ଭାରତ ନ୍ୟୁଜଲାଣ୍ଡ ସହଭାଗିତାକୁ ଅଧିକ ମଜଭୁତ କରିବାକୁ ନିଜର ପ୍ରତିବଦ୍ଧତାକୁ ନିଷ୍ପତ୍ତି କରିଥିଲେ । ଚୁକ୍ତି ଅନୁଯାୟୀ ବର୍ଷକୁ ୧୬୬୭ କୁଶଳୀ ବୃତ୍ତିଧାରୀ ନ୍ୟୁଜଲାଣ୍ଡ ଯିବାକୁ ସୁବିଧା ପାଇବେ । ପ୍ରାୟ ୫ ହଜାର ଭିସା ପ୍ରଦାନ କରାଯିବ ଓ ୩ ବର୍ଷ ଯାଏ ସ୍ଥାୟୀ ଭାବେ ରହିବାକୁ ସୁଯୋଗ ମିଳିବ । ବିଶେଷ କରି ଆୟୁଷ ବୃତ୍ତିଧାରୀ, ଯୋଗ ଶିକ୍ଷକ, ଭାରତୀୟ ସେଫ୍, ସଙ୍ଗୀତ ଶିକ୍ଷକ ଏବଂ ଆଇଟି ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ଶିକ୍ଷା, ନିର୍ମାଣରେ ଥିବା ଶ୍ରମିକ ବଳ ଗୁଡିକ ଦୁଇ ଦେଶ ମଧ୍ୟରେ ଅବାଧ ଯାତ୍ରା କରିପାରିବେ । ଏହା ଛଡା ଏଫଟିଏରେ ମଧ୍ୟ ନ୍ୟୁଜଲାଣ୍ଡର ଛୁଟି ଯୋଜନାର ବ୍ୟବସ୍ଥା ହୋଇଛି । ବର୍ଷକୁ ହଜାର ସ୍ଥାନକୁ ଭ୍ରମଣରେ ନିଆଯିବ ଯାହା ନ୍ୟୁଜଲାଣ୍ଡ ପର୍ଯ୍ୟଟନକୁ ବିଭିନ୍ନ କ୍ଷେତ୍ରକୁ ସହଯୋଗ କରିବ । ଏହା ଛଡା ଶ୍ରମିକ ଆଦାନ ପ୍ରଦାନରେ ମଧ୍ୟ ଚୁକ୍ତି କରାଯାଇଛି । ଏହାଛଡା ଭାରତୁ ନ୍ୟୁଜଲାଣ୍ଡକୁ ରପ୍ତାନୀ ହେବାକୁ ଥିବା ସାମଗ୍ରୀ ଗୁଡିକ ଶତପ୍ରତିଶତ ଶୁଳ୍କ ମୁକ୍ତ ରହିବ ।

## ଓଡ଼ିଶା...

ସୂଚନାଯୋଗ୍ୟ ଯେ, ଏହି ଗସ୍ତରେ ମୁଖ୍ୟମନ୍ତ୍ରୀ ଏକ ବ୍ୟାପକ ନିବେଶ ଅଭିଯାନର ନେତୃତ୍ୱ ନେଇ ହାଇଦ୍ରାବାଦ୍ ଯାଇଥିଲେ । ଦୁଇ ଦିନ ବ୍ୟାପୀ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ୭୩ଟି ଉଚ୍ଚସ୍ତରୀୟ ବୈଠକ ଏବଂ ୨ଟି କ୍ଷେତ୍ରୀୟ ରାଉଣ୍ଡଟେବୁଲ ଆଲୋଚନା କରିଥିଲେ । ପ୍ରଥମ ରାଉଣ୍ଡଟେବୁଲ ଆଲୋଚନା ଫାର୍ମାସେକ୍ଟର ଉପରେ ଆଧାରିତ ଥିଲା ଏବଂ ଆଠଟି ପ୍ରମୁଖ ଫାର୍ମା କମ୍ପାନୀ ସହିତ ଏହି ଆଲୋଚନା କରାଯାଇଥିଲା । ଦ୍ୱିତୀୟ ରାଉଣ୍ଡଟେବୁଲ ବୈଠକରେ ପ୍ରତିରକ୍ଷା କ୍ଷେତ୍ର ସମ୍ପର୍କିତ ୨୭ଟି କମ୍ପାନୀ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଫାର୍ମା ଏବଂ ପ୍ରତିରକ୍ଷା, ଏହି ଦୁଇଟି କ୍ଷେତ୍ର, ବର୍ତ୍ତମାନ ଓଡ଼ିଶାରେ ନଗଣ୍ୟ; ଏହି ଦୁଇଟି ରାଉଣ୍ଡଟେବୁଲ ଆଲୋଚନା ଦ୍ୱାରା ଏହି ଦୁଇଟି କ୍ଷେତ୍ରରେ ନିବେଶକଙ୍କୁ ଆକର୍ଷିତ କରାଯାଇଛି । ଦୁଇ ଦିନରେ ସେ ନିଜେ ୩୮ ଜଣ ଶିଳ୍ପପତିଙ୍କ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି ବୋଲି କହିଥିଲେ । ଏହି ବୈଠକରେ ଔଷଧ ଏବଂ ଚିକିତ୍ସା ଉପକରଣ, ପ୍ରତିରକ୍ଷା ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ଡାଟା ସେଣ୍ଟର, ବୟନ ଏବଂ ବୈଷୟିକ ବୟନ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକରେ ନିବେଶ ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା ।

ଏହି ଅବସରରେ ହାଇଦ୍ରାବାଦରେ ଅନୁଷ୍ଠିତ ଏକ ମେଗା ଓଡ଼ିଶା ନିବେଶକ ରୋଡଶୋ ୫୦୦ ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଂଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ । ଏହି ଆଲୋଚନା ଦ୍ୱାରା ଶିଳ୍ପପତିମାନେ ଓଡ଼ିଶାର ଶିଳ୍ପ ପରିବେଶ, ଭିତ୍ତିଭୂମି ଏବଂ ନୀତି-ଚାଳିତ ଅଭିବୃଦ୍ଧି ମଡେଲ ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ପାଇ ପାରିଥିଲେ ।

ମୁଖ୍ୟମନ୍ତ୍ରୀ ନିଜେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ପାଇଁ ତାଙ୍କର ଦୃଷ୍ଟିକୋଣ ଏବଂ ଉତ୍ପାଦନ ଓ ସେବା କ୍ଷେତ୍ରର ବିକାଶ ପାଇଁ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି । ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡିଶା ଅନୁଷ୍ଠିତ ହେବ । ଏହା ସହିତ କଲିକତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ୍ ହେବାର ଯୋଜନା ରହିଛି ।

ସେ କହିଥିଲେ ଯେ, ଓଡିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍‌ରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନ୍‌ରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି । ବହୁତ୍ ପୁରୁଣା ଆଇନ୍, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ, ସେଗୁଡିକ ସଂଶୋଧନ କରାଯାଇ, ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଇ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ । ସେ କହିଥିଲେ ଯେ ଆଗାମୀ ତିନି ମାସରେ ଆମର ମୁଖ୍ୟ ଫୋକସ ହେଉଛି ଯେଉଁ ସବୁ ପ୍ରସ୍ତାବ ଆସିଛି ତାକୁ ଯେପରି ବାସ୍ତବରେ ପରିଣତ କରାଯାଇ ପ୍ରକଳ୍ପ ଗୁଡିକୁ ଗ୍ରାଉଣ୍ଡିଙ୍ଗ କରାଯିବ । ପ୍ରକଳ୍ପ ଗୁଡିକ କ୍ଷୀପ୍ରଗତିରେ କାର୍ଯ୍ୟକାରୀ ହୋଇପାରିଲେ ନିବେଶକ ମାନଙ୍କ ଭରସା ଆହୁରି ବୃଦ୍ଧି ପାଇବ ବୋଲି ସେ କହିଥିଲେ । ଏହି ଗସ୍ତ ସମୟରେ, ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ହାଇଦ୍ରାବାଦରେ ଥିବା ପ୍ରତିରକ୍ଷା ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଭାରତ ଡାଇନାମିକ୍ସ ଲିମିଟେଡ୍ ମଧ୍ୟ ଗସ୍ତ କରିଥିଲେ । ଭାରତର ପ୍ରତିରକ୍ଷା ଏବଂ ମହାକାଶ ଉତ୍ପାଦନ ଇକୋସିଷ୍ଟମ ସହିତ ଓଡ଼ିଶାର ସମ୍ପର୍କକୁ ଆହୁରି ଗଭୀର କରିବା ଥିଲା ଏହି ଗସ୍ତର ଲକ୍ଷ୍ୟ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ମଧ୍ୟ ଡିଫେନ୍ସ ମାନୁଫାକ୍‌ଚରିଂ ଇକୋ-ସିଷ୍ଟମର ବିକାଶ କରାଯିବ । ଏଥିପାଇଁ ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍, ଦକ୍ଷ ମାନବ ସମ୍ବଳ ଓ ପ୍ରିସିସନ୍ ମାନୁଫାକଚରିଂ ଉପରେ ଗୁରୁତ୍ୱ ଦିଆଯିବ । ଓଡିଶାରେ ମିଜାଇଲ୍ କମ୍ପୋନେଣ୍ଟ ନିର୍ମାଣ ଉପରେ ପ୍ରସ୍ତୁତି କରାଯାଉଛି ବୋଲି ସେ କହିଥିଲେ ।

ଗସ୍ତ ସମୟରେ ତେରଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି । ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ । ଏହା ବ୍ୟତୀତ ୯ଟି ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ ମଧ୍ୟ ହୋଇଥିଲା । ଏହାଦ୍ୱାରା ୩୯,୧୩୧ କୋଟିର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି

ମୋଟ ଉପରେ, ହାଇଦ୍ରାବାଦ ରୋଡଶୋ ୬୬,୭୮୧ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ସୃଷ୍ଟି କରିଛି, ଯାହା ୫୬,୩୪୦ ନିଯୁକ୍ତି ସମ୍ଭାବନା ସହିତ ଏହାକୁ ଓଡ଼ିଶା ସରକାରଙ୍କ ନେତୃତ୍ୱରେ ସବୁଠାରୁ ସଫଳ ନିବେଶ ପ୍ରସାର କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ କରିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍କର୍ଷ ଓଡିଶା ୨୦୨୫ ପରଠାରୁ ବର୍ତ୍ତମାନ ସୁଦ୍ଧା ଓଡିଶାରେ ୪,୩୮,୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ଏହାଦ୍ୱାରା ୨,୫୫,୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ସେ ପୁଣି କହିଥିଲେ ଯେ ଗତ ୧୮ ମାସରେ ୨.୧୦ ଲକ୍ଷ କୋଟି ଟଙ୍କାର ଶିଳ୍ପପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ୧,୬୩,୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି । ଏହି ସମୟ ମଧ୍ୟରେ ଓଡିଶାରେ ଫାର୍ମା କନ୍‌କ୍ଲେଭ୍, ଟେକ୍ସଟାଇଲ୍ କନ୍‌କ୍ଲେଭ୍ ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଦିଲ୍ଲୀରେ ଅନୁଷ୍ଠିତ ସେମିକନ୍ କନ୍‌କ୍ଲେଭ୍‌ରେ ଓଡିଶା ଦୁଇଟି ଏମ୍‌ଓୟୁ କରିଥିଲା । ତେଣୁ, ଶିଳ୍ପାୟନ ପାଇଁ ନିୟମିତ ଭାବରେ ଆମର ଫୋକସ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବୈଠକରେ ଅଂଶଗ୍ରହଣ କରୁଥିବା ଶିଳ୍ପ ନେତାମାନେ ଓଡ଼ିଶାର ସ୍ପଷ୍ଟ ନୀତି, ଭିତ୍ତିଭୂମିରେ ଉନ୍ନତି, ଦାୟିତ୍ୱବାନ ଶାସନ ଏବଂ ସମସ୍ତ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଂପୃକ୍ତି ଯୋଗୁ ଓଡିଶା ଉପରେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ବୋଲି ମତ ଦେଇଥିଲେ । 'ଯେହେତୁ ସମସ୍ତ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଁ ବ୍ୟକ୍ତିଗତ ଭାବେ ମନିଟରିଂ କରୁଛି, ସେଥିପାଇଁ ଶିଳ୍ପପତିମାନେ ଓଡିଶା ପ୍ରତି ଖୁବ୍ ଉତ୍ସାହିତ ଅଛନ୍ତି' । ନିବେଶକ ମାନେ ବର୍ତ୍ତମାନ ଅନୁଭବ କରୁଛନ୍ତି ଯେ ଓଡିଶା ହେଉଛି ଆଗାମୀ ଦିନର ଭାରତର ଗ୍ରୋଥ୍ ଇଞ୍ଜିନ୍ । ଔଷଧ, ପ୍ରତିରକ୍ଷା, ଇଲେକ୍ଟ୍ରୋନିକ୍ସ, ନବୀକରଣୀୟ ଶକ୍ତି, ଆଇଟି, ବୟନଶିଳ୍ପ ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ନିବେଶକ ମାନଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି । ଏହା ଏକ ବହୁମୁଖୀ, ମୂଲ୍ୟଯୁକ୍ତ ଓ ନିଯୁକ୍ତି-ସୃଷ୍ଟିକାରୀ ଶିଳ୍ପ ଅର୍ଥନୀତି ଆଡ଼କୁ ଓଡ଼ିଶାର ପରିବର୍ତ୍ତନକୁ ପ୍ରତିଫଳିତ କରୁଛି ବୋଲି ସେ କହିଥିଲେ ।

ଉତ୍କର୍ଷ ଓଡ଼ିଶା ୨୦୨୫ ଗୋଟିଏ ବର୍ଷ ପୂରଣ କରିବାକୁ ନିକଟତର ହେଉଥିବାରୁ ହାଇଦ୍ରାବାଦ ଗସ୍ତର ସଫଳତା ଓଡ଼ିଶାର ଶିଳ୍ପ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସୃଷ୍ଟି କରିଛି । ଏହି ସମୟ ମଧ୍ୟରେ, ଏହି ପଦକ୍ଷେପ ନିବେଶକଙ୍କ ବିଶ୍ୱାସକୁ ବାସ୍ତବରେ ସୁଦୃଢ଼ କରିପାରିଛି । ନିବେଶ ଆକର୍ଷଣ, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ନିଯୁକ୍ତି ସୃଷ୍ଟିରେ ଅଭିବୃଦ୍ଧି ଏହାର ପ୍ରମାଣ ।

ସେ କହିଥିଲେ ଯେ, ଶିଳ୍ପ ବିକାଶରେ ଆମର ଅଭିପ୍ରାୟ ବାସ୍ତବରେ ରୂପାନ୍ତରିତ ହେଉଛି । ଏହି ସଫଳତା ହେଉଛି ତା'ର ପ୍ରମାଣ । ଓଡ଼ିଶାର ଅଭିବୃଦ୍ଧିର କାହାଣୀ ଉପରେ ନିବେଶକ ମାନଙ୍କ ବଢୁଥିବା ଆତ୍ମବିଶ୍ୱାସକୁ ଏହା ପ୍ରତିଫଳିତ କରୁଛି । ଏହି ଗସ୍ତର ସାରାଂଶକୁ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଳ୍ପ ଅଭିବୃଦ୍ଧି ପାଇଁ ଓଡ଼ିଶାର ମୂଳମନ୍ତ୍ର ହେଉଛି ଭରସା, ନିରନ୍ତର ପ୍ରୟାସ ଏବଂ ଦୀର୍ଘସ୍ଥାୟୀ ସହଭାଗୀତା ।

ଏହି ସାମ୍ବାଦିକ ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକଗଣ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ପହିଲାରୁ...

ମଟରଯାନ ବ୍ୟବହାରୀମାନେ ସର୍ବଦା ଗାଡିର ବୈଧ ପ୍ରଦୂଷଣ ପ୍ରମାଣପ୍ରତ ରଖନ୍ତୁ । ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁନାହିଁ । ପ୍ରମାଣପତ୍ର ନଥିଲେ ଇନ୍ଧନ ମନା ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ୧୫ ଦିନ ମଧ୍ୟରେ ବ୍ୟାପକ ସଚେତନତା କରାଯିବ । ପ୍ରଦୂଷଣ ପ୍ରମାଣପତ୍ର କେନ୍ଦ୍ରକୁ ଗାଡ଼ିରେ ଷ୍ଟିକର ଲଗାଇ ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଉଲ୍ଲେଖ କରିବେ । ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚର ଅନ୍ୟ ଦିଗଗୁଡ଼ିକ ସମ୍ପର୍କରେ ମଧ୍ୟ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଜନସାଧାରଣଙ୍କୁ ସଚେତନ କରାଯିବ । ରାସ୍ତାରେ ଚାଲୁଥିବା ବିଏସ୍-ଆଇଭି, ବିଏସ୍-ଭିଆଇ ସମେତ ସମସ୍ତ ପେଟ୍ରୋଲ, ଡିଜେଲ ମୋଟର ଯାନ ପାଇଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର ଆବଶ୍ୟକ । ମୋଟର ଯାନ ଆଇନ୍ ଅନୁଯାୟୀ ଏହାର ବୈଧତା ନିର୍ଦ୍ଧାରଣ କରାଯାଇଛି । ଟୋଲ୍‌ଗେଟ୍ ଗୁଡିକରେ ଇ-ଡିଟେକ୍ସନ୍ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି । ଆଜିର ବୈଠକରେ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଆଇଓସିଏଲ୍, ଏଚ୍‌ପିସିଏଲ୍, ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏସନର ସଭାପତି ସଞ୍ଜୟ ଲାଠ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆ...

ରାୟଗଡାରେ ବିସମକଟକ, ସମ୍ବଲପୁରରେ ବାମରା, ରେଙ୍ଗାଲୀ ଓ ସୁବର୍ଣ୍ଣପୁରରେ ବୀରମହାରାଜପୁର ନୂଆ ଏନଏସି ହେବ ବୋଲି ଚୂଡାନ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

## ବିହାରରୁ...

ପରେ ଜେଲ୍ ହାଜତ ପଠାଇ ଦିଆଯାଇଛି । ସେମାନଙ୍କଠାରୁ ସିବିଆଇ ତଦନ୍ତକାରୀ ଟିମ୍ ଯେଉଁ ତଥ୍ୟ ସଂଗ୍ରହ କରିଛି ତାହା ଗୁରୁତ୍ୱପୂର୍ଣ୍ଣ ତଥ୍ୟ । କାରଣ ଶଙ୍କର ଓ ସୁରେଶ ଘୋଟାଲାର ମାଷ୍ଟରମାଇଣ୍ଡ ଥିଲେ । ଆନ୍ତଃରାଜ୍ୟ ଲିଙ୍କ୍ ସ୍ପଷ୍ଟ ହେବା ପରେ ଗୁଜରାଟ ଆଇଟିଆଇ ଲିମିଟେଡ୍‌ର ଜଣେ କର୍ମକର୍ତ୍ତାଙ୍କୁ ଗିରଫ କରାଯାଇଥିବା ବେଳେ ଅମିତକୁ ମିଶାଇ ବିହାରରୁ ଦୁଇଜଣ ଗିରଫ ହେଲେଣି ।

ସୁରେଶ ସିଲିକନ୍ ଟେକ୍‌ର ନିର୍ଦ୍ଦେଶକ ଥିଲା । ଗୁଜରାଟର ଆଇଟିଆଇ ଲିମିଟେଡ୍‌କୁ ଓପିଆର୍‌ବି ଏସ୍‌ଆଇ ନିଯୁକ୍ତି ଟେଣ୍ଡର ଦେଇଥିବା ବେଳେ ସେହି ସଂସ୍ଥା ଓଡ଼ିଶାର ସିଲିକନ୍‌ଟେକ୍‌କୁ ସବ୍‌ଟେଣ୍ଡର ଦେଇଥିଲା । ସିଲିକନ୍ ଟେକ୍‌ର ନିର୍ଦ୍ଦେଶକ ସୁରେଶ ଶଙ୍କର ପୃଷ୍ଟିକୁ ପରୀକ୍ଷା ଓ ଏସ୍‌ଆଇ ପ୍ରାର୍ଥୀ ସଂଗ୍ରହ ଦାୟିତ୍ୱ ଦେବା ପରେ ସେ ଓଡ଼ିଶା ଓ ବାହାର ରାଜ୍ୟରେ ବହୁ ଏଜେଣ୍ଟ ନିଯୁକ୍ତ କରି ଆଶାୟୀଙ୍କୁ ସଂଗ୍ରହ କରିବା ସହ ସେମାନଙ୍କ ଠାରୁ ଟଙ୍କା ଓ ସାର୍ଟିଫିକେଟ୍ ସଂଗ୍ରହ କରୁଥିଲେ । ସେହିପରି ସାଗର ଦୀଘା ମଡ୍ୟୁଲର ଶଙ୍କର ଅଧୀନରେ କାମ କରୁଥିଲା । ସେ ମଧ୍ୟ ଅନୁରୂପ ଭାବେ ଆଶାୟୀ ପ୍ରାର୍ଥୀ ଓ ସେମାନଙ୍କ ଠାରୁ ଟଙ୍କା ସାର୍ଟିଫିକେଟ୍ ପ୍ରଭୃତି ସଂଗ୍ରହ କରୁଥିଲା ।

ଦଲାଲ ଓ ଆଶାୟୀଙ୍କୁ କ୍ରାଇମ୍‌ବ୍ରାଞ୍ଚ, ସିବିଆଇ ଗିରଫ କରିଥିବା ବେଳେ ଓପିଆର୍‌ବିର ଯେଉଁ ଅଫିସରଙ୍କ ସମେତ ଅନ୍ୟ ଆଇପିଏସ୍ ଘୋଟାଲାରେ ସମ୍ପୃକ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ ହେବ ବୋଲି ଚର୍ଚ୍ଚା ହେଉଛି । ବିହାରର ଅମିତକୁ ଘୋଟାଲା ଲିଙ୍କ୍‌ରେ ଗିରଫ କରାଯାଇଥିବା ବେଳେ ଅକ୍ଷୟ ନାମକ ଆଉ ଜଣେ ସିବିଆଇ ସ୍କାନରରେ ଥିବା ସୂଚନା ମିଳିଛି । ଦଲାଲଙ୍କୁ ପରିଚାଳନା କରୁଥିବା ଅଫିସରଙ୍କୁ ତଦନ୍ତ ପରିସରଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଗଲେ ସଠିକ୍ ରହସ୍ୟ ଉନ୍ମୋଚନ ହେବ ବୋଲି ମତପ୍ରକାଶ ପାଉଛି ।

# ଓଏମ୍‌ସି ବାର୍ଷିକ କ୍ରୀଡା ସମ୍ମିଳନୀ ୨୦୨୫

# ଖେଳ ମାଧ୍ୟମରେ ଏକତା ଓ ସୁସ୍ଥତାର ସନ୍ଦେଶ

ଭୁବନେଶ୍ୱର, (ସତ୍ୟ): ଓଡ଼ିଶା ମାଇନିଂ କର୍ପୋରେସନ୍ (ଓଏମସି) ର ତୃତୀୟ ବାର୍ଷିକ କ୍ରୀଡା ସମ୍ମିଳନୀ ୨୦୨୫ ଆରମ୍ଭ ହୋଇଛି । ଏହି ତିନି ଦିନିଆ କ୍ରୀଡା ମହୋତ୍ସବ ୨୨ ରୁ ୨୪ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍, ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ଏବଂ ଇଷ୍ଟ କୋଷ୍ଟ ରେଲୱେ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆୟୋଜିତ ହେଉଛି । ଏହି କ୍ରୀଡା ସମ୍ମିଳନୀକୁ ଓଏମସି ର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଖୋରା, ନିର୍ଦ୍ଦେଶକ (ଅପରେସନ୍ସ) ସବ୍ୟସାଚୀ ମହାନ୍ତି; ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ; ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣି, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଓ ଅଂଶଗ୍ରହଣକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଏହି କ୍ରୀଡା ସମ୍ମିଳନୀରେ ୫୫୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରୁଥିବା ବେଳେ ଦୌଡ଼ କୁଦ, ଲଙ୍ଗ ଜମ୍ପ, ଜାଭେଲିନ୍, ଟେବୁଲ୍ ଟେନିସ୍, ଭଲିବଲ୍ ଓ କ୍ରିକେଟ୍ ସହିତ ମୋଟ ୧୮ଟି କ୍ରୀଡା ପ୍ରତିଯୋଗିତା ହେଉଛି । ଏହା କର୍ମଚାରୀଙ୍କ ସୁସ୍ଥତା, ଦଳୀୟ ସହଯୋଗ ପ୍ରତି ଓଏମ୍‌ସିର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । କର୍ମଚାରୀଙ୍କୁ ସମ୍ବୋଧନ କରି ଶ୍ରୀ ସାମଲ କହିଥିଲେ ଯେ, "ଓଏମସି ବାର୍ଷିକ କ୍ରୀଡା ସମ୍ମିଳନୀ କେବଳ ଏକ ପ୍ରତିଯୋଗିତା ନୁହେଁ; ଏହା ଦଳଗତ ଭାବେ କାର୍ଯ୍ୟ କରିବା, ଶିଷ୍ଟାଚାର, ସହଭାଗିତାର ଏକ ଉତ୍ସବ । କ୍ରୀଡା ମାଧ୍ୟମରେ ଆମେ ସମସ୍ତେ ଏକ ପରିବାର ଭାବେ ଏକତ୍ରିତ ହେଉଛୁ । ଏକ ସଂଗଠନ ଭାବେ ଓଏମସି ରାଜ୍ୟ ତଥା ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି, ଏବଂ ଏପରି କାର୍ଯ୍ୟକ୍ରମଗୁଡ଼ିକ ଆମ ସଂଗଠନର ସଫଳତା ତଥା ଓଡ଼ିଶାର ବିକାଶକୁ ଆଗେଇ ନେବାରେ ସହାୟକ ହବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଉଜାଗର କରୁଥିବା ଏକ ସାଂସ୍କୃତିକ ପ୍ରଦର୍ଶନ ମଧ୍ୟ ହୋଇଥିଲା ।

# ଉଜ୍ଜିବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଇଭୋରୀର ଶୁଭାରମ୍ଭ

ଭୁବନେଶ୍ୱର (ସତ୍ୟ) : ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଇଭୋରୀର ଶୁଭାରମ୍ଭ କରାଯାଇଛି, ଯାହା ଭାରତର ଉଚ୍ଚ ଆୟ ବର୍ଗଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଏକ ବ୍ୟାଙ୍କିଂ କାର୍ଯ୍ୟକ୍ରମ । ଇଭୋରି ବ୍ୟକ୍ତିଗତ ସେବାକୁ ଜୀବନଶୈଳୀ ସୁବିଧା ସହିତ ମିଶ୍ରଣ କରିଛି, ଉନ୍ନତ କାରବାର କ୍ଷମତା, ବିଶ୍ୱସ୍ତରୀୟ ପ୍ରବେଶ ଏବଂ ପ୍ରମୁଖ ବ୍ୟାଙ୍କିଂ କାରବାର ଏବଂ ସେବାଗୁଡ଼ିକରେ ଶୂନ୍ୟ-ଶୁଳ୍କ ବ୍ୟାଙ୍କିଂ ପ୍ରଦାନ କରୁଛି । ଇଭୋରି ଗ୍ରାହକମାନଙ୍କୁ ସେମାନଙ୍କର ଜୀବନଶୈଳୀ ଆକାଂକ୍ଷା ସହିତ ସମନ୍ୱିତ ଆର୍ଥିକ ସମାଧାନ ଖୋଜୁଥିବା ସେବା ପ୍ରଦାନ କରେ । ଏହି ପ୍ରସ୍ତାବ ମନୋରଞ୍ଜନ ଏବଂ ଭୋଜନ ଲାଭ ସମେତ କ୍ୟୁରେଟେଡ୍ ଅଭିଜ୍ଞତା ସହିତ ଡିଜିଟାଲ୍ ବ୍ୟାଙ୍କିଂକୁ ସମନ୍ୱିତ କରିଛି ।

ଇଭୋରି ସଦସ୍ୟତା କ୍ଲବ ମାରିଅଟ ମାଧ୍ୟମରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳର ୩୫୦+ ପ୍ରିମିୟମ୍ ମାରିଅଟ୍ ସମ୍ପତିରେ ଭୋଜନ ଏବଂ ରହଣି ସୁବିଧା ପାଇଁ ସ୍ୱତନ୍ତ୍ର ପହଂଚ ପ୍ରଦାନ କରେ । ସଦସ୍ୟତାରେ ବିମାନବନ୍ଦର ଲାଉଞ୍ଜ ପ୍ରବେଶ, ବିଶ୍ୱସ୍ତରୀୟ ଗ୍ରହଣୀୟତା ଏବଂ ବର୍ଦ୍ଧିତ କାରବାର ସୀମା ସହିତ ଏକ ପ୍ରିମିୟମ୍ ମେଟାଲ ଡେବିଟ୍ କାର୍ଡ ଅନ୍ତର୍ଭୁକ୍ତ । ଗ୍ରାହକମାନେ ଏକ ବାର୍ଷିକ ଓଟିଟି ସବସ୍କ୍ରିପସନ୍, ତ୍ରୈମାସିକ ବୁକ୍ ମାଇ ଶୋ ଭାଉଚର୍ ଏବଂ ଯୋଗ୍ୟ କାରବାର ଉପରେ ଅତିରିକ୍ତ ପୁରସ୍କାର ପଏଣ୍ଟ ମଧ୍ୟ ପାଆନ୍ତି ।


OFFICE OF THE PRINCIPAL
KERANGA PANCHAYATA HIGHER SECONDARY SCHOOL
KERANGA, KHORDHA, PIN-752057
ESTD.- 1994
Email. : kpmahavidyalaya1994@gmail.com
Ref. No. 250/25 Date : 20/12/25

KERANGA PANCHAYAT HIGHER SECONDARY SCHOOL,
KERANGA, KHORDHA
No. 35/25 Dt. 20.12.25

WALK-IN-INTERVIEW

Wanted Guest faculty in Economics, interested candidates having minimum 55% marks and above in post graduation level may appear for walk in interview in the office of principal at 10 A.M. on Dt. 28.12.2025 with their biodata and all original certificates (No TA & DA will be admissiable)

Sd/- PRINCIPAL

ୟୁନିଅନ ବୈଙ୍କ Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର, ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୫, ଯୋଗାଯୋଗ ନଂ.: ୯୦୭୮୦୮୨୧୮୯
ନୂତନ ଶାଖା ପରିସର- ଏଗ୍ରି ଲୋନ୍ ପଏଣ୍ଟ (ଏ.ଏଲ୍.ପି.)ର ଆଭ୍ୟନ୍ତରୀଣ ସାଜସଜ୍ଜା କାର୍ଯ୍ୟ, ବୈଦ୍ୟୁତିକ (ଏୟାର କଣ୍ଡିସନର୍ ସହିତ) ଏବଂ ଡାଟା କେବଲିଂ କାର୍ଯ୍ୟ ନିମନ୍ତେ ଟେଣ୍ଡର
ବ୍ୟାଙ୍କର ପ୍ରସ୍ତାବିତ ଶାଖା ପରିସର- ଏଗ୍ରି ଲୋନ୍ ପଏଣ୍ଟ (ଏ.ଏଲ୍.ପି.), ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୫ ଠାରେ "ଆଭ୍ୟନ୍ତରୀଣ ସାଜସଜ୍ଜା କାର୍ଯ୍ୟ" ଏବଂ "ବୈଦ୍ୟୁତିକ (ଏୟାର କଣ୍ଡିସନର୍ ସହିତ) ଏବଂ ଡାଟା କେବଲିଂ କାର୍ଯ୍ୟ" ନିମନ୍ତେ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ତାଲିକାଭୁକ୍ତ ଠିକାଦାର/ବିକ୍ରେତାମାନଙ୍କ ଠାରୁ ଜରମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଉପରୋକ୍ତ ଠିକଣାରେ ଜରମୁଦଦିଆ ଟେଣ୍ଡର ପ୍ରାପ୍ତ ହେବାର ଅନ୍ତିମ ତାରିଖ: ୧୩.୦୧.୨୦୨୬ ଅପରାହ୍ନ ୦୪.୦୦ ଘଟିକା ସୁଦ୍ଧା । ଟେଣ୍ଡରଗୁଡ଼ିକ ତାରିଖ: ୧୫.୦୧.୨୦୨୬ ଅପରାହ୍ନ ୦୪.୩୦ ଘଟିକାରେ କ୍ଷେତ୍ରୀୟ କାର୍ଯ୍ୟାଳୟର ଉପରୋକ୍ତ ଠିକଣାରେ ଖୋଲାଯିବ । ଟେଣ୍ଡରର ସବିଶେଷ ବିବରଣୀ ନିମନ୍ତେ, ଠିକାଦାର/ବିକ୍ରେତାମାନେ, ଦୟାକରି ବ୍ୟାଙ୍କର ୱେବସାଇଟ୍ www.unionbankofindia.co.in / ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ eprocure.gov.in ଦେଖନ୍ତୁ । ଧାର୍ଯ୍ୟ ଫର୍ମାଟରେ ବିଡ୍ ଦାଖଲ ଆରମ୍ଭ ହେବାର ତାରିଖ: ୨୩.୧୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ । ଧାର୍ଯ୍ୟ ଫର୍ମାଟରେ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ: ୧୩.୦୧.୨୦୨୬ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ । ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ବିଡ୍‌କୁ ରଦ କରିବାର ଅଧିକାର ସଂରକ୍ଷିତ ରଖିଅଛି ।
ଉପ କ୍ଷେତ୍ରୀୟ ମୁଖ୍ୟ (ବ୍ୟବସାୟ ସଞ୍ଚାଳନ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁର

GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT
OFFICE OF THE SUPERINTENDING ENGINEER (AGRIL),
SOUTHERN ZONE, BRAHMAPUR, RITE CAMPUS,
RANGEILUNDA, GANJAM
L-142
No. 2378 Date. 19.12.2025
INVITATION FOR BIDS (IFB)
e-procurement notice
Bid identification number / Tender call notice no - SE (A) S/Z-03 of 2025- 26
The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil construction works (including IE and PH works) under Southern Zone. The costs of the project are approximately 56 to 82 Lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from 24.12.2025 at 11:00 hours to 12.01.2026 at 17:00 hours. The bid will be opened on 15.01.2026 at 15:00 hours onwards in the O/o Superintending Engineer (Agril.), Southern Zone, Brahmapur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.
Superintending Engineer (Agril.)
Southern Zone, Brahmapur
OIPR : 01043/11/0003/2526

GOVERNMENT OF ODISHA
OFFICE OF THE PANCHAYAT SAMITI,
TITILAGARH, BALANGIR
I-429
Email - ori-titilagarh@nic.in
INVITATION OF BIDS THROUGH e-Procurement
E-Tender Call Notice No. 01/TLG/2025-26.
Letter No. 3694 /dtd. 18 / 12 /2025
1. The BDO Titilagarh Block, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of Building work detailed in the table below from eligible contractors.
2. Nature of work : Civil Work (Building)
3. No of tender : 16 Nos. of Building Work
4. Tender cost : Rs. 6,000/- (Tender paper cost)
5. Class of Contractor : "D" and"C"(Registered With CDMS)
6. Date & Time of sale & Receipt of Bids : From Dt.26/12/2025 ,11.00 A.M to Dt. 11/01/2026 up to 5.00 P.M
7. Date of opening bid : Dt. 12/01/2026 at 11.00 A.M
8. The bidders have to participate in ONLINE bidding only. Further details can be seen from the website: http://tendersodisha.gov.in.
S/d- CHANDRAMANI NAG
B.D.O,Titilagarh
OIPR : 19301/11/0004/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER,
GANJAM (R&B) DIVISION NO.II, BERHAMPUR
Phone / Fax. 0680-2233996, e-mail-sernb2 ganjam@gmail.com
INVITATION FOR BIDS (IFB) (e-Procurement)
B-860
TENDER CALL NOTICE
Bid Identification No. SC (R&B)-GM-II-24/2025-26 No. Dated. 17.12.2025
1) The Superintending Engneer, Ganjam (R&B) Division No.II, Berhampur on behalf of Governor of Odisha invites percentage rate bid in single cover system to be received in ONLINE MODE only for the work as detailed below :
2) Nature of Work : Electrical Work
3) No. of work : 03 Nos.
4) Tender Cost : Rs. 6,000/-
5) Class of Contractor : HT of registered with the ELBO Authorized HT License.
6) Availability of bid documents in the website : From 24.12.2025 10.00 AM to 06.01.2026 4.00 P.M.
7) Date of opening of Bid : 07.01.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
(Sd/- S.Panigrahi)
Superintending Engineer
Ganjam (R&B) Division No.II
OIPR : 34080/11/0044/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER,
TELENGIRI CANAL DIVISION,
AMBAGUDA, DIST: KORAPUT.
A-1182
Email: setcdambaguda@gmail.com
e- Procurement Notice
Bid Identification No. SE-TCD-03/2025-26 Dated 20.12.2025
Bid Documents consisting of work, Estimated Cost, Cost of bid document, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.
1. Name of the Work : Civil Works
2. No. of Works : 01 No
3. Estimated Cost : 9.25 Lakhs
4. Period of completion : Two calendar months
5. Date & Time of Bidding : From 11.00 hours of 24.12.2025 Up to 17.30 hours of 05.01.2026
6. Last date & time for receipt of bids in portal : 05.01.2026 up to 17.30 hours.
7. Bids received online shall be opened on : 12.30 hours of 06.01.2026
8. Name and address of the officer inviting Bid : Superintending Engineer. Telengiri Canal Division.Ambaguda,
Further details can be seen from the www.tendersodisha.gov.in.
Addendum/Corrigendum/cancellation it any required will be published in Govt website only.
Sd/- Superintending Engineer,
Telengiri Canal Division Ambaguda
OIPR : 32434/11/0009/2526

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ: ଚଣ୍ଡିଖୋଲ
ଆଚାର୍ଯ୍ୟ ମାର୍କେଟ୍ କମ୍ପ୍ଲେକ୍ସ, ପୋ: ସୁକୁଦା, ଜିଲ୍ଲା: ଯାଜପୁର,
ପିନ୍-୭୫୪୨୯୬, ଇ-ମେଲ: rochandikhole@odishabank.in
ସୁନା ନିଲାମ ବିଜ୍ଞପ୍ତି
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ଜଣାଇଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ନିମ୍ନରେ ଦର୍ଶିତ ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ନିମ୍ନଦର୍ଶିତ ତାରିଖମାନଙ୍କରେ ଆମ ବ୍ୟାଙ୍କ ଶାଖା ପରିସର/ଆଞ୍ଚଳିକ କାର୍ଯ୍ୟାଳୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) |
|---|---|---|---|
| ଉଦରକୂଳ ଶାଖା, ଫୋନ୍.: ୯୭୭୬୯୨୭୬୬୬ / ନିଲାମ ତାରିଖ: ୦୭.୦୧.୨୦୨୬ ନିଲାମ ସ୍ଥାନ: ଉଦରକୂଳ ଶାଖା / ବକେୟା ଋଣ ପରିଶୋଧ ଅନ୍ତିମ ତାରିଖ: ୦୬.୦୧.୨୦୨୬ | | | |
| ୧ | ୪୦୫୮୧୩୦୪୦୦୦୬୧୧୮ | କ୍ଷଣପ୍ରଭା ବାରିକ, ସ୍ୱାମୀ: ଅନନ୍ତ କିଶୋର ବାରିକ, ସା: ଖନାହାଟ, ପୋ: ପ୍ରିତିପୁର, ଜିଲ୍ଲା: ଯାଜପୁର | ୯.୨୩୦ |
| ରାଜନଗର ଶାଖା, ଫୋନ୍.: ୯୮୬୧୨୮୦୫୭୭ / ନିଲାମ ତାରିଖ: ୦୭.୦୧.୨୦୨୬ ନିଲାମ ସ୍ଥାନ: ରାଜନଗର ଶାଖା / ବକେୟା ଋଣ ପରିଶୋଧ ଅନ୍ତିମ ତାରିଖ: ୦୬.୦୧.୨୦୨୬ | | | |
| ୧ | ୪୦୨୫୧୩୦୪୧୦୦୦୪୬୯ | ସୁମତୀ ବରାଳ, ସ୍ୱାମୀ: ମୃତ୍ୟୁଞ୍ଜୟ ବରାଳ, ସା: ଗଜରାଜପୁର, ବ୍ରହ୍ମଣସାହି, ପୋ: ବଡନାଲକଣା, ଜିଲ୍ଲା: କେନ୍ଦ୍ରାପଡା, ପିନ୍ - ୭୫୪୨୨୫ | ୧୭.୪୦୦ |
| ବିରଜା ଟେମ୍ପଲ ଶାଖା, ଫୋନ୍.: ୭୩୭୭୭୮୩୦୩୨ / ନିଲାମ ତାରିଖ: ୦୭.୦୧.୨୦୨୬ ନିଲାମ ସ୍ଥାନ: ବିରଜା ଟେମ୍ପଲ ଶାଖା / ବକେୟା ଋଣ ପରିଶୋଧ ଅନ୍ତିମ ତାରିଖ: ୦୬.୦୧.୨୦୨୬ | | | |
| ୧ | ୪୦୪୧୧୩୦୪୦୦୦୨୬୨୭ | ରବୀନ୍ଦ୍ର ଜେନା, ପିତା: ନାରାୟଣ ଜେନା, ସା: ଓରେଇ, ପୋ: ଓରେଇ, ଜିଲ୍ଲା: ଯାଜପୁର, ପିନ୍ - ୭୫୫୦୨୭ | ୭.୫୦୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ ।
୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର) ଅମାନତ ଆକାରରେ ଜମା ଦେବାକୁ ହେବ ।
୨. ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚକରିପାରିବେ ।
୩. ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ପୁନର୍ବାର ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪. ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫. ସର୍ବୋଚ୍ଚ ନିଲାମ ଡାକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ । ଏଥିପାଇଁ ବ୍ୟାଙ୍କ ୧୫ ଦିନ ସମୟ ନେବ ।
୬. ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ କରିପାରେ ।
୭. ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବାସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମାକରିଥିବା ଶତକଡା ୨୫ ଭାଗ ଟଙ୍କା ଓ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୮. ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା ଓ ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୯. ସଫଳ କ୍ରେତା ବୈଧାନିକ ଦେୟ, ଟିକସ, ଜିଏସ୍‌ଟି ଯାହା ପ୍ରଯୁଜ୍ୟ ତାହା ବହନ କରିବେ ।
୧୦. ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୧୧. ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।
ସ୍ଥାନ: ଚଣ୍ଡିଖୋଲ, ତାରିଖ : ୨୨.୧୨.୨୦୨୫ ଆଞ୍ଚଳିକ ପ୍ରବନ୍ଧକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

OFFICE OF THE CHIEF EXECUTIVE, RPRC, BHUBANESWAR
(e-mail Id: rprcbbsr@gmail.com)
Tel-(0674)-2557925
No-2113/2025/RPRC Date: 20.12.2025
REQUEST FOR PROPOSAL
MM-419
Bid Identification No. RPRC/ 44 / 2025-26
The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites RFP for "Selection of a Printing agency for Designing, Printing, Bindings and Supply of Books, Reports, Publications etc. to RPRC, Bhubaneswar"from eligible bidders though e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in / e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 20,000/- (online) | 6,000.00 (On line) | 20.12.2025/ 10.00 A.M. | 05.01.2026/ 10.00 A.M. | 05.01.2026/ 11.30 A.M. |

Addendum/ Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile-9355030613 and Jitesh Kumar, Mobile-9355030604, e-mail: eprochelpdesk.101@gmail.com
Sd/-Administrative Officer
RPRC, BHUBANESWAR
OIPR : 08004/11/0053/2526

A-1170
GOVERNMENT OF ODISHA,
DEPARTMENT OF WATER RESOURCES
Office of the Engineer-In-Chief, Water Resources,
Secha Sadan, Bhubaneswar
Email Address: cemech.eicwr.od@gmail.com
e-Procurement Notice- Bid Identification
No.- ( CEM/MDB-11/2025-26
1 Name of the Work : Mechanical Gate Works
2. No of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No : CEM/MDB-11/2025-26
5 Estimated Cost : Rs 30,03,989.93
6. Period of Completion : 60 calendar days.
7 Date & time of availability of bid documents in the Portal : From dt 24.12.2025 (10.00 AM) to dt.07.01.2026(5.30 PM)
8. Last date/ time for receipt of bid In the Portal : dt.07.01.2026 (up to 5.30 PM)
9 Date and Place of opening of Technical Bid : dt.08.01.2026 (12.00 Noon onwards in the O/O the undersigned)
10 Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11 Name of the Officer invibng bid : Chief Engineer. Mechanical, O/O the E.I.C. Water Resources, Odisha. Bhubaneswar
Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.
Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar
OIPR : 32520/11/0104/2526


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୬୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଓଡ଼ିଶା ଖାଦ୍ୟ ମହୋତ୍ସବ-୨୦୨୫ ଆଜିଠାରୁ

ଭୁବନେଶ୍ୱର, (ସବ୍ୟୁ): ଓଡିଆ ଖାଦ୍ୟ ସଂସ୍କୃତି ଓ ପରଂପରା ସମଗ୍ର ବିଶ୍ୱରେ ଅନନ୍ୟ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମାଟିରେ ଭିନ୍ନ ଭିନ୍ନ ପୌଷ୍ଟିକ ଓ ସ୍ୱାଦଯୁକ୍ତ ଆହାର ଓଡିଆଙ୍କ ଜୀବନଶୈଳୀର ଅଂଶବିଶେଷ । ଓଡିଆ ଖାଦ୍ୟର ପ୍ରଚାର ଓ ପ୍ରସାର ହେବା ନିହାତି ଆବଶ୍ୟକ ରହିଛି । ଏହି ଅବସରରେ ଆସନ୍ତା କାଲିଠାରୁ ଓଡିଶା ମାଟିର ଖାଦ୍ୟ ଏବଂ ଖାଦ୍ୟ ସଂପର୍କିତ ପ୍ରସଙ୍ଗକୁ ନେଇ ରାଜଧାନୀ ଭୁବନେଶ୍ୱର ଖାରବେଳନଗରସ୍ଥିତ ପ୍ରଦର୍ଶନୀ ପଡିଆରେ ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଯାଉଛି । ଏହି ମହୋତ୍ସବରେ ୧୦୦ ରୁ ଉର୍ଦ୍ଧ୍ୱ ଖାଦ୍ୟ ପ୍ରସ୍ତୁତିକାରୀ ସଂସ୍ଥାମାନେ ଖାଦ୍ୟ ପ୍ରଦର୍ଶନ କରିବେ । ଆସନ୍ତା କାଲିଠାରୁ ଆରମ୍ଭ ହେବାକୁ ଥିବା ଓଡିଶା ଖାଦ୍ୟର ମହାକୁମ୍ଭ ତଥା ଓଡିଶା ଖାଦ୍ୟ ମହୋତ୍ସବ - ୨୦୨୫ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା କାଲି ସଂନ୍ଧ୍ୟାରେ ଏହି ମହୋତ୍ସବର ଉଦଘାଟନ ହେବ । ଆସନ୍ତା ୨୪ ତାରିଖରୁ ପ୍ରତିଦିନ ସକାଳ ୧୦ ଟାରୁ ଆରମ୍ଭ ରାତ୍ର ୧୦ ଟା ପର୍ଯ୍ୟନ୍ତ ସାଧାରଣ ଜନତା ଏହି ଖାଦ୍ୟ ମହୋତ୍ସବକୁ ଆସି ଓଡିଆ ଖାଦ୍ୟ ସମେତ ବିଭିନ୍ନ



ଖାଦ୍ୟ ସଂପର୍କିତ ପ୍ରତିଯୋଗିତା, ଆଲୋଚନାଚକ୍ରରେ ଭାଗ ନେବା ସହିତ ସଂନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିପାରିବେ । ପିଠାମିଠା ଭାରି ସୁଆଦିଆ, ସଜଡା ଭୋଗଥାଳି, ଆମିଷ ରୋଷେଇ, ନିରାମିଷ ରୋଷେଇ, ଡେଇଁ ଡେଇଁ ଖାଇବା, ବିନା ନିଆଁରେ ଖାଦ୍ୟ ପ୍ରସ୍ତୁତି, ଚିତ୍ରରେ ଖାଦ୍ୟ, ବିଲୁପ୍ତ ଖାଦ୍ୟ, ପୁନଃ ବ୍ୟବହାରଯୋଗ୍ୟ ଖାଦ୍ୟ, ଘର ରୋଷେଇ ରାଣୀ / ରାଜା, ଶୁଂଘିବା / ଛୁଇଁବା / କହିବା ଭଳି ପ୍ରତିଯୋଗିତା ଆୟୋଜନ ହେବ । ସେହିଭଳି ପ୍ରତିଦିନ ପୂର୍ବାହ୍ନରେ ଓଡିଆ ଖାଦ୍ୟର ଐତିହ୍ୟ, ପୋଷଣ ଓ ପାକଶାସ୍ତ୍ରୀୟ ପରଂପରାକୁ ନେଇ ଖାଦ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହି ଆଲୋଚନାଚକ୍ରରେ ଖାଦ୍ୟ, ଖାଦକ, ଖାଦ୍ୟ ବିଶେଷଜ୍ଞ ଓ ଶିକ୍ଷାନୁଷ୍ଠାନମାନଙ୍କୁ ନେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସେହିପରି ପ୍ରତିଦିନ ସଂନ୍ଧ୍ୟାରେ ଓଡିଶାର ସୁନାମଧନ୍ୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ସଂକ୍ଷେପରେ କହିଲେ, ଓଡ଼ିଶାର ପ୍ରଚୀନ ତଥା ପାରମ୍ପରିକ ଖାଦ୍ୟକୁ ପୁନଃ ଜାଗରଣ କରିବା ଲକ୍ଷ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବିଭିନ୍ନ ଖାଦ୍ୟ ବିଶେଷଜ୍ଞଙ୍କ ସହିତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପସରା ଖୋଲିବ ବୋଲି ବିଶ୍ୱ ଓଡିଆ ପରିବାରର ଅଧ୍ୟକ୍ଷ ଶ୍ରୀ ସଜ୍ଜନ ଶର୍ମା କହିଛନ୍ତି । ଓଡିଶାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ଖାଦ୍ୟ ମହୋତ୍ସବକୁ ଆସି ରାଜଧାନୀବାସୀଙ୍କ ସମେତ ଓଡିଶାବାସୀ ଖାଦ୍ୟ ସମୂହର ଆନନ୍ଦ ନେବା ସହିତ ଉପଭୋଗ କରିବାକୁ ଶ୍ରୀ ଶର୍ମା ନିବେଦନ କରିଛନ୍ତି । ସେହିପରି ଏହି କାର୍ଯ୍ୟକ୍ରମର ସୁପ୍ରଚାର ଓ ସୁପ୍ରସାର ପାଇଁ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି ଶ୍ରୀ ଶର୍ମା କହିଛନ୍ତି ।

### ଟିପିଡିଓସିଏଲ୍‌ର ମନମାନୀ ଯୋଗୁଁ ବିଦ୍ୟୁତ ଉପଭୋକ୍ତାଙ୍କ ମୁଣ୍ଡରେ ଚଡକ

# ଉପଭୋକ୍ତା ମହାସଂଘ ତରଫରୁ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ

ଜଟଣୀ (ସବ୍ୟୁ): ଜଟଣୀ ବିଦ୍ୟୁତ ଉପଭୋକ୍ତା ମହାସଂଘ ତରଫରୁ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ଉପ-ବିଭାଗୀୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ମୁତାବକ ଭାରତ ସରକାର ଦେଶର ଜନସାଧାରଣଙ୍କ ଚାଲିଚଳନ ସୁବିଧା ନିମନ୍ତେ ଉପଭୋକ୍ତାଙ୍କୁ ଆଲୋକୀ କରଣ ପାଇଁ ଅନାୟାସରେ ବିନା ଦ୍ୱିଧାରେ ସଂଯୋଗୀ କରଣର ଭାର ଟାଟା ପାୱାର ବିଭାଗକୁ ହସ୍ତାନ୍ତର କରିଛନ୍ତି । କିନ୍ତୁ ବିଦ୍ୟୁତ ବିଭାଗ ଉପରେ ସରକାରଙ୍କ କୌଣସି ଅଙ୍କୁଶ ନ ଲଗାଇବା ଫଳରେ ଟାଟା ପାୱାର ବିଦ୍ୟୁତ ବିଭାଗ ମନଇଛା କର ଲଗାଇ ସାଧାରଣ ଲୋକଙ୍କ ଉପରେ ବୋଝ ଉପରେ ଲଳିତା ବିଡା ସଦୃଶ କାର୍ଯ୍ୟ କରି ଚାଲିଛି । ଏହାରି ବିରୁଦ୍ଧରେ ଜଟଣୀ ବିଦ୍ୟୁତ ଉପୋଭୋକ୍ତା ମହାସଂଘ ତରଫରୁ ସ୍ଥାନୀୟ ବିଦ୍ୟୁତ ବିଭାଗର ଉପ ବିଭାଗୀୟ ଅଧିକାରୀଙ୍କୁ ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟାର




ସମାଧାନ ପାଇଁ ଏକ ଦାବିପତ୍ର ପ୍ରଧାନ ପ୍ରଦାନ କରାଯାଇଛି । ଏହି ଦାବି ପତ୍ରରେ ଉଲ୍ଲେଖ ଅନୁଯାଇ ଜଟଣୀ ଅଞ୍ଚଳର ସମସ୍ତ ବିଦ୍ୟୁତ ଉପଭୋକ୍ତା ନୂତନ ବିଦ୍ୟୁତ୍ ସଂଯୋଗ ଗ୍ରହଣ ସମୟରେ ନିୟମାନୁସାରେ ନିର୍ଦ୍ଧାରିତ ଅଗ୍ରିମ ବନ୍ଧକ ଜମା (ଏସ. ଡି) ପୂର୍ବରୁ ହିଁ ଜମା କରିଥାନ୍ତି । ଏହି ଅଗ୍ରିମ ବନ୍ଧକ ଜମା ଟଙ୍କାର ଉଦ୍ଦେଶ୍ୟ ହେଉଛି ବିଦ୍ୟୁତ୍ ବିଲ୍ ପରିଶୋଧ ସମ୍ପର୍କିତ ଆର୍ଥିକ ଝୁମକିକୁ ସୁରକ୍ଷା ପ୍ରଦାନ କରିବା । ତଥାପି କୌଣସି ବିଲ୍ ଡିଫଲ୍ଟ ଅନିୟମିତତା ବା ଅସାଧାରଣ ବିଦ୍ୟୁତ୍ ବକେୟା ନଥିବା ସତ୍ତ୍ୱେ, ଟିପି. ଡିଓ. ସିଆଲ ଦ୍ୱାରା ପୁନର୍ବାର ଅତିରିକ୍ତ ବନ୍ଧକ ଜମା(ଏ. ଏସ. ଡି) ଆଦାୟ କରାଯାଉଛି, ଯାହା ସ୍ପଷ୍ଟ ଭାବରେ ଅନ୍ୟାୟ, ଇଚ୍ଛାଧୀନ ଓ ଆଇନବିରୋଧୀ । ପୂର୍ବରୁ ପର୍ଯ୍ୟାପ୍ତ ଅଗ୍ରିମ ବନ୍ଧକ ଜମା ରହିଥିବା ସ୍ଥିତିରେ (ଏ. ଏସ. ଡି) ଆଦାୟ କରିବା ମାନେ ଉପଭୋକ୍ତାମାନଙ୍କ ଉପରେ ଦ୍ୱିତୀୟଥର ଅନାବଶ୍ୟକ ଆର୍ଥିକ ଭାର ଲଦାଯିବା ସମାନ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ବିଜୟ ଛୋଟରାୟ, ପ୍ରଶାନ୍ତ ବେହେରା, ଜିଲ୍ଲା ବିଜେଡ଼ି ସମ୍ପାଦକ ଅନନ୍ତ ଶତପଥୀ, ଜଟଣୀ ବାର ଆସୋସିଏସନ ସମ୍ପାଦକ ସୁଶାନ୍ତ ସୁବୁଦ୍ଧି, ଆଇନଜୀବୀ ଶିବୁ ରଥ,ଅରୁଣ କୁମାର ମହାନ୍ତି, କାଉନସିଲର ବିଷ୍ଣୁ କୁମାର ସାହୁ,ସମାଜସେବୀ ରମେଶଚନ୍ଦ୍ର ଦାସ, ଶିବପ୍ରସାଦ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ପୁଣେରେ ଓଡ଼ିଆ ସମାଜସେବୀଙ୍କ ଦେହାନ୍ତ



ଭୁବନେଶ୍ୱର, (ସ. ବ୍ୟୁ )ପୁଣେର ଶିଳନେଠାରେ ଓଡ଼ିଆ ସମାଜସେବୀ ଶୈଳବାଳା ବିଜୟ ରାୟଙ୍କ ଗତ ୨୦ ତାରିଖରେ ଦେହାନ୍ତ ହୋଇ ଯାଇଛି. ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ତାଙ୍କର ମଧ୍ୟମ ପୁତ୍ର ସୁନୀଲ ସେଠାରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ କରିଥିଲେ । ତାଙ୍କର ଜ୍ୟେଷ୍ଠ ପୁତ୍ର ବିରଜା ଅନ୍ୟ ତିନି କନ୍ୟା ପେମୀ, ନିନି ଓଡ଼ିଆ ବୁଇ ଅଛନ୍ତି । ପୁଣେର ଶୈଳବାଳା ଶିକ୍ଷା ଟ୍ରଷ୍ଟ ଓଡ଼ିଆ ସ୍ୱତନ୍ତ୍ର ଶିଶୁ ବିଦ୍ୟା ମନ୍ଦିରର ସେ ପ୍ରତିଷ୍ଠାତା ଥିଲେ । ତାଙ୍କ ପତି ବିଜୟ ରାୟଙ୍କର ୧୯୮୪ରେ ଦେହାନ୍ତ ହୋଇଥିଲା । ତାଙ୍କ ନିଜ ଘର ଭଦ୍ରକ ଆନ୍ତର୍ଗତ ଭୂୟାଁଉଆସ ଗାଁ ରେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

### ସ୍ୱାସ୍ଥ୍ୟ ସମ୍ପର୍କିତ ସମୀକ୍ଷା ବୈଠକ

## ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ଚିହ୍ନଟ କରୁଥିବା ଡ଼ାକ୍ତର ଓ ହସ୍ପିଟାଲ୍ ଉପରେ ତୀକ୍ଷ୍ଣଦୃଷ୍ଟି

କଟକ ,(ସବ୍ୟୁ):ପି.ସି. ଏବଂ ପି.ଏନ.ଡି.ଟି ୧୯୯୪(ଲିଙ୍ଗ ଚୟନ ନିଷେଧ) ଅଧିନିୟମ ଅନୁଯାୟୀ ଗର୍ଭସ୍ଥ ଶିଶୁର ଲିଙ୍ଗ ଚୟନ ନିଷେଧ କରିବା ଉପରେ ଉପଦେଷ୍ଟା କମିଟିର ଏକ ବୈଠକ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ନିୟମର କଡାକଡି ପାଳନ, ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ଚିହ୍ନଟ କରୁଥିବା ଡାକ୍ତର ଏବଂ ଡାକ୍ତରଖାନା ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଏବଂ ଏହି ଆଇନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଏଥିସହ ବୈଜ୍ଞାନିକ ଓ ଯାନ୍ତ୍ରିକ କୌଶଳର ଅପବ୍ୟବହାର କରି ଚୋରା ଓ ଲୁଚା ଛପାରେ ଲିଙ୍ଗ ନିରୁପଣ କରାଯାଉଥିବା କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଆବଶ୍ୟକସ୍ଥଳେ ଜିଲ୍ଲାର ନର୍ସିଂହୋମଗୁଡିକ ଉପରେ ଚଢ଼ାଉ କରିବା ତଥା ଅଲଟ୍ରାସାଉଣ୍ଡ ୟୁନିଟ ଗୁଡିକୁ ପରିଦର୍ଶନ କରିବା ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବାଙ୍କୀ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ ସୁବିଧା ଉପଲବଧ ହେଉଥିବାବେଳେ ଆସନ୍ତା ୩ ମାସ ମଧ୍ୟରେ ତିଗିରିଆ, ନିଆଳି ଓ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲଟ୍ରାସାଉଣ୍ଡ ସୁବିଧା ଉପଲବଧ ହେବ ।

ଏଥିସହ ଆଜି ଜିଲ୍ଲା ଟିବି ଫୋରମ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର ସମ୍ପର୍କରେ ମଧ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଅଧିକରୁ ଅଧିକ ଲୋକ କିଭଳି ସଠିକ ସମୟରେ ଯାଂଚ କରି ଯକ୍ଷ୍ମା ରୋଗର ନିଦାନ ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବର୍ତମାନ ଜିଲ୍ଲାରେ ପ୍ରତି ଏକ ହଜାର ଯକ୍ଷ୍ମା ରୋଗୀଙ୍କ ମଧ୍ୟରେ ମୃତ୍ୟୁ ହାର ୪.୩୭ ପ୍ରତିଶତ ଥିବାବେଳେ ଆସନ୍ତା ଏକ ବର୍ଷ ମଧ୍ୟରେ ଜିଲ୍ଲାରେ ଯକ୍ଷ୍ମା ମୃତ୍ୟୁ ହାର ୩ ପ୍ରତିଶତକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରୁଥିବା ତିନିଜଣ ନିକ୍ଷୟ ମିତ୍ରଙ୍କୁ ବୈଠକରେ ପୁରସ୍କୃତ କରାଯାଇଥିଲା । ଏଥିସହ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ଦିଗରେ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କର ଗୁରୁ ଦାୟିତ୍ୱ ରହିଥିବାରୁ ସେମାନେ ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କୁ ସରକାରୀ ଡାକ୍ତରଖାନାରେ ନେଇ ଉପଲବଧ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ବୈଠକରେ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ ଅଧିକାରୀ, ବିଭିନ୍ନ ଅଧିକାରୀ ଓ ଏନଜିଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଗିଫ୍ଟ ସ୍ୱୟଂ ଶାସିତ କଲେଜରେ ଆଲୁମିନି ମିଟ୍




ଭୁବନେଶ୍ୱର, (ସବ୍ୟୁ): ଗିଫଟ୍ ସ୍ୱୟଂ ଶାସିତ କଲେଜରେ ୧୫ତମ ଆଲୁମିନି ମିଟ୍ ଗାମେକ୍ସ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବେଙ୍ଗାଲୁର, ଦିଲ୍ଲୀ, ମୁମ୍ବାଇ, ନାଗପୁର, ହାଇଦ୍ରାବାଦ, କୋଲକାତା, ଚେନ୍ନାଇ ଓ ଭୁବନେଶ୍ୱରର ବିଭିନ୍ନ ସେକଟରରେ ନିଯୁକ୍ତି ପାଇଥିବା ଗିଫଟ୍ୟାନ ମାନେ ଯୋଗ ଦେଇଥିଲେ । ଏହି ସମାରୋହରେ ଗିଫଟର ଭାଇସ ଚେୟାରମ୍ୟାନ ଡଃ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡଃ ତ୍ରିଲୋଚନ ସାହୁ, ଓଏସ୍‌ଡ଼ି ଇଂ ସମୀର ରଞ୍ଜନ ପଣ୍ଡା, ଷ୍ଟୁଡେଣ୍ଟ ଓ୍ୱେଲଫେୟାର ପ୍ର. ସୌମେନ୍ଦ୍ର ବେହେରା, କାର୍ଯ୍ୟକ୍ରମର ଉପଦେଷ୍ଟା ପ୍ରଫେସର ସୁଚିତ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପ୍ରଫେସର ଜଗନ୍ନାଥ ରାୟ ପରିଚାଳନା କରିଥିବାବେଳେ ପ୍ରଫେସର ସୁଚିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମନରେଗା ଯୋଜନାର ନାମ ପରିବର୍ତ୍ତନ ପ୍ରତିବାଦରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ

ପୁରୀ, (ସବ୍ୟୁ): ମନରେଗା ଯୋଜନାର ନାମ ପରିବର୍ତ୍ତନ ପ୍ରତିବାଦରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ କରା ଯାଇଛି । କଂଗ୍ରେସ କମିଟି ପକ୍ଷରୁ ପୁରୀ ଗାନ୍ଧୀ ସ୍ମୃତି ପିଠରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଏକ ନିରବ ପ୍ରାର୍ଥନା କରା ଯାଇ ଧାରଣା ଦିଆ ଯାଇ ଥିଲା । ଏହା ପରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ, ପୁରୀଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଆଜକୁ ୨୦ ବର୍ଷ ହେବ ତତ୍କାଳୀନ କଂଗ୍ରେସ ସରକାର ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ଯୁଗାନ୍ତକାରୀ ଜନହିତକାରୀ ଯୋଜନା "ମନରେଗା" ମହାତ୍ମାଗାନ୍ଧୀ ନିଶ୍ଚିତ ରୋଜଗାର ଯୋଜନା ଯାହା ଗ୍ରାମାଞ୍ଚଳରେ ପ୍ରତ୍ୟେକ ଅଧିବାସୀଙ୍କୁ କାମ ବଦଳରେ ଅର୍ଥର ଗ୍ୟାରେଣ୍ଟି ଦେଇଥିଲା । ଏହି ଆଇନ୍ ଦ୍ୱାରା ଭାରତୀୟ ଗ୍ରାମ ଗୁଡ଼ିକ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଗୁଡିକରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହେବା ସମ୍ଭବ ହୋଇପାରିଥିଲା । ଯାହା ଫଳରେ ଗ୍ରାମୀଣ ଲୋକଙ୍କର ମଧ୍ୟ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇଥିଲା । ବାସ୍ତବରେ ଏହି ଯୋଜନା ମହାତ୍ମା ଗାନ୍ଧୀଙ୍କ ଗ୍ରାମୀଣ ଭାରତ ଅର୍ଥନୀତି ପରିକଳ୍ପନାକୁ ବାସ୍ତବ ରୂପ ଦିଆଯାଇଥିଲା । ଯାହା କେବଳ ଗାନ୍ଧୀଙ୍କ ପ୍ରତି ଅପମାନ ନୁହେଁ ଏହା ଭାରତର ସମସ୍ତ ଶ୍ରମିକ, ଅବହେଳିତ, ଆଦିବାସୀ, ତଥା ଅର୍ଥନୈତିକ ପଛୁଆବର୍ଗଙ୍କ ପ୍ରତି ବି ଶ୍ୱାସଘାତକତା ଅଟେ । କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ, ଉତ୍ତମ ଆଚାର୍ଯ୍ୟ, ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସମହାପାତ୍ର, ପିସିସି ସଂପାଦିକା ତଥା ପୁରୀ ଜିଲ୍ଲା ପ୍ରଭାରୀ ଶିଳ୍ପିଶ୍ରୀ ହରିଚନ୍ଦନ, ସରସ୍ୱତୀ ପାତ୍ର, ବିଶ୍ୱନାଥ ଦାଶଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସବିସି) ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଛନ୍ତି । ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟକାଳ ଗତ ଜାନୁଆରୀ ୩, ୨୦୨୪ରେ ଶେଷ ହୋଇସାରିଛି ଏବଂ ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ । ଓଡ଼ିଶା ରାଜ୍ୟର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧୭ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି । ଆୟୋଗ କାର୍ଯ୍ୟକ୍ଷମ ନଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଏବଂ କଲ୍ୟାଣକାରୀ ଯୋଜନାର



ସୁଫଳ ପାଇବାରେ ବହୁବିଧ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାମ୍ବିଧାନିକ ମଞ୍ଚରୁ ବଞ୍ଚିତ ହେଉଛନ୍ତି । ନୂତନ ଜାତିକୁ ଏସଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସବିସିଙ୍କ ମୁଖ୍ୟ ଭୂମିକା ରହିଛି । ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ, ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି । ତେଣୁ ରାଜ୍ୟରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଏବଂ ପଛୁଆ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନର ଶୀଘ୍ର ପୁନର୍ଗଠନ ଏକାନ୍ତ ଆବଶ୍ୟକ । ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗର ପୁନର୍ଗଠନ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।

### ଭୁବନେଶ୍ୱର ସରକାରୀ ଆୟୁର୍ବେଦିକ ହସ୍ପିଟାଲରେ

# ନିଦାନ' ଡାୟାଗ୍ନୋଷ୍ଟିକ ବିଭାଗର ଉଦ୍‌ଘାଟନ

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ସରକାରୀ ଆୟୁର୍ବେଦିକ ହସ୍ପିଟାଲରେ 'ନିଦାନ' ନାମକ ଏକ ନୂତନ ଡାୟାଗ୍ନୋଷ୍ଟିକ ବିଭାଗ ଆଜି ଉଦଘାଟିତ ହୋଇଛି । ଏହି ବିଭାଗ ମାଧ୍ୟମରେ ରୋଗୀମାନଙ୍କୁ ହସ୍ପିଟାଲ ମଧ୍ୟରେ ମାଗଣା ପୋଥୋଲୋଜି ପରୀକ୍ଷା ସେବା



ପ୍ରଦାନ କରାଯିବ । ଏହି ବିଭାଗର ମୁଖ୍ୟ ଲକ୍ଷ୍ୟ ହେଉଛି ସଠିକ ରୋଗ ନିର୍ଣ୍ଣୟ, ସମୟୋପଯୋଗୀ ରିପୋର୍ଟ ପ୍ରଦାନ ଏବଂ ସମନ୍ୱିତ ଆୟୁର୍ବେଦିକ ଚିକିତ୍ସା ସୁନିଶ୍ଚିତ କରିବା, ଯାହା ଫଳରେ ବାହ୍ୟ ପରୀକ୍ଷାର ଉପରେ ନିର୍ଭରଶୀଳତା କମିବ । ଏହି ଅବସରରେ କଥା ରଖି, ବିଧାୟକ ବାବୁ ସିଂହ କହିଥିଲେ ଯେ ନିଦାନ ଅର୍ଥାତ୍ ରୋଗ ନିର୍ଣ୍ଣୟ ହେଉଛି କାର୍ଯ୍ୟକାରୀ ସ୍ୱାସ୍ଥ୍ୟସେବାର ମୂଳ ଆଧାର । ସେ ଆୟୁର୍ବେଦିକ ସିଦ୍ଧାନ୍ତ ସହ ଆଧୁନିକ ଡାୟାଗ୍ନୋଷ୍ଟିକ ସୁବିଧାକୁ ସମନ୍ୱୟ କରିଥିବା ପାଇଁ ହସ୍ପିଟାଲକୁ ପ୍ରଶଂସା କରିଥିଲେ । ଏହି ପଦକ୍ଷେପ ମାଧ୍ୟମରେ ରୋଗୀମାନେ ଏକ ଛାତତଳେରାସ୍ତା, ସୁଲଭ ଏବଂ ଭରସାଯୋଗ୍ୟ ପରୀକ୍ଷା ସେବାର ଲାଭ ପାଇବେ । ଆୟୁଷ ଉପନିର୍ଦ୍ଦେଶକ ଡ. ବନ୍ଦିତା ମିଶ୍ର ସ୍ଥାନୀୟ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ପାଇଁ ଆୟୁର୍ବେଦିକ ଚିକିତ୍ସା ଓ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟସେବାର ବୃଦ୍ଧିଶୀଳ ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ଆୟୁର୍ବେଦ କେବଳ ରୋଗ ନିରାମୟରେ ନୁହେଁ, ବରଂ ଶୀଘ୍ର ରୋଗ ନିର୍ଣ୍ଣୟ ଓ ଜୀବନଶୈଳୀ ଆଧାରିତ ପଦ୍ଧତି ମାଧ୍ୟମରେ ରୋଗ ପ୍ରତିରୋଧରେ ମଧ୍ୟଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ । ଏପରି ଉତ୍କୃଷ୍ଟ ପଦକ୍ଷେପ ଗ୍ରହଣ କରିଥିବା ପାଇଁ ସେ ଆୟୁଷ ବିଭାଗକୁ ପ୍ରଶଂସା କରି ସମ୍ପୂର୍ଣ୍ଣ ସହଯୋଗ ଦେବାର ଆଶ୍ୱାସନ ଦେଇଥିଲେ ଏବଂ କହିଥିଲେ ଯେ ଏହା ସରକାରଙ୍କ ପାରମ୍ପରିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରତି ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରେ ।

ଭୁବନେଶ୍ୱର ସରକାର ଆୟୁର୍ବେଦିକ ହସ୍ପିଟାଲର ଉପ ଅଧୀକ୍ଷକ ଡା. ଚିତ୍ତରଞ୍ଜନ ବେହେରା ସମସ୍ତ ଅତିଥିବୃନ୍ଦ, ଡାକ୍ତର ପାରାମେଡିକାଲ କର୍ମଚାରୀ ଏବଂ ହସ୍ପିଟାଲ କର୍ମଚାରୀଙ୍କୁ ତାଙ୍କର ନିଷ୍ଠାପୂର୍ଣ୍ଣ ସହଯୋଗ ଓ ବିଶେଷ ପ୍ରୟାସ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ । ସେ ଆଶା ବ୍ୟକ୍ତ କରିଥିଲେ ଯେ


## ଜମି ହଡ଼ପ, ଜାଲିଆତି ଅଭିଯୋଗରେ ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ) : ବହୁ ମୂଲ୍ୟବାନ ଭୂସମ୍ପତ୍ତି ହଡ଼ପ କରିବା ଉଦ୍ଦେଶ୍ୟରେ ଯୋଜନା ମୁତାବକ ଅପରାଧ ରଚିବା । ଜଣେ ମୃତ ବ୍ୟକ୍ତିଙ୍କ ନାମରେ ଅନ୍ୟ ଜଣେ ନକଲି ବ୍ୟକ୍ତିକୁ ସବରେଜିଷ୍ଟ୍ରାର ଅଫିସରେ ଛିଡା କରାଇବା ଜମି ମାଲିକ ବୋଲି ଚିହ୍ନଟ କରିବା । ଭୂସମ୍ପତ୍ତି ହଡ଼ପ କରିବା ପାଇଁ ଜାଲିଆତି କରି ନିଜ ପତ୍ନୀଙ୍କ ନାମରେ ଜମି କ୍ରୟ ବିକ୍ରୟ କବଲା କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ସୋମବାର ଦିନ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇ ଥିବା ଠକ ଅଭିଯୁକ୍ତର ପରିଚୟ ହେଲା ସୂର୍ଯ୍ୟକାନ୍ତ ସାହୁ । ତାର ଘର ଟାଉନ ଥାନା ଅନ୍ତର୍ଗତ କାଳିକା ଦେବୀ ସାହି, ଦକ୍ଷିଣକାଳୀ ଲେନ୍ ଅଟେ । ଟାଉନ ଥାନା ଆଇଆଇସି ଗୋକୁଳ ଗଂଜନ ଦାସଙ୍କ ସୂଚନା ମୁତାବକ ସଦର ଥାନା ଅନ୍ତର୍ଗତ କାଶୀଜଗନ୍ନାଥପୁର୍ ଗ୍ରାମରେ ଫକୀର ଉପାଧ୍ୟାୟ ନାମରେ ଜଣେ ଅବିବାହିତ ବ୍ୟକ୍ତି ରହୁ ଥିଲେ । ୧୯୮୪ ମସିହାରେ ତାଙ୍କର ମୃତ୍ୟୁ ଘଟି ଥିଲା । ପୁରୀ ସଦର ତହସିଲ ଅଧିନ କାଶୀଜଗନ୍ନାଥପୁର ମୌଜାରେ ତାଙ୍କର ବହୁ ମୂଲ୍ୟବାନ ଭୂସମ୍ପତ୍ତି ରହିଛି । ସେ ଅବିବାହିତ ଥିବାରୁ ଦୋଳମଣ୍ଡପ ସାହିର ସମ୍ପର୍କୀୟ ଝିଆରୀ ବିଜୟ ଲକ୍ଷ୍ମୀ ମିଶ୍ର ତାଙ୍କର ଦେଖା ଶୁଣା କରୁ ଥିଲେ । ତେବେ ଅଭିଯୁକ୍ତ ଉକ୍ତ ଭୂସମ୍ପତ୍ତିକୁ ହଡ଼ପ କରିବା ପାଇଁ ଏକ ଷଡଜନ୍ତ୍ର ରଚି ଥିଲା । ଯୋଜନା ମୁତାବକ ସୂର୍ଯ୍ୟକାନ୍ତ ଜଣେ ନକଲି ବ୍ୟକ୍ତିକୁ ଫକିର ଉପାଧ୍ୟାୟ ନାମରେ ଜାଲ ଆଧାର କାର୍ଡ ପ୍ରସ୍ତୁତ କରି ଥିଲା । ଏହା ପରେ ସେ ନକଲି ବ୍ୟକ୍ତିକୁ ମୃତ ଫକିର ନାମରେ ଛିଡା କରାଇ ତାର ପତ୍ନୀ ସବିତା ସାହୁଙ୍କ ନାମରେ ପୁରୀ ସବରେଜିଷ୍ଟ୍ରାର ଅଫିସରେ କ୍ରୟ ବିକ୍ରୟ କବଲା ପ୍ରସ୍ତୁତ କରି ଥିଲା । କେବଳ ସେତିକି ନୁହେଁ ସୂର୍ଯ୍ୟକାନ୍ତ ନକଲି ବ୍ୟକ୍ତିକୁ ଫକିର ବୋଲି ସବରେଜିଷ୍ଟ୍ରାରଙ୍କ ଆଗରେ ଚିହ୍ନଟ କରି ଥିଲା ।

ଏ ସମସ୍ତ କାର୍ଯ୍ୟରେ ଅଭିଯୁକ୍ତ ସୂର୍ଯ୍ୟକାନ୍ତକୁ ପ୍ରଦୀପ ବେହେରା ନାମକ ମୋହରିର ଓ ତାର ସହଯୋଗୀ ଗୋପୀନାଥ ପରିଡା ସହଯୋଗ କରି ଥିଲେ । ସବିତାଙ୍କ ପାଇଁ ପ୍ରଦୀପ କବଲା ପ୍ରସ୍ତୁତ କରି ଥିଲା । ଏ ସମ୍ପର୍କରେ ଫକିରଙ୍କ ସମ୍ପର୍କୀୟ ଝିଆରୀ ବିଜୟ ଲକ୍ଷ୍ମୀ ଅବଗତ ହେବା ପରେ ପୁରୀ ଟାଉନ୍ ଥାନାରେ ୨୦୨୫ ମହିହା ନଭେମ୍ବର ୨୭ ତାରିଖରେ ଏକ ଲିଖିତ ଏତଲା ଦାଏର କରି ଥିଲେ ।

# ଖୋର୍ଦ୍ଧା ମହୋତ୍ସବରେ ମହିଳା କଳାକାରଙ୍କୁ ଅସମ୍ମାନ

ଖୋର୍ଦ୍ଧା,(ସବ୍ୟୁ) : ପୁରୁଷ ବାଉଁସର୍ ମହିଳା ଦର୍ଶକ ଓ ମହିଳା କଳାକାରଙ୍କୁ ଚେୟାର ରୁ ଜୋର୍ ଜବରଦସ୍ତ ଉଠେଇଦେବା ସହିତ ଧକ୍କା ବେକିଆ ମାରିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଗତ ୨୦ତାରିଖ ଦିନ ଖୋର୍ଦ୍ଧା କୋଣାର୍କ ନଗର ଅଂଚଳର ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନର କିଛି କୁନି କୁନି କଳାକାର ଏବଂ କିଛି ମହିଳା କଳାକାରମାନଙ୍କୁ ମହୋତ୍ସବ ମଂଚ ରେ କଳା ପ୍ରଦର୍ଶନ କରିବାକୁ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ସେଠାରେ ଦୀର୍ଘ ୬ଘଂଟା ଅପେକ୍ଷା କରିବା ପରେ ମଧ୍ୟ ସେମାନଙ୍କୁ ନୃତ୍ୟ ପରିବେଷଣ ପାଇଁ ଅନୁମତି ମିଳିନଥିଲା । ଏହାକୁ ନେଇ ସାଂସ୍କୃତିକ ପ୍ରତିଷ୍ଠାନର କର୍ମକର୍ତା ମଂଚ ପରିଚାଳନାରେ ଥିବା ମହୋତ୍ସବ କମିଟିର ସଦସ୍ୟ ଙ୍କୁ ପଚାରିବାରେ ସେଠାରେ ନିୟୋଜିତ କିଛି ସଦସ୍ୟ ଓ ବାଉଁସର ଭାବେ ନିୟୋଜିତ ହୋଇଥିବା କିଛି କଳା ସାର୍ଟ ପିନ୍ଧା ବ୍ୟକ୍ତି ଅନୁଷ୍ଠାନର କୁନି କୁନି କଳାକାର ଏବଂ ଅଭିଭାବକମାନଙ୍କ ସହ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କୁ ସର୍ବ ସମ୍ମୁଖରେ ଧକ୍କା ବେକିଆ ମାରିବା ସହିତ ଅପଶବ୍ଦ ପ୍ରୟୋଗ କରି କଳା ପ୍ରଦର୍ଶନ କରିବାକୁ ବାରଣ କରିଥଲେ । ଯାହାକୁ ବିରୋଧ କରି ମର୍ଯ୍ୟଦାହାନି ହୋଇଥିବା ଅଭିଯୋଗ ନେଇ ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନର କର୍ମକର୍ତା ଏବଂ ନୃତ୍ୟ ପରିବେଷଣ କରିବାକୁ ଯାଇଥିବା କୁନିକୁନି ପିଲାଙ୍କ ଅଭିଭାବକ ମାନେ ଆଜି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଅଭିଯୋଗ ପତ୍ରକୁ ଗ୍ରହଣ କରିଥିବା ବେଳେ ଏହା ସମ୍ପୂର୍ଣ୍ଣ ରୂପେ ନିନ୍ଦନୀୟ ଘଟଣା ବୋଲି ସ୍ୱୀକାର କରିବା ସହ ଖୋର୍ଦ୍ଧା ମହୋତ୍ସବ ଏକ ବେସରକାରୀ ଅନୁଷ୍ଠାନ । ଏଣୁ ଏ ସମ୍ପର୍କରେ ଅନୁଷ୍ଠାନ ର ମୁଖ୍ୟଙ୍କୁ ଜଣାଯିବ । ନଚେତ୍ ଏହା ଏକ ଅପରାଧିକ କାର୍ଯ୍ୟକଳାପ, ତେଣୁ ଆପଣମାନେ ପୁଲିସ ପାଖରେ ଅଭିଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିବା ବେଳେ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଅଭିଯୋଗ ପତ୍ରକୁ ଡାକ ମାଧ୍ୟମରେ ପ୍ରେରଣ କରିଥିବା ଜଣାପଡିଛି ।



# ମିଜୋରାମରେ ହେବ ଭାରତୀୟ ସେନାର ନୂଆ ଘାଟି

ନୂଆଦିଲ୍ଲୀ : ପଡ଼ୋଶୀ ବାଂଲାଦେଶ ଏବେ ଜଳୁଛି । ବିଶେଷକରି ବାଂଲାଦେଶର ଛାତ୍ରନେତା ଓ ପ୍ରଖର ଭାରତ ବିରୋଧୀ ଉସମାନ ହାଦି ମୃତ୍ୟୁବରଣ କରିବା ପରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି । ଏହି ଘଟଣାପରେ ସେଠାରେ ଭାରତ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଛି । କାରଣ ସେଠାକାର ଲୋକମାନେ ଭାବୁଛନ୍ତି ଏହି ହତ୍ୟା ପଛରେ ଭାରତ ରହିଛି । ସେଠାରେ ଥିବା ଏହି ଭାରତ ବିରୋଧୀ ମନୋଭାବର ପରିଣତି ଭୋଗୁଛନ୍ତି ସେଠାକାର ନିରୀହ ହିନ୍ଦୁ ଜନତା । ସରକାର ସେମାନଙ୍କୁ ବଞ୍ଚାଇବେ କଣ ଭାରତ ବିରୋଧୀଙ୍କ ସ୍ୱରରେ ସ୍ୱର ମିଳାଉଛନ୍ତି । ଏପରିକି ଖୋଦ ଅସ୍ଥାୟୀ ସରକାରର ମୁଖିଆ ମହମ୍ମଦ ୟୁନୁସ ଭାରତର ଉତ୍ତରପୂର୍ବାଞ୍ଚଳକୁ କାଟିଦେବାକୁ ଖୋଲାଖୋଲି ଧମକ ଦେଉଛି । କିଛି ମାସ ପୂର୍ବେ ନିଜର ଚୀନ ଗସ୍ତ କାଳରେ ୟୁନୁସ ଭାରତର ଉତ୍ତରପୂର୍ବାଞ୍ଚଳକୁ କାଟିଦେବାକୁ ସଂକେତ ଦେଇଥିଲା । ଗତ ମାସରେ



ପାକିସ୍ତାନର ଜଣେ ସେନାଧିକାରୀ ଢାକା ଗସ୍ତରେ ଆସିଥିବାବେଳେ ତାଙ୍କୁ ଏକ ବିବାଦୀୟ ମାନଚିତ୍ର ଦିଆଯାଇଥିଲା ଯେଉଁଥିରେ ଭାରତର ଅଂଚଳ ରହିଥିଲା । ନିକଟରେ ବାଂଲାଦେଶର ଆଉ କେତେକ ନେତା ବାରମ୍ବାର ଭାରତର ସିଲିଗୁଡ଼ି କରିଡରକୁ କାଟିଦେବାକୁ ଓ ଉତ୍ତର-ପୂର୍ବକୁ ଅଲଗା କରିଦେବାକୁ ଧମକ ଦେଇଚାଲିଛନ୍ତି । ଆଉ ଜଣେ ନେତା ଧମକ ଦେଇଛନ୍ତି ଯେ ଭାରତର ବିଚ୍ଛିନ୍ନତାବାଦୀଙ୍କୁ ବାଂଲାଦେଶରେ ଶରଣ ଦିଆଯିବ । କେବଳ ଧମକ ନୁହେଁ, ଭାରତ ବିରୋଧୀ ଉଲଫା ସଂଗଠନର ନେତା ପରେଶ ବରୁଆଙ୍କୁ ଢାକାରେ ଅବସ୍ଥାପିତ କରିବାକୁ ଚକ୍ରାନ୍ତ ଚଳିଛି । ଏସବୁ ଭାରତ ବିରୋଧୀ ଚକ୍ରାନ୍ତ ଲାଗିପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସବୁପ୍ରକାରର ସହଯୋଗ କରିଚାଲିଛି । ଏଠାରେ ପ୍ରଶ୍ନ ଉଠେ ବାଂଲାଦେଶ ପରି ଏକ ଦୁର୍ବଳ ଦେଶର ବାରମ୍ବାର ଧମକ ସତ୍ତ୍ୱେ ଭାରତ ଚୁପ କାହିଁକି ରହିଛି ? ଏହାର ଉତ୍ତର ହେଉଛି ଭାରତ ବାଂଲାଦେଶର ନିର୍ବାଚନକୁ ଅପେକ୍ଷା କରିଛି । ନିର୍ବାଚନ ପୂର୍ବରୁ ନିଜ ଦେଶରେ ଭାରତ ବିରୋଧୀ ନିଆଁକୁ ତେଜି ମହମ୍ମଦ ୟୁନୁସ ନିଜ ପାଇଁ ସୁବିଧାଜନକ ସ୍ଥିତି ତିଆରି କରିବା ଲକ୍ଷ୍ୟରେ ଅଛନ୍ତି । ଏଣୁ ଭାରତ ୟୁନୁସଙ୍କ ଏହି ଯୋଜନାକୁ ପଣ୍ଡ କରିବାକୁ ଚୁପ ରହିଛି । ଗୋଟିଏ ପଟେ ଭାରତ ଚୁପ ରହିଛି ସତ, କିନ୍ତୁ ଚୁପଚାପ ରହି ନିଜର କାମ କରିଚାଲିଛି । ନୀରବରେ ଭାରତୀୟ ସେନା ବାଂଲାଦେଶକୁ ଘେରିବାକୁ ପ୍ରସ୍ତୁତ ହେଉଛି । ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରି ବାଂଲାଦେଶର ତଣ୍ଟି ମୋଡ଼ିବାକୁ ଭାରତୀୟ ସେନା ପ୍ରସ୍ତୁତ ହେଉଛି । ଏଥିପାଇଁ ପଶ୍ଚିମବଙ୍ଗର ଉତ୍ତର ଦିନାଜପୁରସ୍ଥିତ ଚୋପ୍ରା, ବିହାରର କିଶନଗଞ୍ଜ ଓ ଆସାମର ବାମୁନିଠାରେ ଭାରତୀୟ ସେନା ନିଜର ସାମରିକ ଘାଟି ପ୍ରତିଷ୍ଠା କରିଛି । ଏବେ ବାଂଲାଦେଶକୁ ସଂପୂର୍ଣ୍ଣ ଅଣନିଶ୍ୱାସୀ କରିବାକୁ ମିଜୋରାମରେ ଏକ ୪ର୍ଥ ସେନାଘାଟି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି । ନିକଟରେ ଭାରତୀୟ ସେନାର ପୂର୍ବାଞ୍ଚଳ କମାଣ୍ଡ ଜିଓସି ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରି ମିଜୋରାମ ଗସ୍ତ କରି ଜମି ଚିହ୍ନଟ କରିଛି । ଏହି ୪ଟି ସାମରିକ ଘାଟିକୁ ଏପରି ସ୍ଥାନରେ ତିଆରି କରାଯାଉଛି ଯେପରି ନିର୍ଦ୍ଦେଶ ମିଳିବାମାତ୍ରେ ବାଂଲାଦେଶକୁ ଉପଯୁକ୍ତ ଶାସ୍ତି ଦେଇପାରିବେ ।

# ବିସ୍ଫୋରଣରେ ରୁଷର ବରିଷ୍ଠ ସେନା ଅଧିକାରୀ ମୃତ

ନୂଆଦିଲ୍ଲୀ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଏକ ବଡ଼ ଝଟକା ଲାଗିଛି । ଭ୍ଲାଦିମିର ପୁଟିନଙ୍କ ସେନାର ଅପରେସନାଲ୍ ଟ୍ରେନିଂ ବିଭାଗର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଫାନିଲ୍ ସର୍ଭାରୋଭ ମସ୍କୋରେ ଏକ ସନ୍ଦିଗ୍ଧ କାର୍ ବୋମା ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି ।

ଲେଫ୍ଟନାଣ୍ଟ ଜେନେରାଲ ଫାନିଲ୍ ସର୍ଭାରୋଭ ରୁଷ ସଶସ୍ତ୍ର ବାହିନୀରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ । ସେ ଅପରେସନାଲ୍ ଟ୍ରେନିଂ ବିଭାଗର ନେତୃତ୍ୱ ନେଇଥିଲେ, ଯାହା ସାମରିକ ବାହିନୀର କୌଶଳଗତ ତାଲିମ ଏବଂ ଯୁଦ୍ଧ ପ୍ରସ୍ତୁତି ପାଇଁ କାର୍ଯ୍ୟ କରୁଥିଲା । ଏହି ବିଭାଗକୁ ରୁଷର ଯୁଦ୍ଧ କ୍ଷମତା ଏବଂ ପ୍ରତିରକ୍ଷା ନୀତି ସହିତ ସିଧାସଳଖ ଜଡିତ ବୋଲି ବିବେଚନା କରାଯାଏ, ଯାହା ସର୍ଭାରୋଭଙ୍କ ଭୂମିକାକୁ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ରଣନୈତିକ କରିଥାଏ ।

ଏକ ଆପାର୍ଟମେଣ୍ଟ କୋଠା ନିକଟରେ ଏକ କାର୍ ପାର୍କିଂରେ



ବିସ୍ଫୋରଣ ଘଟିଥିଲା । ଆକ୍ରମଣ ପଛରେ ୟୁକ୍ରେନୀୟ ଗୁପ୍ତଚର ସଂସ୍ଥାଗୁଡ଼ିକର ହାତ ଥିବା ସନ୍ଦେହ କରାଯାଉଛି । ତଥାପି, ୟୁକ୍ରେନ ସରକାର ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ବିବୃତ୍ତି ଜାରି କରିନାହାଁନ୍ତି । ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ଲେଫ୍ଟନାଣ୍ଟ ଜେନେରାଲ ତାଙ୍କ କାରରେ ଥିବା ସମୟରେ ବିସ୍ଫୋରଣ ଘଟିଥିଲା । ରୁଷିଆ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହି ଘଟଣାକୁ ଏକ ସନ୍ଦିଗ୍ଧ କାର୍ ବୋମା ଆକ୍ରମଣ ବୋ ବର୍ଣ୍ଣନା କରିଛନ୍ତି ।

ରାଜଧାନୀରେ ଏତେ ବରିଷ୍ଠ ରୁଷିଆ ସାମରିକ ଅଧିକାରୀଙ୍କୁ ଟାର୍ଗେଟ କରିବା ଏକ ବଡ଼ ସୁରକ୍ଷା ତ୍ରୁଟି ବୋଲି ବିବେଚନା କରାଯାଉଛି । ୟୁକ୍ରେନ ସହ ଯୁଦ୍ଧ ମଧ୍ୟରେ, ଏହି ଘଟଣା ରୁଷିଆର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଗୁପ୍ତଚର ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି । ବିଶ୍ୱାସ କରାଯାଉଛି ଯେ ଏହି ଆକ୍ରମଣ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଉପରେ ରାଜନୈତିକ ଏବଂ ସାମରିକ ଚାପକୁ ଆହୁରି ବୃଦ୍ଧି କରିପାରେ ।

# ରୁଷ ସେନାରେ ଯୋଗ ଦେବାକୁ ଭାରତୀୟ ଛାତ୍ରଙ୍କୁ ବାଧ

ନୂଆଦିଲ୍ଲୀ : ସେନାରେ ଯୋଗ ଦିଅ ଆଉ ଯୁଦ୍ଧ ଲଢ଼ । ନଚେତ ଡ୍ରଗ୍ସ ମାମଲାରେ ଫସାଇଦେବୁ । ରୁଷ ସେନାରେ ଯୋଗ ଦେବା ପାଇଁ ବାଧ କରାଯିବା ଓ ପାଠ ପଢିବାକୁ ଯାଇଥିବା ଜଣେ ଛାତ୍ରଙ୍କୁ କିଭଳି ଅକଥନୀୟ ନିର୍ଯାତନା ଦିଆଯାଉଛି ତାହାର ଦୃଶ୍ୟ ଏବେ ସାମ୍ନାକୁ ଆସିଛି । ଜଣେ ଛାତ୍ର ଖୋଦ ଏନେଇ ସୋସିଆଲ ମିଡିଆରେ କହିଛନ୍ତି । ସେ ଭାରତ ସରକାରଙ୍କୁ ତାଙ୍କୁ ମୁକୁଳାଇବା ପାଇଁ ଆକୁଳ ନିବେଦନ ମଧ୍ୟ କରିଛନ୍ତି । ଛାତ୍ରଙ୍କ କହିବା କଥା ଯେ ସେ ପଢିବା ପାଇଁ ରୁଷ ଯାଇଥିଲେ, କିନ୍ତୁ ତାଙ୍କୁ ବଳପୂର୍ବକ ରୁଷ ସେନାରେ ଭର୍ତ୍ତି କରାଯାଇ ୟୁକ୍ରେନ ସୀମାକୁ ପଠାଯାଇଥିଲା । ଯେତେବେଳେ ସେ ପ୍ରତିବାଦ କଲେ, ତାଙ୍କୁ ମିଥ୍ୟା ଅଭିଯୋଗରେ ଧମକ ଦିଆଯାଇଥିଲା ।



ଯୁବକ ଜଣଙ୍କୁ ସେନାରେ ଯୋଗ ଦେବାକୁ ବାଧ କରାଯାଇଥିଲା ଏବଂ ବର୍ତ୍ତମାନ ସେ ୟୁକ୍ରେନ ସୀମାରେ ଅଛନ୍ତି, ଯେଉଁଠାରୁ ସେ ଏକ ଭିଡିଓ ପଠାଇଥିଲେ, ତାଙ୍କ ଦୁଃଖଦ ଘଟଣା ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ । ଗୁଜରାଟର ମୋର୍ବି ଜିଲ୍ଲାର ବାସିନ୍ଦା ସାହିଲ ମହମ୍ମଦ ହୁସେନ ୟୁକ୍ରେନରୁ ଏକ ଭିଡିଓ ବାର୍ତ୍ତା ପଠାଇଥିଲେ । ସେ ଭାରତୀୟମାନଙ୍କୁ ରୁଷ ସେନାରେ ଯୋଗ ନଦେବାକୁ ଅନୁରୋଧ କରିଥିଲେ । କାରଣ ସେ ପଢିବା ପାଇଁ ରୁଷ ଯାଇଥିଲେ, ତାଙ୍କୁ ଏକ ଡ୍ରଗ୍ସ ଚୋରାଚାଲାଣ ମାମଲାରେ ଫସାଇ ଦିଆଯାଇଥିଲା, ବଳପୂର୍ବକ ସେନାରେ ଭର୍ତ୍ତି କରାଯାଇଥିଲା ଏବଂ ୟୁକ୍ରେନ ସୀମାକୁ ପଠାଯାଇଥିଲା । ସାହିଲ କହିଛନ୍ତି ଯେ ଯେତେବେଳେ ସେ ୟୁକ୍ରେନ ସୀମାକୁ ଯାଇଥିଲେ, ସେତେବେଳେ ତାଙ୍କୁ ୟୁକ୍ରେନ ସେନା ଗିରଫ କରିଥିଲା ।

କେମିତି ଫସିଗଲେ ଭାରତୀୟ ଛାତ୍ର?

ରୁଷରେ ପାଠପଢୁଥିବା ସମୟରେ ସେ ଏକ କୋରିଅର କମ୍ପାନୀରେ ପାର୍ଟ ଟାଇମ କାମ କରୁଥିଲେ । ଗୋଟିଏ ଦିନ, ରୁଷ ପୋଲିସ ତାଙ୍କୁ ଗିରଫ କରି ଏକ ମିଥ୍ୟା ଡ୍ରଗ୍ସ ମାମଲାରେ ଫସାଇ ଦେଇଥିଲେ । ଯେତେବେଳେ ସେ ତାଙ୍କର କାଗଜପତ୍ର ଦେଖାଇଲେ, ତାଙ୍କୁ ରୁଷ ସେନାରେ ଯୋଗଦେବାର ସର୍ତ୍ତରେ ମୁକ୍ତି ପାଇଁ ପ୍ରସ୍ତାବ ଦିଆଯାଇଥିଲା । ତାଙ୍କୁ ରୁଷ ଚୁକ୍ତି ଗ୍ରହଣ କରିବାକୁ ବାଧ କରାଯାଇଥିଲା, ଏବଂ ୧୫ ଦିନର ତାଲିମ ପରେ, ରୁଷ ସେନା ତାଙ୍କୁ ସୀମାକୁ ପଠାଇ ଦେଇଥିଲା ।

ସାହିଲ କହିଥିଲେ ଯେ ସୀମାରେ ପହଞ୍ଚିବା ପରେ, ୟୁକ୍ରେନ ସେନା ତାଙ୍କୁ ଧରିପକାଇଥିଲା । ଏହାପରେ ସେ ୟୁକ୍ରେନ ସେନା ସମ୍ମୁଖରେ ତାଙ୍କ ସହ ଘଟିଥିବା ଘଟଣା ବାବଦରେ କହିଥିଲେ । ଏହାପରେ ୟୁକ୍ରେନ ସେନା ତାଙ୍କୁ ଏକ ଭିଡିଓ ତିଆରି କରି ଭାରତ ସରକାର ଏବଂ ଗୁଜରାଟରେ ତାଙ୍କ ମାଆଙ୍କୁ ପଠାଇବାକୁ କହିଥିଲେ । ଭିଡିଓଟି ପାଇବା ପରେ, ସାହିଲଙ୍କ ମାଆ ଏବେ ରାଜ୍ୟ ସରକାର ସହ ବିଦେଶ ମନ୍ତ୍ରାଳୟକୁ ତାଙ୍କ ପୁଅକୁ ଫେରାଇଆଣିବାକୁ ଅନୁରୋଧ କରିଛନ୍ତି ।

# ଅନନ୍ତନାଗରେ ପହଞ୍ଚିଲା ଏଫସିଆଇର ଖାଦ୍ୟଶସ୍ୟବାହୀ ଟ୍ରେନ

ନୂଆଦିଲ୍ଲୀ : କାଶ୍ମୀର ଘାଟିରେ ରେଳ-ଭିତ୍ତିକ ପରିବହନ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ୱରୂପ, ପ୍ରଥମ ଥର ପାଇଁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ଏକ ଖାଦ୍ୟଶସ୍ୟବାହୀ ଟ୍ରେନ ଆଜି ଅନନ୍ତନାଗ ଗୁଡ୍ସ ଟର୍ମିନାଲରେ ପହଞ୍ଚିଛି । ଏହା ସହିତ ଏହି ଅଞ୍ଚଳଟି ଜାତୀୟ ମାଲବାହୀ ରେଳ ନେଟୱର୍କ ସହ ଯୋଡ଼ି ହୋଇଛି ।

ପଞ୍ଜାବର ଅଜିତୱାଲ ଷ୍ଟେସନରୁ ଯାତ୍ରା କରିଥିବା ଏହି ମାଲବାହୀ ଟ୍ରେନଟି ପ୍ରାୟ ୧,୩୮୪ ଟନ୍ ଅତ୍ୟାବଶ୍ୟକ ଶସ୍ୟ ବହନ କରି ସଫଳତାର ସହ ଅନନ୍ତନାଗ ଗୁଡ୍ସ ଟର୍ମିନାଲରେ ପହଞ୍ଚିଥିଲା । ରେଳଯୋଗେ ଖାଦ୍ୟଶସ୍ୟ ସିଧାସଳଖ ଦକ୍ଷିଣ କଶ୍ମୀରରେ ପହଞ୍ଚିବାର ଏହା ହେଉଛି ପ୍ରଥମ ଘଟଣା ।

ଘାଟିରେ, ବିଶେଷକରି ଦୁର୍ଗମ ଓ ଦୂରନ୍ତ ଅଞ୍ଚଳରେ ନିରବଚ୍ଛିନ୍ନ ଓ ଦକ୍ଷତାର ସହ ଖାଦ୍ୟଶସ୍ୟ ଯୋଗାଣ ନିଶ୍ଚିତ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ । ରେଳ-ଭିତ୍ତିକ ପରିବହନ କେବଳ ବଫର ଷ୍ଟକ୍ ପରିବହନର ଭରସାଯୋଗ୍ୟତା ବୃଦ୍ଧି କରିବ ନାହିଁ ବରଂ ପରିବହନ ଖର୍ଚ୍ଚ ମଧ୍ୟ ହ୍ରାସ କରିବ, ଯାହା ଯୋଗାଣ ଶୃଙ୍ଖଳାକୁ ଦ୍ରୁତ ଏବଂ ଅଧିକ ମିତବ୍ୟୟୀ



କରିବ । ଏହା ସ୍ଥାନୀୟ ବଜାରର ଅଭିବୃଦ୍ଧିରେ ସହାୟକ ହେବ, ଆଞ୍ଚଳିକ କୃଷି ଅର୍ଥନୀତିକୁ ସୁଦୃଢ଼ କରିବ ଓ ଲଜିଷ୍ଟିକ୍ସ ଓ ଆନୁଷଙ୍ଗିକ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରିବ । ଅନ୍ୟପକ୍ଷରେ ଅନନ୍ତନାଗ ଗୁଡ୍ସ ଟର୍ମିନାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ଅନ୍ୟାନ୍ୟ ଦ୍ରବ୍ୟ ଓ ଜରୁରୀ ସାମଗ୍ରୀର ପରିବହନ ମଧ୍ୟ ସୁଗମ ହେବ, ଫଳରେ ଭବିଷ୍ୟତରେ ମାଲବାହୀ ଟ୍ରେନ ପରିବହନ ଆହୁରି ବୃଦ୍ଧି ପାଇବ ।

ଏହି ପଦକ୍ଷେପ ଖାଦ୍ୟ ସୁରକ୍ଷା, ପଣ୍ୟଦ୍ରବ୍ୟ ପରିବହନ ଭିତ୍ତିଭୂମିର ଆଧୁନିକୀକରଣ ଦିଗରେ ଏକ ବଡ଼ ପଦକ୍ଷେପ । ଏହା ମଧ୍ୟ ରେଳ ପରି ଏକ ଭରସାଯୋଗ୍ୟ ଓ ଦକ୍ଷ ପରିବହନ ମାଧ୍ୟମ ଦ୍ୱାରା କଶ୍ମୀରଘାଟୀକୁ ଦେଶ ସହ ଯୋଡ଼ିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

## ନ୍ୟାସନାଲ ହେରାଲ୍ଡ ମାମଲା

# ସୋନିଆ, ରାହୁଲଙ୍କୁ ହାଇକୋର୍ଟ ନୋଟିସ୍

ନୂଆଦିଲ୍ଲୀ : ନ୍ୟାସନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଆଇନଗତ ସମସ୍ୟା ଦୂର ହୋଇଥିବା ପରି ମନେହେଉ ନାହିଁ । ଦିଲ୍ଲୀ ହାଇକୋର୍ଟ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ଜାରିଛନ୍ତି । ଏହି ମାମଲାରେ ନିମ୍ନ ଅଦାଲତର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କରିଥିବା ଆବେଦନ ଉପରେ କୋର୍ଟ ଏହି ନୋଟିସ ଜାରି କରିଛନ୍ତି । ଏହି ମାମଲାର ଶୁଣାଣି ଜଷ୍ଟିସ ରବିନ୍ଦ୍ର ଡୁଡେଜାଙ୍କ କୋର୍ଟରେ ହୋଇଥିଲା । କୋର୍ଟ ସମସ୍ତ ପକ୍ଷଙ୍କୁ ନୋଟିସ ଜାରି କରି ପରବର୍ତ୍ତୀ ଶୁଣାଣି ୭ ମାର୍ଚ୍ଚ, ୨୦୨୬ ପାଇଁ ଧାର୍ଯ୍ୟ କରିଛନ୍ତି ।



ଟ୍ରାଏଲ କୋର୍ଟର ବିଚାର ଲାଗି ଗ୍ରହଣ କରିବାକୁ ମନା କରିବା ଆଦେଶକୁ ଇଡି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛି । ଇଡି ଅଭିଯୋଗ କରିଛି ଯେ ନିମ୍ନ ଅଦାଲତ ଆଇନର ଭୁଲ ବ୍ୟାଖ୍ୟା କରିଛି ଏବଂ ମନି ଲଣ୍ଡରିଂ ସହିତ ଜଡିତ ତଥ୍ୟକୁ ଅଣଦେଖା କରିଛି ।

ଶୁଣାଣି ସମୟରେ, ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟରେ ଉପସ୍ଥିତ ଥିଲେ, ଯେତେବେଳେ କି ଗାନ୍ଧୀ ପରିବାର ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ଉପସ୍ଥିତ ଥିଲେ ।

# ନୀତି ଆୟୋଗ ରିପୋର୍ଟରେ ଭାରତ ଉଚ୍ଚଶିକ୍ଷା

ନୂଆଦିଲ୍ଲୀ :ନୀତି ଆୟୋଗ ଆଜି 'ଭାରତରେ ଉଚ୍ଚଶିକ୍ଷାର ଆନ୍ତର୍ଜାତୀୟକରଣ: ସମ୍ଭାବନା ଏବଂ ନୀତି ସୁପାରିଶ' ଶୀର୍ଷକ ଏକ ବ୍ୟାପକ ନୀତି ରିପୋର୍ଟ ଉନ୍ମୋଚନ କରିଛି । ଏହି ରିପୋର୍ଟ ନୀତି ଆୟୋଗର ବରିଷ୍ଠ ନେତୃତ୍ୱଙ୍କ ଦ୍ୱାରା ପ୍ରକାଶିତ ହୋଇଛି ଯେଉଁଥିରେ ଉପାଧ୍ୟକ୍ଷ ସୁମନ ବେରୀ, ସଦସ୍ୟ (ଶିକ୍ଷା), ଡକ୍ଟର ଭି.କେ. ପଲ, ସଦସ୍ୟ (ଶିକ୍ଷା), ଡକ୍ଟର ଅରବିନ୍ଦ ବୀରମଣି, ସଦସ୍ୟ ଏବଂ କେ କେ ରିପୋର୍ଟ ଉନ୍ମୋଚନରେ ଅଂଶଗ୍ରହଣ କରିଥିଲେ । ଗତ 20 ବର୍ଷ ମଧ୍ୟରେ ଶୈକ୍ଷିକ ଗତିଶୀଳତାରେ ସାମୟିକ ଧାରା ସହିତ ବିଶ୍ୱ, ଜାତୀୟ ଏବଂ ସାଂସ୍ଥାଗତିକ ସ୍ତରରେ ଆନ୍ତର୍ଜାତୀୟକରଣର ପଦ୍ଧତିଗୁଡ଼ିକୁ ପରୀକ୍ଷା କରେ ।

# ଆରାବଲୀରେ କୌଣସି କୋହଳ ଦିଆଯାଇନି : ଭୂପେନ୍ଦ୍ର ଯାଦବ

ନୂଆଦିଲ୍ଲୀ : କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଆଜି ଆରାବଳୀ ପର୍ବତମାଳାକୁ ନେଇ ଚାଲିଥିବା ବିତର୍କ ଏବଂ ଦ୍ୱନ୍ଦ୍ୱକୁ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ଆରାବଳୀ ପର୍ବତମାଳା ଅଞ୍ଚଳରେ କୌଣସି କୋହଳ ଗ୍ରହଣ କରାଯାଇ ନାହିଁ । ସରକାର ସୁପ୍ରିମକୋର୍ଟଙ୍କ ପରାମର୍ଶ ଓ ନିୟମକୁ ସମର୍ଥନ କରିଛନ୍ତି । କଠୋର ଖଣିଜ ଖନନ ଆଇନକୁ ବଳବତ୍ତର ରଖାଯାଇଥିବା ସେ ସୂଚନା ଦେଇଛନ୍ତି ।

ଗଲା କିଛିଦିନ ହେଲା କିଛି ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରକାଶ ପାଇଥିବା ବିବାଦୀୟ ରିପୋର୍ଟକୁ ତର୍ଜମା କରି ଶ୍ରୀ ସିଂହ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ଯେ ଆରାବଳି ପର୍ବତମାଳାର ସୀମା ଚାରିଟି ଭାରତୀୟ ରାଜ୍ୟ: ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଏବଂ ଗୁଜରାଟକୁ ବ୍ୟାପ୍ତ ରହିଛି । ଏହି ୪ ରାଜ୍ୟର ୩୯ ଜିଲ୍ଲାରେ ସମ୍ପୂର୍ଣ୍ଣ ଆରାବଳୀ ବିସ୍ତୃତ । ଆରାବଳୀ ସମ୍ପର୍କରେ ଆଇନଗତ ପ୍ରକ୍ରିୟା ନୂଆ ନୁହେଁ; ୧୯୮୫ ମସିହାରୁ ଆବେଦନଗୁଡ଼ିକ ବିଚାରାଧୀନ



ରହିଥିବା ସେ ସୂଚନା ଦେଇଛନ୍ତି । ଏହି ଆବେଦନଗୁଡ଼ିକର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଆରାବଳୀ ଅଞ୍ଚଳରେ ଖଣିଜ ଖନନ ଉପରେ କଠୋର ଏବଂ ସ୍ପଷ୍ଟ ନିୟମାବଳୀ କାର୍ଯ୍ୟକାରୀ କରିବା, ଯାହାକୁ କେନ୍ଦ୍ର ସରକାର ପୂର୍ଣ୍ଣ ସମର୍ଥନ କରି ଆସିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

ସେ କହିଛନ୍ତି, ଆରାବଳୀ ପର୍ବତମାଳାର ସୁରକ୍ଷା ଲାଗି ସମାନ ପରିଭାଷା ନିରୂପଣ କରିବାକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ ରହିଛି । ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ବ୍ୟାଖ୍ୟା ଉପରେ ଆଧାରିତ ନିୟମାବଳୀର ଉଲ୍ଲଂଘନକୁ ରୋକିବା ପାଇଁ ସୁପ୍ରିମକୋର୍ଟ ସମସ୍ତ ଚାରିଟି ରାଜ୍ୟକୁ ଆରାବଳିର ଏକ ସମାନ ପରିଭାଷା ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦିଗରେ, ସରକାର ମଧ୍ୟ ଏକ ସ୍ପଷ୍ଟ ଏବଂ ବୈଜ୍ଞାନିକ ପରିଭାଷା ସ୍ଥାପନ କରିଛନ୍ତି । ଏହି ପରିଭାଷା ଅନୁସାରେ ପାହାଡ଼ର ମୂଳ ଅର୍ଥାତ୍ ଭୂତଳର ଉପୃତ୍ତିଠାରୁ ୧୦୦ ମିଟର ଯାଏ ଖନନ ବାରଣ କରାଯାଇଛି । କିନ୍ତୁ କିଛି ଲୋକ ମିଥ୍ୟା ପ୍ରଚାର କରୁଛନ୍ତି ।

ସେ କହିଛନ୍ତି, ୧୦୦ ମିଟର ସୁରକ୍ଷା କ୍ଷେତ୍ର ପାହାଡ଼ ତଳ ଭାଗରୁ ଆରମ୍ଭ ହୁଏ, ଅର୍ଥାତ୍ ପାହାଡ଼ ତଳ ଭାଗରୁ ୧୦୦ ମିଟର ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳକୁ ସୁରକ୍ଷିତ ରଖାଯିବ । ସେଠାରେ କୌଣସି ଖନନ କିମ୍ବା କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ । ସେ ପୁଣି କହିଛନ୍ତି ଆରାବଳୀ ପର୍ବତମାଳାର ଦୁଇଟି ପାହାଡ଼ ମଧ୍ୟରେ ଯଦି ଦୂରତା ୫୦୦ ମିଟର ଥାଏ ତେବେ ସମ୍ପୂର୍ଣ୍ଣ ଅଞ୍ଚଳକୁ ଆରାବଳି ପର୍ବତମାଳାର ଅଂଶ ଭାବରେ ବିବେଚନା କରାଯିବ । ଏବଂ ଏହି ଅଞ୍ଚଳ ମଧ୍ୟ ସଂରକ୍ଷିତ ରହିବ ।

କୋର୍ଟଙ୍କ ଦ୍ୱାରା ହୋଇଥିବା ନିର୍ଦ୍ଧାରଣ ୧୯୬୮ ମସିହାର ରିଚାର୍ଡ ମର୍ଫିଙ୍କ ଭୂତାତ୍ତ୍ୱିକ ସର୍ବେକ୍ଷଣ ଆଧାରରେ ପ୍ରସ୍ତୁତ କରାଯାଇଛି । ଏହି ଅନୁସାରେ ପର୍ବତମାଳାର ମାତ୍ର ୯୦ ପ୍ରତିଶତ ଅଞ୍ଚଳ ସଂରକ୍ଷିତ କ୍ଷେତ୍ର ଭାବେ ପରିଚିତ ହୋଇଛି । ପୁଣି ଦିଲ୍ଲୀରେ ଥିବା ଆରାବଳୀର ସମସ୍ତ ଅଞ୍ଚଳରେ ଖଣିଜ ଉତ୍ତୋଳନ ନିଷିଦ୍ଧ ରହିଛି । ନିର୍ଦ୍ଧାରିତ ନିୟମାବଳୀ ଅନୁସାରେ, ପର୍ବତମାଳାର ସମୁଦାୟ ୧ଲକ୍ଷ ୪୭ ହଜାର ବର୍ଗ କିଲୋମିଟର ମଧ୍ୟରୁ ମାତ୍ର ୨୧୭ ବର୍ଗ କିଲୋମିଟର ଅର୍ଥାତ୍ ୨% ଅଞ୍ଚଳରେ ଖଣିଜ ଉତ୍ତୋଳନ ହୋଇପାରିବ । ଏଥିପାଇଁ ପୁଣି କଠୋର ନିୟମାବଳୀ ରହିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆରାବଳୀର ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ସବୁଜ ଆରାବଳୀ ଆନ୍ଦୋଳନ କରାଯାଉଥିବା ସେ ସୂଚନା ଦେଇଛନ୍ତି । ୪ ରାଜ୍ୟର ୩୯ ଡିଏଫ୍‌ଓଙ୍କ ସହ ବୈଠକ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ଇନଷ୍ଟାମାର୍ଟ ବ୍ୟବସାୟରେ ଭୁବନେଶ୍ୱର ଆଗୁଆ

ନୂଆଦିଲ୍ଲୀ : ଭାରତର ଅଗ୍ରଣୀ ବାଣିଜ୍ୟ ପ୍ଲାଟଫର୍ମ ଇନଷ୍ଟାମାର୍ଟ ତାହାର ବାର୍ଷିକ ରିପୋର୍ଟ "ହାଓ ଇଣ୍ଡିଆ ଇନଷ୍ଟାମାର୍ଟେଡ୍ ୨୦୨୫"ପ୍ରକାଶ କରିଛି । ଏହି ରିପୋର୍ଟରୁ ଜଣାଡିଛି ଯେ ଭୁବନେଶ୍ୱରବାସୀ ଏବେ ଭାରତର ସୁବିଧାଜନକ ବାଣିଜ୍ୟ ପରିବର୍ତ୍ତନ ସବୁଠାରୁ ଆଗୁଆ । ସହରରେ ଅର୍ଡରରେ ପ୍ରାୟ ୪୬୫% ବୃଦ୍ଧି ଘଟିଛି ।

ଉକ୍ତ ରିପୋର୍ଟ ସମ୍ପର୍କରେ ସ୍ୱିଗିର ଚିଫ୍ ବିଜନେସ୍ ଅଫିସର ହରି କୁମାର ଜି କହିଛନ୍ତି –"ଦ୍ରୁତ ବାଣିଜ୍ୟ ଏବେ କେବଳ ସୁବିଧା ନୁହେଁ, ଆଧୁନିକ ଭାରତୀୟଙ୍କ ଜୀବନଶୈଳୀର ଏକ ମୁଖ୍ୟ ଅଂଶ ହୋଇଗଲାଣି । ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀରୁ ପ୍ରିମିୟମ୍ କ୍ରୟ ପର୍ଯ୍ୟନ୍ତ, ଇନଷ୍ଟାମାର୍ଟ ଏବେ ଲୋକଙ୍କର ଅତି ବିଶ୍ୱସ୍ତ ହୋଇପାରିଛି ।" ସହରର କ୍ରେତାମାନଙ୍କର ଖର୍ଚ୍ଚରେ ପରମ୍ପରା ଓ ଆଧୁନିକତାର ଦୁଇଟି ମିଶ୍ରଣ ଦେଖିବାକୁ ମିଳିଛି । ଜଣେ ଗ୍ରାହକ ଆଇଫୋନ ପାଇଁ ୭.୩୪ ଲକ୍ଷ ଟଙ୍କା ବ୍ୟୟ କରିଥିବାବେଳେ ସେହିଭଳି ଅନ୍ୟ ଜଣେ ବର୍ଷସାରା ୪.୨୩ ଲକ୍ଷ ଟଙ୍କାର ଆଳୁ କିଣିଥିଲେ । ଯାହାକି ପ୍ରମାଣ କରୁଛି ଯେ ଭୁବନେଶ୍ୱରରେ ଟେକ୍ ଓ ତରକାରୀ ଦୁହେଁ ୧୦ ମିନିଟ୍ରେ ଗ୍ରାହକଙ୍କ ଘରେ ପହଞ୍ଚୁଛି । ସେହିଭଳି ମୃଦୁ ପାନୀୟ ଥିଲା ଅନ୍ୟତମ, ଯେଉଁଥିରେ ଜଣେ ସର୍ବାଧିକ ୬ ଲକ୍ଷ ଟଙ୍କା ବ୍ୟୟ କରିଥିଲେ । ତାଙ୍କର ସର୍ବାଧିକ ଅର୍ଡର ମୃଦୁ ପାନୀୟ ଥିଲା । କିନ୍ତୁ ବେଳେବେଳେ କେତେକ ଗ୍ରାହକ ୧୩,୪୨୮ ମୂଲ୍ୟର ଇୟରବଡ୍ ମଧ୍ୟ ଅର୍ଡର କରିଛନ୍ତି । ଏଥିରୁ ସ୍ପଷ୍ଟ ଯେ ଭୁବନେଶ୍ୱରର କ୍ରେତାମାନେ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ସହିତ ପ୍ରିମିୟମ୍ ଜୀବନଶୈଳୀ କ୍ରୟକୁ ସୁଗମ ଭାବରେ ଆପଣାଇ ନେଉଛନ୍ତି ।

ଆଂଚଳିକ ପ୍ରିୟ ଖାଦ୍ୟରେ ସିମେଇ, ସୋରିଷ ଏବଂ କରି ପାଉଡର ପାଂଟ୍ରି ମୁଖ୍ୟ ଭାବରେ ଉଭା ହୋଇଛି । ଏହା ପ୍ରମାଣ କରୁଛି ଯେ ଘର-କା-ସ୍ୱାଦ ସର୍ବଦା ଜିତିଥାଏ । ଭୁବନେଶ୍ୱରବାସୀ ଶୀଘ୍ର ଉଠିବାକୁ ଓ କିଣାକିଣି କରିବାକୁ ପସନ୍ଦ କରନ୍ତି । ପାର୍ବଣ ଓ ପାରିବାରୀକ ଉତ୍ସବ ଅବସରରେ ମଧ୍ୟ ଇନଷ୍ଟାମାର୍ଟ ଲୋକଙ୍କର ପ୍ରଥମ ପସନ୍ଦ । ଦୁର୍ଗା ପୂଜା ସମୟରେ ସହର ମୃଦୁ ପାନୀୟ, ଆଇସକ୍ରିମ ଓ ମାରି ବିସ୍କୁଟ ଅଧିକ ଅର୍ଡ଼ରକରି ପାଳନ କରିଥିଲା ।

# ଭାରତ ହିନ୍ଦୁ ରାଷ୍ଟ୍ର, ସାମ୍ବିଧାନିକ ପ୍ରମାଣର ଆବଶ୍ୟକତା ନାହିଁ: ମୋହନ ଭାଗବତ

ନୂଆଦିଲ୍ଲୀ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଭାରତ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଏଥିପାଇଁ କୌଣସି ସାମ୍ବିଧାନିକ ପ୍ରମାଣର ଆବଶ୍ୟକତା ନାହିଁ, କାରଣ ଏହା ସତ୍ୟ ।

ମୋହନ ଭାଗବତ ଆରଏସଏସର ୧୦୦ ତମ ବାର୍ଷିକୀ ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଏହି ବକ୍ତବ୍ୟ ଦେଇଥିଲେ । ଆରଏସଏସ ମୁଖ୍ୟ କହିଥିଲେ ଯେ ଭାରତ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଯେପର୍ଯ୍ୟନ୍ତ ଏହି ଦେଶରେ ଭାରତୀୟ ସଂସ୍କୃତିକୁ ସମ୍ମାନ ଦିଆଯିବ ସେପର୍ଯ୍ୟନ୍ତ ରହିବ । କୋଲକାତାରେ ମୋହନ ଭାଗବତ କହିଥିଲେ ଯେ ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଏ ଏବଂ ଆମେ ଜାଣିନାହୁଁ ଯେ ଏହା କେବେଠାରୁ ଘଟୁଛି । ତେବେ ଏହା ପ୍ରମାଣ କରିବା ପାଇଁ ଆମକୁ ଏକ ସମ୍ବିଧାନର ଆବଶ୍ୟକତା ଅଛି କି? ସେହିପରି, ହିନ୍ଦୁସ୍ତାନ ମଧ୍ୟ ଏକ ହିନ୍ଦୁ ରାଷ୍ଟ୍ର । ମୋହନ ଭାଗବତ ଆହୁରି କହିଛନ୍ତି ଯେ ଆରଏସଏସର ବିଚାରଧାରା ହେଉଛି ଯେ ଯିଏ ଭାରତକୁ ନିଜର ମାତୃଭୂମି ବୋଲି ମାନିଥାଏ ସେ ଭାରତୀୟ ସଂସ୍କୃତିକୁ ସମ୍ମାନ କରେ । ଯେପର୍ଯ୍ୟନ୍ତ ହିନ୍ଦୁସ୍ତାନର ମାଟିରେ ଜଣେ ବି ବ୍ୟକ୍ତି ଜୀବିତ ଅଛନ୍ତି ଯିଏ ଭାରତୀୟ ପୂର୍ବପୁରୁଷଙ୍କ ମହିମାରେ ବିଶ୍ୱାସ କରନ୍ତି ଏବଂ ସମ୍ମାନ କରନ୍ତି, ସେପର୍ଯ୍ୟନ୍ତ ଭାରତ ଏକ ହିନ୍ଦୁ ରାଷ୍ଟ୍ର ହୋଇ ରହିବ । ତାଙ୍କ ଭାଷଣ ସମୟରେ, ମୋହନ ଭାଗବତ ଆହୁରି କହିଥିଲେ ଯେ ଯଦି ସଂସଦ ସମ୍ବିଧାନରେ ସଂଶୋଧନ କରି



ଏହି ଶବ୍ଦ ଯୋଡେ, ତାହା ଅପ୍ରାସଙ୍ଗିକ, କାରଣ ଏହି ଶବ୍ଦ ଆମକୁ ପ୍ରଭାବିତ କରେ ନାହିଁ । ଆମେ ହିନ୍ଦୁ ଏବଂ ଆମର ଦେଶ ଏକ ହିନ୍ଦୁ ରାଷ୍ଟ୍ର, ଏହା ସତ୍ୟ । ଜନ୍ମ ଉପରେ ଆଧାରିତ ଜାତି ବ୍ୟବସ୍ଥା ହିନ୍ଦୁତ୍ୱର ଲକ୍ଷଣ ନୁହେଁ ।

ଆରଏସଏସ ମୁଖ୍ୟ ଆହୁରି କହିଛନ୍ତି ଯେ 'ଧର୍ମନିରପେକ୍ଷ' ଶବ୍ଦଟି ମୂଳତଃ ସମ୍ବିଧାନର ପ୍ରସ୍ତାବନାର ଅଂଶ ନଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ଜରୁରୀକାଳୀନ ପରିସ୍ଥିତି ସମୟରେ ସମ୍ବିଧାନ (୪୨ତମ ସଂଶୋଧନ) ଆଇନ, ୧୯୭୬ ଦ୍ୱାରା 'ସମାଜବାଦୀ' ଶବ୍ଦ ସହିତ ଯୋଡା ଯାଇଥିଲା ।

# ମନ୍ଦିର ବାହାରେ ଭିକାରି ବେଶରେ ହତ୍ୟାକାରୀ, ଧରିଲା ପୁଲିସ

ଜୟପୁର : ପୁଲିସକୁ ଚକମା ଦେବାକୁ ଭିକାରି ବେଶରେ ମନ୍ଦିର ବାହାରେ ଭିକ ମାଗୁଥିଲେ । ନିଜକୁ ନିରୀହ ଦର୍ଶାଇବା ସହ କେଶ କାଟି ଦେଇଥିଲେ । ହେଲେ ରାଜସ୍ଥାନ ପୁଲିସର ଜଣେ କନେଷ୍ଟବଳଙ୍କ ଯୋଗୁଁ ଏବେ ଜଣେ କୁଖ୍ୟାତ ଅପରାଧୀ ଧରାପଡ଼ିଛନ୍ତି । ଏହି ଅପରାଧୀଙ୍କ ମୁଣ୍ଡ ଉପରେ ୫୦୦୦୦ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଅପରାଧୀ ଜଣକ ନିଜକୁ ଛଦ୍ମବେଶରେ ରଖି ପୁଲିସକୁ ଠକିବାକୁ ସବୁବେଳେ ଚେଷ୍ଟା କରୁଥିଲା । ତେବେ ଶେଷରେ ପୁଲିସ ଅଭିଯୁକ୍ତ ଦୀପକ ମାଲାସାରିଆଙ୍କୁ ଗିରଫ କରିଛି । ପୁଲିସ ତାଙ୍କୁ ଏପରି ଅବସ୍ଥାରେ ଗିରଫ କରିଥିଲା ଯାହାକୁ ନେଇ ଏବେ ସ୍ଥାନୀୟ ଲୋକ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।

ସେ ଜୟପୁରର ଖୋଲେରେ



ହନୁମାନଙ୍କ ମନ୍ଦିର ବାହାରେ ଚିରା ପୋଷାକ ଏବଂ ଅଧା ଲଣ୍ଡା ହୋଇ ଭିକ୍ଷା ମାଗୁଥିଲା । ପୁଲିସର କହିବା ଅନୁଯାୟୀ, କେହି ଯେମିତି ତାଙ୍କୁ ସନ୍ଦେହ ନ କରିବେ ସେଥିପାଇଁ

ଦୀପକ ତାଙ୍କର ଅଧା କେଶ କାଟି ଦେଇଥିଲେ, ଏପରିକି ଚିରା ପୋଷାକ ପିନ୍ଧିବା ସହ ଅନ୍ୟ ଭିକାରିଙ୍କ ସହ ରହୁଥିଲେ । ତେବେ ଏହି ଅପରାଧୀଙ୍କ ବାବଦରେ ଗୁଇନ୍ଦା ସୂଚନା ପାଇବାପରେ ଝୁନଝୁନୁ ପୁଲିସର ଏକ ଟିମ ସାଧାରଣ ନାଗରିକ ଭାବରେ ନିଜକୁ ପରିଚୟ ଦେଇ ମନ୍ଦିର ପରିସରରେ ୪୮ ଘଣ୍ଟା ଧରି ନଜର ରଖିଥିଲେ ।

କନଷ୍ଟେବଲ୍ ପ୍ରବୀଣ ଅନେକ ଭିକାରିଙ୍କ ମଧ୍ୟରେ ଦୀପକଙ୍କୁ ଚିହ୍ନିପାରିଥିଲେ ଏବଂ ପୁଲିସ ଟିମ ତାଙ୍କୁ ଘେରି ଗିରଫ କରିଥିଲା । ଦୀପକ ମାଲାସାରିଆଙ୍କ ବିରୁଦ୍ଧରେ ହତ୍ୟା, ଅପହରଣ ଏବଂ ଡକାୟତି ସମେତ ଆଠରୁ ଅଧିକ ଗୁରୁତର ଅଭିଯୋଗ ରହିଛି । ପୁଲିସ ତାଙ୍କୁ ଦୀର୍ଘ ସମୟ ଧରି ଅନେକ ମାମଲା ପାଇଁ ଖୋଜୁଥିଲା ଶେଷରେ ଗିରଫ କରିଛି । ପୁଲିସ କହିଛି ଯେ ଦୀପକ ଦିନରେ ମନ୍ଦିର ବାହାରେ ଭିକ ମାଗୁଥିବାବେଳେ ରାତିରେ କିନ୍ତୁ ଅପରାଧ କରୁଥିଲା । ୧୯ ଅକ୍ଟୋବର, ୨୦୨୫ ରାତିରେ, ଦୀପକ ଓ ତା'ର ସହଯୋଗୀ ତିନୋଟି ଗାଡ଼ିରେ ଆସି ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ମୁନରେ ଅପହରଣ କରିଥିଲେ ଏବଂ ପରେ ହତ୍ୟା କରିଥିଲେ । ତାଙ୍କୁ ଲୁହା ପାଇପ୍ ଏବଂ ରଡ୍ ସାହାଯ୍ୟରେ ପିଟି ହତ୍ୟା କରାଯାଇଥିଲା । ପରେ, ତାଙ୍କର ସୁନା ଚେନ୍ ଏବଂ ୩ ଲକ୍ଷ ଟଙ୍କା ଲୁଟି ନିଆଯାଇଥିଲା । ଏନେଇ ତଦନ୍ତ ବେଳେ ପୁଲିସ ଦୀପକର ସମ୍ପୃକ୍ତି ବାବଦରେ ଜାଣିବାକୁ ପାଇଥିଲା ଆଉ ସେହିଦିନଠାରୁ ଖୋଜୁଥିଲା । ଶେଷରେ ଭିକାରି ବେଶରେ ଦୀପକକୁ ଏବେ ପୁଲିସ ଧରିଛି ।

# ମୁହାଁମୁହିଁ ହେବେ ଗିଲ-ସୂର୍ଯ୍ୟକୁମାର

ନୂଆଦିଲ୍ଲୀ, ୨୨।୧୨(ଏଜେନ୍ସି) : ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା ପରେ ଯେମିତି ସୋସିଆଲ ମିଡ଼ିଆରେ ଶୁବମନ ଗିଲ ଏବଂ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ପୋଷ୍ଟ କଣ୍ଟେଷ୍ଟ ଲାଗି ଯାଇଛି । ଉଭୟଙ୍କ ପ୍ରଶଂସକ ନିଜ ନିଜ ପ୍ରିୟ ଖେଳାଳିଙ୍କୁ ନେଇ ନାନା ପ୍ରକାର ପୋଷ୍ଟ କରୁଛନ୍ତି । କାରଣ ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଗିଲଙ୍କୁ ସ୍ଥାନ ମିଳି ନଥିବା ବେଳେ ସୂର୍ଯ୍ୟକୁମାରଙ୍କୁ ଅଧିନାୟକ କରାଯାଇଛି । ଆଉ ଯାହାକୁ ଗିଲଙ୍କ ଫ୍ୟାନ୍ ସହଜରେ ଗ୍ରହଣ କରିପାରୁନାହାନ୍ତି । ଆଉ ଏମିତି ସ୍ଥିତିରେ ଗିଲ ଏବଂ ସୂର୍ଯ୍ୟକୁମାରଙ୍କୁ ନେଇ ଏକ ବଡ଼ ଅପଡେଟ୍ ଆସିଛି । ବିଶ୍ୱକପ୍ ଇନ-ଆଉଟ କେଁ ଭିତରେ ଉଭୟ ପଡ଼ିଆରେ ମୁହାଁମୁହିଁ ହେବାକୁ ଯାଉଛନ୍ତି । ଆଜ୍ଞା ହଁ ଗିଲ ଏବଂ ସୂର୍ଯ୍ୟକୁମାର ବିଜୟ ହଜାରେ ଟ୍ରଫିରେ ସାମ୍ନାସାମ୍ନି ହେବେ । ଖବର ଅନୁସାରେ ଜାନୁଆରୀ ୬ ଓ ୮ ତାରିଖରେ ସୂର୍ଯ୍ୟକୁମାର ବିଜୟ ହଜାରେ ଟ୍ରଫିରେ ମୁମ୍ବାଇ ଟିମରୁ ଖେଳିବା ସ୍ପଷ୍ଟ ହୋଇଛି । ଆଉ ୮ ଜାନୁଆରୀରେ ମୁମ୍ବାଇର ଟକ୍କର ପଞ୍ଜାବ ସହ ରହିଛି । ଅର୍ଥାତ ମୁମ୍ବାଇରୁ ସୂର୍ଯ୍ୟକୁମାର ଏବଂ ପଞ୍ଜାବରୁ ଗିଲଙ୍କ ମଧ୍ୟରେ ପଡ଼ିଆରେ ଟକ୍କର ଦେଖିବାକୁ ମିଳିବ ।





ମୁମ୍ବାଇ ଟିମରେ ଦୁଇଟି ପରିବର୍ତ୍ତନ

ମୁମ୍ବାଇ ବିଜୟ ହଜାରେ ଟ୍ରଫିର ଆରମ୍ଭ ଡିସେମ୍ବର ୨୪ ତାରିଖରୁ ଜୟପୁରରୁ କରିବ । ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଖବର ମିଳିଛି ମୁମ୍ବାଇ ଟିମରେ ଦୁଇ ଜଣ ବଡ଼ ଖେଳାଳି ଖେଳିବେ । ଟି-୨୦ ବିଶ୍ୱକପ୍ ସ୍କ୍ୱାର୍ଡରେ ସ୍ଥାନ ପାଇଥିବା ସୂର୍ଯ୍ୟକୁମାରଙ୍କ ସହ ଶିବମ ଦୁବେ ଏହି ଦୁଇଟି ମ୍ୟାଚରେ ମୁମ୍ବାଇର ପ୍ଲେଇଂ ଇଲେଭେନରେ ରହିବେ ବୋଲି ମୁମ୍ବାଇ କ୍ରିକେଟ ଆସୋସିଏସନ ସ୍ପଷ୍ଟ କରିଛି । ଆସୋସିଏସନର ଅଧିକାରୀ କହିଛନ୍ତି, ସୂର୍ଯ୍ୟକୁମାର ଏବଂ ଦୁବେ ଆମକୁ ୬ ଓ ୮ ତାରିଖ ମ୍ୟାଚ୍ ଖେଳିବାକୁ କହିଛନ୍ତି । ସେମାନଙ୍କ ନାଁ ମୁମ୍ବାଇ ଟିମରେ ସାମିଲ କରାଯିବ । ରୋହିତ ଶର୍ମା ଲିଗର ଦୁଇଟି ମ୍ୟାଚ୍ ଖେଳିବେ । ସିକ୍କିମ ଓ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚରେ ରୋହିତ ଖେଳି ପାରନ୍ତି । ଯାହା ୨୪ ଓ ୨୬ ଡିସେମ୍ବରକୁ ଖେଳାଯିବ ।

ସୂର୍ଯ୍ୟକୁମାର-ଗିଲଙ୍କ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ବିଜୟ ହଜାରେ ଟ୍ରଫି ?

ବିଜୟ ହଜାରେ ଟ୍ରଫି ଉଭୟ ଶବମନ ଗିଲ ଏବଂ ସୂର୍ଯ୍ୟକୁମାର ଯାଦବଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି । କାରଣ ଉଭୟ ଏବେ ଖରାପ ଫର୍ମରେ ରହିଛନ୍ତି । ୨୦୨୫ରେ ଗିଲ ଗୋଟିଏ ବି ଟି-୨୦ରେ ଅର୍ଦ୍ଧଶତକ ଲଗାଇ ନାହାନ୍ତି । ଆଉ ଏହାର ଫଳ ତାଙ୍କୁ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ୍ ଟିମରୁ ବାହାର ହୋଇ ଚୁକାଇବାକୁ ପଡ଼ିଛି । ସେହିପରି ଗତ ଦୁଇ ବର୍ଷ ହେବ ଟି-୨୦ ଫର୍ମାଟରେ ସୂର୍ଯ୍ୟକୁମାର ଫ୍ଲପ୍ ହୋଇ ଚାଲିଛନ୍ତି । ଏମିତି ସ୍ଥିତିରେ ବିଶ୍ୱକପ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଫର୍ମକୁ ଫେରିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ।

### ବିସିସିଆଇ ଦେଲା ଅନୁମତି

# ବିଦେଶୀ ଲିଗରେ ଭାଗ ନେବେ ଭାରତୀୟ ଖେଳାଳି

ନୂଆଦିଲ୍ଲୀ, ୨୨।୧୨(ଏଜେନ୍ସି) : ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ଲିଗଭାବେ ଜଣାଶୁଣା ଆଇପିଏଲ ହେବାକୁ ଆହୁରି ତିନି ମାସ ବାକି ରହିଛି । ଏହାରି ଭିତରେ ମିନି ଅକ୍ସନ ସରିଥିବାବେଳେ ସମସ୍ତ ଦଳ ଟ୍ରଫି ହାତେଇବା ଲାଗି ନିଜର ରଣନୀତି ପ୍ରସ୍ତୁତ କରୁଛନ୍ତି । ତେବେ ଭାରତୀୟ ଖେଳାଳିମାନେ ବିଦେଶୀ ଲିଗରେ ଭାଗ ନେଉନାହାନ୍ତି । ତେବେ ଆଇପିଏଲ ପୂର୍ବରୁ ବିଦେଶରେ ଖେଳାଯାଉଥିବା ଲିଗରେ ଭାରତୀୟ ଖେଳାଳି ନଜର ଆସିବେ ! ତେବେ କହି ରଖୁଛୁ କି, ସାଉଥଆଫ୍ରିକାରେ ଖେଳା ଯାଉଥିବା ଏସଏ-୨୦ ରେ ଲକ୍ଷ୍ନୌର କିଛି ବୋଲରମାନେ ନଜର ଆସିବେ । ତେବେ ସେମାନେ ଏହି ଲିଗରା ଖେଳିବେ ନାହିଁ । ବରଂ ବୋଲରମାନେ ନିଜର ଦକ୍ଷତା ପାଇଁ ଏହି ଲିଗରେ ଯାଇ ଦକ୍ଷତା ବୃଦ୍ଧି ପାଇଁ ଅଭ୍ୟାସ କରିବେ । ଲକ୍ଷ୍ନୌ ଫ୍ରାଞ୍ଚାଇଜର ଏକ ଟିମ ସେଠାରେ ଖେଳୁଛି । ଏଣୁ ସେମାନେ ସାଥୀ ଖେଳାଳିଙ୍କ ସହ ଅଭ୍ୟାସ କରିପାରିବେ । ଆଭେସ୍ ଖାନ୍ ଏବଂ ମହସିନ୍ ଖାନଙ୍କ ଭଳି ଖେଳାଳିଭାବେ ଏବେ ଭାଗ ନେଇପାରନ୍ତି ।



ତେବେ ଯଦିଓ ଏନେଇ ଏଯାବତ ବିସିସିଆଇ କୌଣସି ହଁ କରିନାହିଁ ତଥାପି ଏମାନେ ଅଭ୍ୟାସ ପାଇଁ ଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି । ସେପଟେ ବିସିସିଆଇ ନିୟମ ଅନୁସାରେ ଯେଉଁମାନେ କଣ୍ଟ୍ରାକ୍ଟରେ ନାହାନ୍ତି କିମ୍ବା କୌଣସି ରାଜ୍ୟ ପାଇଁ ଖେଳୁ ନାହାନ୍ତି ଅଭ୍ୟାସ କରିବା ପାଇଁ ବାହାରକୁ ଯାଇପାରିବେ ।

# ସର୍ବଭାରତୀୟ ବେସାମରିକ ଟେବୁଲଟେନିସ ପ୍ରତିଯୋଗୀତା

ଚଣ୍ଡୀଗଡ, ୨୨।୧୨(ସବ୍ୟୁ) : ଚଣ୍ଡୀଗଡ ସ୍ଥିତ ସେକ୍ଟର -୨୩ ଟେବୁଲଟେନିସ ହଲଠାରେ ଆସନ୍ତା ଜାନୁଆରୀ ୧୨ ରୁ ୧୬ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଟେବୁଲଟେନିସ (ଉଭୟ ପୁରୁଷ ଏବଂ ମହିଳା) ପ୍ରତିଯୋଗିତା ୨୦୨୫-୨୬ ଅନୁଷ୍ଠିତ ହେବ। ଏଥିପାଇଁ ଖେଳାଳୀ ଚୟନ ପ୍ରକ୍ରିୟା ଆସନ୍ତା ୨୫ (ଗୁରୁବାର) ଅପରାହ୍ନ ୪.୩୦ ମିନିଟ୍ ସମୟରେ ସ୍ଥାନୀୟ ଭୁବନେଶ୍ୱର ଲକ୍ଷ୍ମୀସାଗର ସ୍ଥିତ ଓଡିଶା ଟେବୁଲ୍ ଏକାଡେମୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ଖେଳରେ କେବଳ ନିୟମିତ ସରକାରୀ ଚାକିରୀରେ ଥିବା ବ୍ୟକ୍ତିମାନେ ଭାଗନେଇପାରିବେ। ଏହି ଖେଳରେ ଯେଉଁମାନେ ଭାଗନେବାକୁ ଚାହାଁନ୍ତି ସେମାନେ ନିଜର ସେବା ପୁସ୍ତିକାର ପ୍ରଥମପୃଷ୍ଠା ଏବଂ ବିଭାଗ/ଅଫିସ ପରିଚୟପ୍ରତ ସହ ଏକ ପାସପୋଟ ସାଇଜ୍ ଫଟୋ ସାଙ୍ଗରେ ଆଣିକି ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରି ଚୟନପ୍ରକ୍ରିୟାରେ ଭାଗନେଇପାରିବେ।

# ଜାତୀୟ ସାଇକ୍ଲିଂ : ଓଡ଼ିଶାକୁ ଆଉ ୨ ପଦକ

ଭୁବନେଶ୍ୱର, ୨୨।୧୨(ସବ୍ୟୁ) : ଉତ୍ତରାଖଣ୍ଡର ରୁଦ୍ରପୁରଠାରେ ଆୟୋଜିତ ୭୭ତମ ଜାତୀୟ ବରିଷ୍ଠ ଏବଂ ୫୪ତମ କନିଷ୍ଠ ତଥା ୪୦ତମ ଉପକନିଷ୍ଠ ଟ୍ରାକ୍ ସାଇକ୍ଲିଂ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ସଫଳ ପ୍ରଦର୍ଶନ ଜାରି ରହିଛି। ବରିଷ୍ଠ ମହିଳା ଦଳଗତ ସ୍ପ୍ରିଣ୍ଟରେ ସ୍ୱସ୍ତି ସିଂହ, ରେଜିଆ ଦେବୀ ଓ ବର୍ଷାରାଣୀ ବଡ଼ାଇକଙ୍କୁ ନେଇ ଗଠିତ ରାଜ୍ୟ ଦଳ ରୌପ୍ୟ ପଦକ ହାସଲ କରିଛି। ସେହିଭଳି ୨ କିଲୋମିଟର ବ୍ୟକ୍ତିଗତ ପର୍ସୁଟ୍ (ଯୁବ)ରେ କଳିଙ୍ଗ ଷ୍ଟାଡିୟମ ସ୍ଥିତ ଓଡ଼ିଶା ସାଇକ୍ଲିଂ ଏକାଡେମିର ପ୍ରଶିକ୍ଷାର୍ଥୀ ସସ୍ମିତା ପଣ୍ଡା ରୌପ୍ୟ ପଦକ ଜିତି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।ସେ ମଧ୍ୟ ରାଜ୍ୟ ସାଇକ୍ଲିଂର ନୂଆ ସମ୍ଭାବନା ଭାବେ ହୋଇଛନ୍ତି। ଶନିବାର ବରିଷ୍ଠ ମହିଳା ଦଳଗତ ୪ କିଲୋମିଟର ପର୍ସୁଟରେ ସ୍ୱସ୍ତି ସିଂହ, ରେଜିଆ ଦେବୀ, ମଧୁସ୍ମିତା ବଡ଼ାଇକ, ବର୍ଷାରାଣୀ ବାରିକ ଓ ମନୀଷା ଦାସଙ୍କୁ ନେଇ ଗଠିତ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେହିଭଳି ୧ କିଲୋମିଟର ଏଲିଟ୍ ମହିଳା ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍ ଇଭେଣ୍ଟରେ ବର୍ଷାରାଣୀ ବାରିକ କାଂସ୍ୟ ପଦକ ଜିତିଥିଲେ। ରବିବାରର ୨ପଦକ ସହ ଓଡ଼ିଶାର ମୋଟ ପଦକ ସଂଖ୍ୟା ୪କୁ ବଢ଼ିଛି।

# ଆଜିଠାରୁ ସର୍ବଭାରତୀୟ ସଖା ସଂଘ ଫୁଟବଲ ଟୁର୍ଣ୍ଣାମେଣ୍ଟ

ନିରାକାରପୁର, ୨୨/୧୨ (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚଳିତ ବର୍ଷ ୩୨ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହେବାକୁ ଯାଉଛି। ସର୍ବଭାରତୀୟ ସ୍ତରର ବିଭିନ୍ନ ବଛା ବଛା ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଆଜିର ଉଦଘାଟନୀ ମ୍ୟାଚ୍ ଏଫ ଏଫ୍ ଏ ମଣିପୁର ବନାମ ଶବର ସ୍ପୋର୍ଟିଂ ଭୁବନେଶ୍ୱର, ୨୪ ତାରିଖରେ ଏସ ପି ଏମ୍ ବିଶାଖାପାଟଣା ବନାମ ପପୁଲାର ଫୁଟବଲ କ୍ଲବ ,ଢେଙ୍କାନାଳ, ୨୫ ତାରିଖରେ ସେଞ୍ଚୁରିଆନ ଫୁଟବଲ କ୍ଲବ, ନାଇଜେରିଆ ବନାମ ଧାନବାଦ ଫୁଟବଲ କ୍ଲବ, ଝାଡ଼ଖଣ୍ଡ, ୨୬ ତାରିଖରେ ହିନ୍ଦୁସ୍ଥାନ ହିରୋସ ଫୁଟବଲ କ୍ଲବ, କଲିକତା ଓ ସି ଭି ରମଣ ଆଫ୍ରିକିଆନ ପ୍ରମୁଖ ଦଳ ଖେଳିବା ନିମନ୍ତେ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡିଛି। ୨୭ ତାରିଖରେ ପ୍ରଥମ ସେମିଫାଇନାଲ, ୨୮ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଓ ୨୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସ୍ପଷ୍ଟ କରାଯାଇଛି।




## ତ୍ରିଦିବସୀୟ ସଂସଦୀୟ କ୍ରୀଡା ମହୋତ୍ସବ

ନବରଙ୍ଗପୁର: ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିୟମ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ତ୍ରିଦିବସୀୟ ସାଂସଦୀୟ ଖେଳ ମହୋତ୍ସବ ଉଦଘାଟିତ ହୋଇଛି । ସଂଯୋଜକ ତଥା ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ସଭାପତିତ୍ୱ କରି କ୍ରୀଡାବିତ୍ ମାନେ ନିଜ ମଧ୍ୟରେ ଲୁକ୍କାୟିତ ରହିଥିବା କ୍ରୀଡା ନୈପୁଣ୍ୟତାକୁ ପରିସ୍ଫୁଟିତ କରିବାକୁ ଏହା ଉତ୍ତମ ବାଟ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବରଙ୍ଗପୁର ସାଂସଦ ଇଂ .ବଳଭଦ୍ର ମାଝି ଯୋଗ ଦେଇ ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ଗ୍ରାମାଂଚଳର ଲୁକ୍କାୟିତ କ୍ରୀଡାବିତଙ୍କୁ ଅଲମ୍ପିକ୍ସରେ ସାମିଲ କରାଇବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟରେ ନିଶ୍ଚିତ ରୁପେ ନବରଙ୍ଗପୁର ସଂସଦୀୟ କ୍ଷେତ୍ରର କ୍ରୀଡାବିତ୍ ମାନେ ସଫଳତା ହାସଲ କରିବେ ସେ ଆଶା ତାଙ୍କର ରହିଛି ବୋଲି ସାଂସଦ ଇଂ.ମାଝୀ କହିଥିଲେ। ବିଶିଷ୍ଟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ସଂସଦୀୟ କ୍ଷେତ୍ରର ନାଁ ରଖି ଗୌରାବାନ୍ୱିତ କରିବେ ବୋଲି ଆଶା ପ୍ରକଟ କରିଥିଲେ।

# ବିବାହ ଭାଙ୍ଗିଯିବା ପରେ ମନ୍ଦିରରେ ନଜର ଆସିଲେ ସ୍ମୃତି ମନ୍ଧାନା

ବିଶାଖାପାଟଣା, ୨୨।୧୨(ସବ୍ୟୁ): ପ୍ରଭୁଙ୍କ ଶରଣରେ ସ୍ମୃତି ମନ୍ଧାନା । ବିବାହ ଭାଙ୍ଗିଯିବା ପରେ ନିଜକୁ ବୁଝାଇ ଠାକୁରଙ୍କ ଶରଣରେ ପଶିଛନ୍ତି ଭାରତୀୟ ମହିଳା ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା । ଆନ୍ଧ୍ରର ଏକ ମନ୍ଦିରରେ ନିଦ ଦଳର ସଦସ୍ୟଙ୍କ ସହ ନଜର ଆସିଛନ୍ତି ସ୍ମୃତି । ସେଠାରେ ସେ ପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି । ତେବେ ଭାରତୀୟ ମହିଳା ଦଳର ସଦସ୍ୟମାନେ ଆଜି ବିଶାଖାପାଟଣାର ଶ୍ରୀ ବରାହ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିଲେ ଏବଂ ସେଠାରେ ପୂଜାର୍ଚ୍ଚନା କରିଥିଲେ। ଭାରତ ଏବଂ ଶ୍ରୀଲଙ୍କା ମହିଳା ଦଳ ମଧ୍ୟରେ ଟି-୨୦ ସିରିଜ ଚାଲିଛି। ପ୍ରଥମ ମ୍ୟାଚ୍ ରବିବାର ବିଶାଖାପାଟଣାରେ ଖେଳାଯାଇଥିଲା ଏବଂ ଦ୍ୱିତୀୟ ଟି-୨୦ ମ୍ୟାଚ୍ ମଙ୍ଗଳବାର ସେହି ପଡ଼ିଆରେ ଖେଳାଯିବ। ତେଣୁ ଆଜି ସୋମବାର ଫାଙ୍କା ଥିବାରୁ ମନ୍ଦିର ପରିଦର୍ଶନ କରିଛନ୍ତି ପୂରା ଟିମ୍ । ପଣ୍ଡିତମାନେ ଭାରତୀୟ ଦଳର ସଦସ୍ୟଙ୍କ ପାଇଁ ପୂଜାର୍ଚ୍ଚନା କରିଥିଲେ। ଦଳର ସଦସ୍ୟମାନେ ବି ସମ୍ପୂର୍ଣ୍ଣ ନିଷ୍ଠାର ସହିତ ପୂଜା କରୁଛନ୍ତି। ବିବାହ ଭାଙ୍ଗିଯିବା ପରେ ମୁହଁ ଖୋଲି ସ୍ମୃତି କହିଥିଲେ- ଗତ ୧୨ ବର୍ଷ ମଧ୍ୟରେ ସେ ଯେଉଁ ଗୋଟିଏ କଥା ସବୁଠାରୁ ଭଲ ଭାବରେ ବୁଝିପାରିଛନ୍ତି, ତାହା ହେଉଛି ସେ କ୍ରିକେଟ୍ ଅପେକ୍ଷା ଅନ୍ୟ କୌଣସି ଜିନିଷକୁ ଅଧିକ ଭଲ ପାଆନ୍ତି ନାହିଁ। ପଲାଶ ମୁଚ୍ଛଲଙ୍କ ସହ ବିବାହ ଭାଙ୍ଗିବା ପରେ ମନ୍ଧାନା ପ୍ରଥମ ଥର ପାଇଁ ସର୍ବସାଧାରଣରେ ନଜର ଆସି ଏପରି କହିଥିଲେ । ୭ ଡିସେମ୍ବରରେ ସେ ଏକ ପୋଷ୍ଟ ମାଧ୍ୟମରେ ନିଜ ବିବାହ ଭାଙ୍ଗିବା ନେଇ ସ୍ପଷ୍ଟ କରିଥିଲେ। ଆଉ ପରେ ମ୍ୟାଚ୍ ପାଇଁ ଜୋରଦାର ପ୍ରସ୍ତୁତି କରିଥିଲେ । ଯାହାର ଭିଡ଼ିଓ ଭାଇରାଲ ହେଇଥିଲା ।



# ପୁଣି ହଟହଟା ହେଲେ ଏସିସି ମୁଖ୍ୟ ମୋହସିନ ନକଭି

ଇସଲାମବାଦ, ୨୨।୧୨ (ଏଜେନ୍ସି) : ଏସୀୟ କ୍ରିକେଟ ପରିଷଦର ସଭାପତି ମୋହସିନ ନକଭି ରବିବାର ଦିନ ପୁଣି ଥରେ ହଟହଟା ହୋଇଛନ୍ତି । ପାକିସ୍ତାନ ଦଳ ୧୯ ବର୍ଷରୁ କମ ଏସିଆ କପ ଟ୍ରଫିର ବିଜେତା ହୋଇଥିବାବେଳେ ଭାରତ ଉପବିଜେତା ବା ରନର୍ସ ଅପ ହୋଇଛି । କିନ୍ତୁ ଏଥର ମଧ୍ୟ ଭାରତୀୟ ଦଳ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଛି ।

ଭାରତୀୟ ଦଳ ଫାଇନାଲ ମ୍ୟାଚ୍ ପରେ ମଞ୍ଚକୁ ମଧ୍ୟ ଯାଇ ନଥିଲା, ବରଂ ପୋଡିୟମ ନିକଟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ଆସୋସିଏଟ୍ ସଦସ୍ୟ ନିର୍ଦ୍ଦେଶକ ମୁବାଶିର ଉସମାନିଙ୍କଠାରୁ ସେମାନଙ୍କର ପଦକ ଗ୍ରହଣ କରିଥିଲା। ଗତ ସେପ୍ଟେମ୍ବର ମାସରେ ହୋଇଥିବା ସିନିୟର ଏସିଆ କପରେ ଭାରତ ଚାମ୍ପିୟନ ହେବା ପରେ ନକଭିଙ୍କଠାରୁ ଟ୍ରଫି ନେବାକୁ ମନା କରିଦେଇଥିଲା । ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଥିଲା ଓ ବିବାଦ ଏବେ ବି ଜାରି ରହିଛି ଓ ଟ୍ରଫି ଭାରତ ହାତକୁ ଫେରିନାହିଁ । ବିସିସିଆଇର ଚାପ ସତ୍ତ୍ୱେ ନକଭି ଏବେ ବି ଟ୍ରଫିକୁ ଭାରତକୁ ପ୍ରଦାନ କରିନାହାନ୍ତି ।



୧୯ ବର୍ଷରୁ କମ ପୁରୁଷ ଦିନିକିଆ ଏସିଆ କପରେ ଭାରତକୁ ୧୯୧ ରନରେ ଶୋଚନୀୟଭାବେ ପରାସ୍ତ କରିଛି ପାକିସ୍ତାନ । ଏହି ମ୍ୟାଚର ପାକିସ୍ତାନ ପକ୍ଷରୁ ଭାରତ ଆଗରେ ୩୪୮ ରନର ଏକ ବିଶାଳ ଲକ୍ଷ୍ୟ ରଖିଥିଲେ ବି ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୫୬ ରନ କରି ଅଲଆଉଟ ହୋଇଯାଇଥିଲା ।

# ଟି -୨୦ କ୍ରିକେଟ, ସାଇ ଇଲେଭେନ ସେମିରେ

କୁଜଙ୍ଗ, ୨୨।୧୨ (ସବ୍ୟୁ): କୁଜଙ୍ଗ ଆଥଲେଟିକ କ୍ଲବ୍ ପକ୍ଷରୁ ସୋମବାର ଠାରୁ ଆରମ୍ଭ ହୋଇଥିବା ଟି ୨୦ କ୍ରିକେଟ ମ୍ୟାଚ୍ ରେ ଭୁବନେଶ୍ୱରର ସାଇ ଇଲେଭେନ୍ ସେମିଫାଇନାଲକୁ ପ୍ରବେଶ କରିଛି । ସାଇ ଇଲେଭେନ୍ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଥିଲେ । ୨୦ ଓଭର ଖେଳି ଚାରି ୱିକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ କଟକର ମା ମଙ୍ଗଳା ୨୦ ଓଭର ଖେଳି ୧୩୨ ରନରେ ଅଲ୍ ଆଉଟ୍ ହୋଇଯାଇଥିଲେ। ଭୁବନେଶ୍ୱରର ସାତ୍ତ୍ୱିକ ସାବତ ଶତାଧିକ ରନ ସଂଗ୍ରହ କରିଥିବା ବେଳେ ଦୁଇଟି ୱିକେଟ ନେଇଥିଲେ। ଆଜିର ମ୍ୟାଚ୍‌ରେ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। କୁଜଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ଚେତନା ପୁରୋହିତ ଓ କାନାରା ବ୍ୟାଙ୍କର ଶାଖା ପରିଚାଳକ ସନ୍ଦୀପ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ପଡିଆ ରେ ଭେଟିଥିଲେ। ରଶ୍ମି ରଞ୍ଜନ ମହାପାତ୍ର ଓ ସଞ୍ଜୟ ପ୍ରଧାନ ଅମ୍ପାୟାର ଦାୟି ତୁଲାଇଥିଲେ। କ୍ରୀଡାବି ସୂର୍ଯ୍ୟକାନ୍ତ ମଲ୍ଲିକ (ରଷିଆ)ଙ୍କ ବିୟୋଗରେ ଏକ ଶୋକ ସଭା କ୍ରୀଡ଼ାପ୍ରେମୀ ମାନେ ଆୟୋଜନ କରିଥିଲେ। ସମସ୍ତ କ୍ରୀଡାବି ମାନେ କଳା ଷ୍ଟିକର ପରିଧାନ କରି ତାଙ୍କ ଉଦ୍ଦେଶ୍ୟ ରେ ନୀରବ ପ୍ରାର୍ଥନା କରିଥିଲେ। ଅନୁଷ୍ଠାନର ସଭାପତି ଦିଲ୍ଲୀପ ସାହୁ, ପ୍ରଶାନ୍ତ ପଟ୍ଟନାୟକ, ପ୍ରଦ୍ୟୁମ୍ନ କିଶୋର ପଟ୍ଟନାୟକ, ବିଶ୍ୱନାଥ ମଲ୍ଲିକ, ସୁରେଶ ଲେଙ୍କା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେଛ ଆସନ୍ତା ୨୮ ତାରିଖ ଦିନ ମ୍ୟାଚ୍ ଉଦଯାପିତ ହେବ, ମହିଳା ମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ୨୯ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ମାନେ ଜଣାଇଛନ୍ତି।

# ରୋହିତ ଶର୍ମାଙ୍କଠାରୁ ଶୁଭମନ ଗିଲ୍ କ'ଣ ଶିଖିପାରିବେ

ମୁମ୍ବାଇ, ୨୨।୧୨(ଏଜେନ୍ସି) : କିଛି ମାସ ପୂର୍ବରୁ ସମଗ୍ର ଫର୍ମାଟରେ ଭାରତର ଭବିଷ୍ୟତ ଭାବରେ ଦେଖାଯାଉଥିବା ଶୁଭମନ ଗିଲ୍ ଏବେ ଏକ ବିରଳ ବିରାମର ସମ୍ମୁଖୀନ ହୋଇଛନ୍ତି। ତାଙ୍କର ଟି-୨୦ ବିଶ୍ୱକପ୍ ବାଦ ପଡ଼ିବା କଷ୍ଟକର, କିନ୍ତୁ ଇତିହାସ ସୂଚାଇ ଦିଏ ଯେ ବିଫଳତା ନେତାମାନଙ୍କୁ ନିର୍ବିଘ୍ନ ଆରୋହଣ ଅପେକ୍ଷା ଅଧିକ ଗଠନ କରେ।

ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି, ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସହିତ, ଶନିବାର, ଡିସେମ୍ବର ୨୦ ରେ ଘୋଷଣା କରାଯାଇଥିବା ଭାରତର ଟି-୨୦ ବିଶ୍ୱକପ୍ ଦଳ ପାଇଁ ପୂର୍ଣ୍ଣ ସଂଖ୍ୟା ପାଇବାର ଯୋଗ୍ୟ। ଏହାର ନିର୍ମାଣରେ ଛିଦ୍ର କରିବା କଷ୍ଟକର। ଅଭିଷେକ ଶର୍ମାଙ୍କ ସହିତ ସଞ୍ଜୁ ସାମସନଙ୍କୁ କ୍ରମର ଶୀର୍ଷରେ ପୁନରାବୃତ୍ତି କରାଯିବା ସହିତ, ଭାରତ ଏକ ନିର୍ଭୀକ, ଉଚ୍ଚ-ଅକ୍ଟେନ୍ ପ୍ରାରମ୍ଭିକ ମିଶ୍ରଣ ଉପରେ ଦ୍ୱିଗୁଣିତ ହୋଇଛି - ଏକ ଡବଲ ଇଞ୍ଜିନ୍ ଯାହା ପାୱାରପ୍ଲେରେ ଦଳଗୁଡ଼ିକୁ ଉଡ଼ାଇ ଦେଇପାରିବ ଏବଂ ଏକ ଅତ୍ୟନ୍ତ ପ୍ରତିଭାଶାଳୀ ବ୍ୟାଟିଂ କ୍ରମର ଗଭୀରତାକୁ ଅନଲକ୍ କରିପାରିବ। ଏବଂ ତଥାପି, ତାଲିକାରୁ ଗୋଟିଏ ନାମ ନିଖୋଜ ହେବା ନିଶ୍ଚିତ କରିଥିଲା ଯେ ବିତର୍କ ଅନିବାର୍ଯ୍ୟ ଥିଲା।

ବାଦ ପଡ଼ିବାର ପରିମାଣ ବୁଝିବା ପାଇଁ, କେବଳ କିଛି ମାସ ପଛକୁ ଫେରିବାକୁ ପଡିବ। ଅଗଷ୍ଟ ମାସରେ, ଗିଲ୍ କେବଳ ଭାରତର ଭବିଷ୍ୟତ ଯୋଜନାର ଅଂଶ ନଥିଲେ - ସେ ଯୋଜନା ଥିଲେ। ତାଙ୍କୁ ଆଭ୍ୟନ୍ତରୀଣ ଭାବରେ ପରବର୍ତ୍ତୀ ସମସ୍ତ ଫର୍ମାଟ ଅଧିନାୟକ ଭାବରେ ପ୍ରଚାର କରାଯାଇଥିଲା, ତାଙ୍କ ବୟସର ବହୁତ କମ୍ ଖେଳାଳିଙ୍କୁ ନେତୃତ୍ୱ ଦାୟିତ୍ୱ ଦିଆଯାଇଥିଲା। ନୂତନ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ର ପାଇଁ ତାଙ୍କୁ ଭାରତର ଟେଷ୍ଟ ଅଧିନାୟକ କରାଯାଇଥିଲା। ରୋହିତ ଶର୍ମା ଉପଲବ୍ଧ ଥିବା ସତ୍ତ୍ୱେ ତାଙ୍କୁ ODI ଅଧିନାୟକତ୍ୱ ଦିଆଯାଇଥିଲା, ମାର୍ଚ୍ଚ ମାସରେ ଭାରତକୁ ଚାମ୍ପିଅନ୍ସ ଟ୍ରଫି ବିଜୟ ପାଇଁ ସଦ୍ୟତମ ନେତୃତ୍ୱ ଦେଇଥିଲେ।




ଏଥିରେ କୌଣସି ସନ୍ଦେହ ନ ଥିଲା: ଭାରତୀୟ କ୍ରିକେଟ୍ ବିଶ୍ୱାସ କରିଥିଲା ଯେ ଏହା ଏହାର ପରବର୍ତ୍ତୀ ଷ୍ଟାର ବୟ ପାଇଯାଇଛି, ଫର୍ମାଟଗୁଡ଼ିକରେ ଏହାର ଦୀର୍ଘକାଳୀନ ନେତା।

ସେହି ବିଶ୍ୱାସ ଟି-୨୦ କ୍ରିକେଟରେ ମଧ୍ୟ ନିଷ୍ପତ୍ତିକୁ ଆକାର ଦେଇଥିଲା - ଏବଂ ଏହିଠାରେ ଭାରତ ସଂକ୍ଷେପରେ ନିଜ ସଫଳ ଟେମ୍ପଲେଟ୍ ରୁ ଓହରି ଯାଇଥିଲା। ସାମସନ୍-ଅଭିଷେକ ପ୍ରାରମ୍ଭିକ ଯୋଡ଼ି, ଯେଉଁମାନେ ବିପଦପୂର୍ଣ୍ଣ, ଷ୍ଟ୍ରାଇକ୍-ରେଟ୍-ଚାଳିତ ଆକ୍ରମଣାତ୍ମକ ଉପରେ ସଫଳ ହୋଇଥିଲେ, ଶୀର୍ଷରେ ଗିଲ୍ଙ୍କୁ ସ୍ଥାନ ଦେବା ପାଇଁ ଭାଙ୍ଗି ଦିଆଯାଇଥିଲା। ଏହା ତୁରନ୍ତ ଟି-୨୦ ତର୍କ ଅପେକ୍ଷା ବିଶ୍ୱାସ, ପଦାନୁକ୍ରମ ଏବଂ ଭବିଷ୍ୟତ ଯୋଜନାରେ ମୂଳ ଏକ ପଦକ୍ଷେପ ଥିଲା।

ପ୍ରଶ୍ନଗୁଡ଼ିକ ଅନିବାର୍ଯ୍ୟ ଭାବରେ ଉଠିଲା। କାହିଁକି ଏପରି କିଛି ସଜାଡ଼ିବା ଯାହା ଭାଙ୍ଗି ନଥିଲା? ବିଶେଷକରି ଯେତେବେଳେ ସାମସନ୍ ଓପନର ଭାବରେ କିଛି ସପ୍ତାହ ମଧ୍ୟରେ ତିନୋଟି ଟି-୨୦ ଶତକ ମାରିଥିଲେ।

ଭାରତ ଜିଦ୍ ଧରି ରହିଲା। ଗିଲ୍ ପରୀକ୍ଷଣକୁ ଶୀଘ୍ର ପରିତ୍ୟାଗ କରାଯାଇ ନଥିଲା। ଏହା ୧୫ ଟି ଟି-୨୦ ପାଇଁ ଚାଲିଲା - ସ୍ପଷ୍ଟତା ପ୍ରଦାନ କରିବା ପାଇଁ ଯଥେଷ୍ଟ ସମୟ। ଗିଲ୍ ୨୪.୨୫ ହାରାହାରି ଏବଂ ୧୩୭.୨୬ ଷ୍ଟ୍ରାଇକ୍ ରେଟ୍ ସହିତ ୨୯୧ ରନ କରିଥିଲେ। ପୃଥକ ଭାବରେ ସମ୍ମାନଜନକ ସଂଖ୍ୟା, କିନ୍ତୁ ସାମସନ୍ ଏବଂ ଅଭିଷେକ ଯାହା ପ୍ରଦର୍ଶନ କରୁଥିଲେ ତାହା ବିରୁଦ୍ଧରେ ଷ୍ଟାକ୍ କଲେ ଏହା ଦୁର୍ବଳ - ୧୮୦ ର ଉତ୍ତରରେ ଷ୍ଟ୍ରାଇକ୍ ରେଟ୍, ପ୍ରଥମ ବଲରୁ ସ୍ୱର ସେଟ୍ କରିଥିଲା।

# ଏସିଆନ ହ୍ୟାଣ୍ଡବଲ ଫେଡ଼ରେସନ କାଉନସିଲ ମେମ୍ବର ହେଲେ ଡ଼ ଆନନ୍ଦେଶ୍ୱର ପାଣ୍ଡେ

ଭୁବନେଶ୍ୱର, ୨୨।୧୨(ସବ୍ୟୁ) : ଇଜିପ୍ଟର କାଏରୋ ସହରରେ ୨୦ ଡ଼ିସେମ୍ବର ଏସିଆନ ହ୍ୟାଣ୍ଡବଲ ଫେଡ଼ରେସନର ୨୫ତମ ଓଡିନାରୀ କଂଗ୍ରେସ ଅନୁଷ୍ଠିତ ହୋଇ ଯାଇଛି। ଏହି ଠାରେ ହ୍ୟାଣ୍ଡବଲ ଆସୋସିଏସନର ଏକଜୁଟିଭ ଡିରେକଟର ଓ ପୂର୍ବତନ କୋଷଦକ୍ଷ ଭାରତୀୟ ଅଲମ୍ପିକ ସଂଘର ଡ଼ ଆନନ୍ଦେଶ୍ୱର ପାଣ୍ଡେ ୨୦୨୫ ରୁ ୨୦୨୯ କାଉନସିଲ ମେମ୍ବର ନିର୍ବାଚିତ ହୋଇଛନ୍ତି ଡ଼ ପାଣ୍ଡେ ସାଉଥ ଏସିଆନ ହ୍ୟାଣ୍ଡବଲ ସଙ୍ଘର ସାଧାରଣ ସମ୍ପାଦକ ଅଛନ୍ତି ଡ଼ ଆନନ୍ଦେଶ୍ୱର ପାଣ୍ଡେ ଏହି ସଫଳତା ପାଇଁ ଭାରତ ହ୍ୟାଣ୍ଡବଲ ଖେଳାଳିଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି । ଡ଼ ଆନନ୍ଦେଶ୍ୱର ପାଣ୍ଡେଙ୍କୁ ହ୍ୟାଣ୍ଡବଲ ଆସୋସିଏସନ ଇଣ୍ଡିଆର ସମ୍ପାଦକ ଡ଼ ତେଜରାଜ ସିଂ, ଓଡିଶା ହ୍ୟାଣ୍ଡବଲ ସଂଘ ସମ୍ପାଦକ ଇଂ ମାନସ କୁମାର ସିଂ ଓ ଅନ୍ତର୍ଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ଅଭିନନ୍ଦନ ଜଣାଇଛନ୍ତି ।



ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି